# ଯତ୍ରୀ ଶପଥ

—ଉପନ୍ୟାସ—

| | | |
|---|---|---|
| ଉଦ୍‌ଭ୍ରାନ୍ତ | ... | ୨ୟ ମୁଦ୍ରଣ |
| ଭୁଲିଲ ସତେ ସଖି | ... | ୧୧ଶ ମୁଦ୍ରଣ |
| ଆସିବ କେବେ ପ୍ରିୟ | ... | ୨ୟ ମୁଦ୍ରଣ |
| ଚରିତ୍ରହୀନାର ଚିଠି | ... | ୨ୟ ମୁଦ୍ରଣ |
| ସର୍ବହରା | ... | ୨ୟ ମୁଦ୍ରଣ |
| ହାଁରେ ଦୁର୍ଭାଗା ଦେଶ | ... | ୧ମ ଓ ୨ୟ ଖଣ୍ଡ |
| ସବୁ କଣ ମିଛ | ... | ୨ୟ ମୁଦ୍ରଣ |
| ଅପୂର୍ବ ପ୍ରେମ | ... | ୨ୟ ମୁଦ୍ରଣ |
| ବର୍ଷାର ଶେଷ | ... | ୩ୟ ମୁଦ୍ରଣ |
| ସେ ମରନାହିଁ | ... | ୨ୟ ମୁଦ୍ରଣ |
| ନୁହେଁ ସେ ପ୍ରେମିକା | ... | ,, ,, |
| ମୁଠାଏ ପାଉଁଶ | ... | ,, ,, |
| ସୁକାନ୍ତର ସ୍ତ୍ରୀ | ... | ,, ,, |
| ସେଇ ତରୁଣୀ ସୁନ୍ଦରୀ | ... | ,, ,, |
| କଳା ଛୁରି | ... | ,, ,, |

ସୁନା ପ୍ରତିମା

ଅଗ୍ନି-ଶପଥ

ତରୁଣ କବିର ଆଶା

—ନାଟକ—

ଧର୍ମ ପତ୍ନୀ ... ୨ୟ ମୁଦ୍ରଣ

ଜମିଦାର

ଲାଲ ଗୁବୁକ

—ଗଳ୍ପ—

ଗୋଟିଏ ରାତିର ସାଥୀ

କଙ୍କାଳ

—କବିତା—

ସେ ... ୨ୟ ମୁଦ୍ରଣ

କେବେ କେବେ ଲେଖା

ପ୍ରକାଶକ :
'ଲକ୍ଷ୍ମୀ' ପ୍ରକାଶନୀ
ରାଉରକେଲା-୧

●

ମୁଦ୍ରଣ :
ହିନ୍ଦୁସ୍ଥାନ ପ୍ରିଣ୍ଟର୍ସ
ରାଉରକେଲା-୧
ଜାନୁଆରୀ—୧୯୭୨

●

ମୂଲ୍ୟ :
୭୫ ନୂ: ପ:

●

ପ୍ରଚ୍ଛଦପଟ :
'ଭାନୁଶ୍ରୀ'

ପୁରୀ...

ତାଳଚେର୍ ଟ୍ରେନ ଦେଡଘଣ୍ଟା 'ଡେରିରେ ଆସି ଲାଗିଲା ।

ଅନ୍ଧାର ରାତି, ପ୍ଲାଟଫର୍ମ ଉପରେ ଲାଇଟ୍ ପୋଷ୍ଟର ରୋଷଣି ଟିକିଏ ବେଶୀ ମନେ ହେଉଛି । ଚମଡା ସୁଟ୍‌କେଶ ଖଣ୍ଡିକ ହାତରେ ଧରି କମ୍ପାର୍ଟ-ମେଣ୍ଟ ଭିତରୁ ଓହ୍ଲାଇଲା ପ୍ରିୟନାଥ । ଓହ୍ଲାଇ ଟିକିଏ ଛିଡାହୋଇ ଚାରିଆଡେ ଚାହିଁଲା । ଜଗନ୍ନାଥ ଧାମରେ ମହାପ୍ରଭୁଙ୍କ ଲୀଳାର ଅବସାନ ନାହିଁ । ବାରମାସୀ କିଛି ନାଁ କିଛି ଉତ୍ସବ ଲାଗି ରହିଛି । ସମସ୍ତ ଟ୍ରେନ୍‌ଟା ଖାଲି ହୋଇଗଲା ଏଇଠି । ଯାତ୍ରୀ ସଂଖ୍ୟା ମନ୍ଦ ନୁହେଁ । ଫାଟକ ପାଖରେ ବେଶ୍ ଭିଡ । ପଶ୍ଚିମିଆ ଯାତ୍ରୀଙ୍କ ଗହଳି ଭିତରେ ଠେଲି ପେଲି ହୋଇ ପ୍ରିୟନାଥ ଆସିଲା ବାହାରକୁ ।

ମଣିକୁ ଖାଗୁଣା ଝାଁପିଲା ପରି ପଶ୍ଚିମିଆ ଯାତ୍ରୀଙ୍କୁ ଘେରି ଗଲେ ପଣ୍ଡା, ପଡିହାରୀଙ୍କ ଦଳ । ଆଗରୁ ଯେଉଁମାନେ ତକାଡୋଲାଙ୍କ ଚଳନ୍ତ ପ୍ରତିନିଧିଙ୍କ ଯାଲରେ ପଡ଼ି ଯାଇଛନ୍ତି, ସେମାନେ ମୁଣ୍ଡରେ ଗଣ୍ଠିଲି ଥୋଇ, ପିଠିରେ ବୁକୁଚି ଝୁଲେଇ, ଜଗନ୍ନାଥ ଭଲେ ବିରାଜେ ହୋ, ନାରା ଲଗେଇ ବଡ଼ଦାଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରି ଦେଲେଣି । କଲିକତା ବଙ୍ଗାଳି ଦାଦା ଭାଇଙ୍କୁ ଘେରି, ରିକ୍ସା ବାଲା ଆଉ ବଗି ଗାଡ଼ିର ମାରଫତଦାର ମାନେ ଭଡା ଦର ଛିଣ୍ଡା ଛିଣ୍ଡି ନେଇ ହୋ-ହା ଆରମ୍ଭ କରିଦେଇଛନ୍ତି । କିଛି ଦୂରରେ ଛିଡା ହୋଇଛି ଭଙ୍ଗା

ପୁଣି..

ତାଲଚେର ଟ୍ରେନ ଦେଢଘଣ୍ଟା ଡେରିରେ ଆସି ଲାଗିଲା ।

ଅନ୍ଧାର ରାତି, ପ୍ଲାଟଫର୍ମ ଉପରେ ଲାଇଟ୍ ପୋଷ୍ଟର ରୋଷଣି ଟିକିଏ ବେଶୀ ମନେ ହେଉଛି । ଚମଡା ସୁଟ୍‌କେଶ ଖଣ୍ଡିକ ହାତରେ ଧରି କମ୍ପାର୍ଟମେଣ୍ଟ ଭିତରୁ ଓହ୍ଲାଇଲା ପ୍ରିୟନାଥ । ଓହ୍ଲାଇ ଟିକିଏ ଛିଡାହୋଇ ଚାରିଆଡେ ଚାହିଁଲା । ଜଗନ୍ନାଥ ଧାମରେ ମହାପ୍ରଭୁଙ୍କ ଲୀଳାର ଅବସାନ ନାହିଁ । ବାରମାସୀ କିଛି ନାଁ କିଛି ଉତ୍ସବ ଲାଗି ରହିଛି । ସମସ୍ତ ଟ୍ରେନ୍‌ଟା ଖାଲି ହୋଇଗଲା ଏଇଠି । ଯାତ୍ରୀ ସଂଖ୍ୟା ମନ୍ଦ ନୁହେଁ । ଫାଟକ ପାଖରେ ବେଶ୍ ଭିଡ । ପଶ୍ଚିମିଆ ଯାତ୍ରୀଙ୍କ ଗହଳି ଭିତରେ ଠେଲି ପେଲି ହୋଇ ପ୍ରିୟନାଥ ଆସିଲା ବାହାରକୁ ।

ମଠକୁ ଶାଗୁଣା ଝାଁପିଲା ପରି ପଶ୍ଚିମିଆ ଯାତ୍ରୀଙ୍କୁ ଘେରି ଗଲେ ପଣ୍ଡା, ପଡିହାରୀଙ୍କ ଦଳ । ଆଗରୁ ଯେଉଁମାନେ ଚକାଡୋଳାଙ୍କ ଚଳନ୍ତି ପ୍ରତିନିଧିଙ୍କ ପାଲରେ ପଡ଼ି ଯାଇଛନ୍ତି, ସେମାନେ ମୁଣ୍ଡରେ ଗଣ୍ଠିଲି ଥୋଇ, ପିଠିରେ ବୁଜୁଲି ଝୁଲେଇ, ଜଗନ୍ନାଥ ଭଲେ ବିରାଜେ ହୋ, ନାରା ଲଗେଇ ବଡ଼ଦାଣ୍ଡ ଅଭିମୁଖେ ଯାତ୍ରା ଆରମ୍ଭ କରି ଦେଲେଣି । କଲିକତା ବଙ୍ଗାଳି ଦାଦା ଭଦ୍ରଙ୍କୁ ଘେରି, ରିକ୍ସା ବାଲା ଆଉ ବଗି ଗାଡ଼ିର ମାରଫତଦାର ମାନେ ଭଡା ଦର ଛିଣ୍ଡା ଛିଣ୍ଡି ନେଇ ହୋ-ହା ଆରମ୍ଭ କରିଦେଇଛନ୍ତି । କିଛି ଦୂରରେ ଛିଡା ହୋଇଛି ଭଙ୍ଗା

ଟାଉନ୍ ବାସ୍ । ମଝିରେ ମଝିରେ ଫଣା ପମ୍ପଟାକୁ ପେଁ-ପେଁ କରି ତା ଅସ୍ତିତ୍ୱର ସଙ୍କେତ ଦେଉଛି । ପ୍ରିୟନାଥ ଟିକଏ ଇତଃସ୍ତତଃ ହେଲା । ରିକ୍ସା କରିବ ନାଁ ଟାଉନ୍ ବାସ୍ ?

ଯାଃ···

କୁଉଠିକି ଯିବ, ଏଯାଏଁ ସେ ଠିକ୍ ନାହିଁ ।

ଲେଖା ଯୋଖା ମାଉସୀଝିଅ ଭଉଣୀଘର ଅଛି ଗୋଟାଏ ମରିଚକୋଟ ଗଲିରେ । ମାଟ୍ରିକ ସେକେଣ୍ଡ କ୍ଲାସ ପର୍ଯ୍ୟନ୍ତ ପୁରୀଜିଲା ସ୍କୁଲରେ ପଢିଥିଲି ସେ । ସେ ଆଜିକୁ ଛ ବର୍ଷ ତଳର କଥା । ତେବେ ବି ଛାତ୍ର-ସାଥୀ ପ୍ରମଥଚନ୍ଦ୍ରର ଘରଟା ହେରିଗୋହିରୀ ସାହିରୁ ଖୋଜି ବାହାର କରିବାକୁ ତାକୁ ଡେରି ଲାଗିବ ନାହିଁ । ପ୍ରମଥର ଝିଅ ନିରୁପମା, ଏବେ ବି ଚହ୍ନିବେ ତାକୁ । ଭାରି ଅମାୟିକ । ଯେମିତି ମେଳାପି, ସେମିତି ସ୍ନେହୀ । ହେଲେ, ଏତେ ରାତିରେ ଯାଇଁ ତାଙ୍କ ଉଠେଇ, ବିଗତ ଛ ବର୍ଷର ପାଶୋରା ସ୍ମୃତିକୁ ପୁଣି ମନେ ପକେଇ ଦବାକୁ ଚେଷ୍ଟା କରିବା, ନିହାତି ଅଭଦ୍ରାମି ହେବ । ତାଠୁ ବରଂ···

ବାବୁ ?

ପ୍ରିୟନାଥ ପଛକୁ ଫେରି ଚାହିଁଲା । ଚଉଦ ପନ୍ଦର ବର୍ଷର ଗୋଟିଏ ଟୋକା । ହାଫ୍ ସାର୍ଟ୍ ଖଣ୍ଡେ ପିନ୍ଧିଛି । ମୁଣ୍ଡର ବାଲ ଯାଲୁରୁ ବାଲୁରୁ ହେଇ ମୁହଁ ଉପରେ ପଡ଼ିଛି । ବିଜୁଳି ଆଲୁଅ ତେଜରେ ଗୋରା ମୁହଁ ତାର ଝକ ଝକ କରୁଛି । ଓଠରେ ତାର ବଙ୍କଟେ ହସ । ଅସ୍ତଗାମୀ ସୂର୍ଯ୍ୟର କ୍ୱଚିତ ଲାଲିମା ।

ବାବୁ ? ପିଲାଟି, ପ୍ରିୟନାଥକୁ ଫେରି ଚାହିଁବା ଦେଖି କହିଲା, ହୋଟେଲ ଯିବେ ?

ହୋଟେଲ ? ପ୍ରିୟନାଥ ଅର୍ଦ୍ଧସ୍ୱଗତ ଭାବରେ ପ୍ରଶ୍ନ କଲା, କୁଉଠି ତୁମ ହୋଟେଲ ?

ସମୁଦ୍ରକୂଳରେ ।

ସମୁଦ୍ର କୂଳରେ ଓଡ଼ିଆ ହୋଟେଲ ?

ହଁ, ଆଜ୍ଞା ।

ରହିବାର ସୁବିଧା ଅଛି ?

ହଁ, ଆସନ୍ତୁ । ପିଲଟି ପ୍ରିୟନାଥ ହାତରୁ ସୁଟ୍‌କେସଟି ଟାଣି ନେଇ ଚାଲିବାକୁ ଆରମ୍ଭ କଲା ।

କେତେବାଟ ଏଠିକି ହେ ? ଏତେ ରାତିରେ ଚାଲି ଚାଲି ଯାଇ ହେବ ନା ?

ରିକ୍‌ସା କରିବେ ?

କାହିଁକି ଚାଲି ଯିବୁ କେମିତି ?

ରିକ୍‌ସା ପଛେ ପଛେ, ପିଲଟି ସହଜ ଗଳାରେ ଉତ୍ତର ଦେଲା ।

ପ୍ରିୟନାଥ ମନେ ମନେ ହସିଲା କହିଲା, ଆଚ୍ଛା, ରିକ୍‌ସା ଦରକାର ନାହିଁ । ଚାଲ ଚାଲ ଯିବା ଚାଲ । କେତେ ଦୂର ଏଠିକି ?

ଏଇ ପାଖରେ ବାବୁ । ପିଲଟି ସୁଟ୍‌କେଶ ଖଣ୍ଡିକ ମୁଣ୍ଡ ଉପରେ ଥୋଇ ଚଞ୍ଚଳ ପଦକ୍ଷେପରେ ଆଗେଇ ଚାଲିଲା ।

ତୋ ନାଁ କଣ ? ପଚାରି ପ୍ରିୟନାଥ ଖଣ୍ଡେ ସିଗାରେଟ ଲଗେଇଲା ।

ବେଣୁଧର । ଡାକନ୍ତି ମତେ ବାପ୍ପା ବୋଲି ।

ହୋଟେଲ ନାଁ କଣ ?

ସୁରଭି ଭୋଜନାଳୟ ।

ବେଶ୍ ଭଲ ନାଁଟି ତ ? କେତେଦିନ ହେଲା ଖୋଲିଛି ?

ଏଇ ତିନି ଚାରିମାସ ହେଲା ବାବୁ ।

ଭଲ ଚାଲିଛି ?

ନାଇଁ ବାବୁ, ଭଲ କଣ ଚାଲିବ ? ବୁଢାବାବୁ ତ ସଦାବେଳେ ଗାଲୁ ପଢିବା ଆଉ ଲେକଚର ଦବାରେ ବ୍ୟସ୍ତ । ଲୋକେ ଆସି ଖାଇ ଚାଲି ଯିବ, ପଇସା ମାଗିବେ ନାଇଁ । ମୁଁ ଜଗି ନବସିଥିଲେ ହୋଟେଲକୁ ତାଲୁ ପଲ ମାରନ୍ତାଣି ।

ତୁ କେତେ ପାଉ ?

ମୁଁ କଣ ପାଇବି ବାବୁ ? ସେଇ ଅନ୍ଧାରରେ ଫିକ୍ କରି ହସି ଉଠିଲା ବେଣୁଧର । ମୋ ଯୋଗୁଁ ତ ହୋଟେଲ, ମୁଁ ନରହିଲେ ତ ଦଣ୍ଡେ ଚଳିବନି ।

ତାହେଲେ ତ ଲାଭରୁ ତୋର ପାଉଣା ବେଶି ହବା ଉଚିତ ରେ ।

ଆମର ଲାଭ-ଫାଭ ହଏନି କିଛି । ସଦାବେଳେ ନଅଣ୍ଟ । ଧାର ଉଧାର କରି ଚଳୁ ।

ଏପରି ଗୋଟାଏ ଦେଉଲିଆ ହୋଟେଲକୁ ମତେ ନେଇ ଯାଉଛୁ କାହିଁକି ? କଣ ମିଳିବ ସେଠି ଖାଇବାକୁ ?

ପଇସା ଦେଲେ ସବୁ ମିଳିବ ବାବୁ । ଯା' ଖୁଜିବେ ।

ପଇସା ନଦେଇ ତୁମର ଏଠି କେହି ଖାଆନ୍ତି ନା କଣ ? ପ୍ରିୟନାଥ ବିସ୍ମୟ ଗଳାରେ ପଚାରିଲା ।

ନାଁ, ବାବୁ, ଖାଇସାରି ପଇସା ଦିଅନ୍ତି ନାହିଁ । ବୁଢା ବାବୁତ ହିସାବ ରଖନ୍ତି ନାହିଁ । ମୁଁ ମାଗିଲେ, କାଲି ଦେଇଯିବୁ କହି ଖସି ପଳାନ୍ତି । ଆପଣଙ୍କ ପରି ବାବୁଭାୟା କେତେ ଜଣଙ୍କୁ ମୁଁ ଗାଡ଼ି ପାଖରୁ ଆସି ଡାକି ଉକ୍ତି ନନେଉଥିଲେ କେବେଠୁଁ ଆମେ ଉପାସ ଭୋକରେ ମରନ୍ତୁଣି ।

ଆଚ୍ଛା ହୋଟେଲ ତ ତୁମର । ହଉ ଆଉ କେତେଦୂର ?

ଏଇ ତ ଆସିଲୁ । କହି ଏକ ପ୍ରକାର ଧାଇଁ ଧାଇଁ ବାଟ କେତେ ପାହୁଣ୍ଡ ଅତିକ୍ରମ କରି ଗୋଟାଏ ସୁଦୃଶ୍ୟ ଦ୍ୱିତଳ କୋଠା ବାରଣ୍ଡା ଉପରକୁ ଉଠିଗଲା ବେଣୁଧର ।

ଚାରିଆଡ ନିର୍ଜନ । ରାତି ଅନେକ ହେଇଛି । ସଦର ରାସ୍ତା ଉପରେ ଲାଇଟ ପୋଷ୍ଟର ମୁମୂର୍ଷୁ ଆଲୁଅ ଅନ୍ଧାର ଭିତରେ ପଥବଣା ହେଇ ବହୁ ଦୂରକୁ ହଜି ଯାଇଛି । ତାର ଏତେ ଟିକିଏ ରୋଷଣି ବି କୋଠା ପାଖରେ ନାହିଁ । ପ୍ରିୟନାଥ ଯେତେ ଚେଷ୍ଟାକଲା, ବାରଣ୍ଡା ଉଠି ଘର ଭିତରକୁ ଯିବା ଆଗରୁ ଥରେ କୋଠାଟାର ବାହାର ରୂପ ଦେଖିନେବ, ସମ୍ଭବ ହେଲାନାହିଁ କୌଣସି

ମତେ । ଖୁବ୍ କଷ୍ଟରେ ସାଇନ୍ ବୋର୍ଡଟାରୁ ଅକ୍ଷର କେତୋଟି ସ୍ପଷ୍ଟ ଦିଶି ହୋଇ ବାରହେଲା "ସୁରଭି ଭୋଜନାଳୟ" ।

ସମୁଦ୍ରଟା ଖୁବ୍ ପାଖରେ । ଅନ୍ଧାର ରାତିରେ ତାର ଦିଗନ୍ତ ପ୍ରସାରୀ ରୁଦ୍ର ଭୈରବ ରୂପଟା ଦେଖା ନଗଲେ ବି ଗର୍ଜନ ଶୁଣା ଯାଉଛି । ଶୂନ୍ୟ ଦୃଷ୍ଟିରେ ପ୍ରିୟନାଥ ଥରେ ସେଇଆଡ଼େ ଚାହିଁଲା ।

କିନ୍ତୁ କେତେକ୍ଷଣ ?

ତନ୍ମୟ ଭାବାବେଶରେ ଆସି ବାଧାଦେଲା ବେଣୁଧର । ବାବୁ, ଅତି ନମ୍ର ଆଉ କୋମଳ ସ୍ୱରରେ ଡାକିଲା ବେଣୁଧର । ଭିତରକୁ ଆସନ୍ତୁ । ବାହାର ବାରଣ୍ଡା ସିଡ଼ି ପାଖ ଦେଇ ଏଇ ଅଫିସ ଘର ଭିତରକୁ ଆସନ୍ତୁ । ଖୁବ୍ ଧିରେ ଧିରେ ଆସିବେ ବାବୁ । ଯୋତାର ଶବ୍ଦ ଯେମିତି ନଶୁଭେ । ଉପର ମହଲାରେ ବୁଢାବାବୁ ଶୋଇଁ ଛନ୍ତି । ଆଜି ସାରା ରାତି ଶୋଇବେ କି ନାହିଁ କେଜାଣି । ଆଶ୍ଚର୍ଯ୍ୟ ! ବେଣୁଧର ଏତେ ଡରମରି କଥା କହୁଛି କାହିଁକି ? ସାଧାରଣତଃ ଜଣେ ଗରାଖ ଆସିଲେ, ହୋଟେଲ ମାଲିକ ଖୁସି ହେବାର କଥା । ଚାକର ଏହି କଥା ଜଣାଇବାରେ ଗର୍ବ ଅନୁଭବ କରିବା କଥା । କିନ୍ତୁ ବେଣୁଧର ସମ୍ବାଦଟାକୁ ଏପରି ଲୁଚାଇ-ଛପାଇ ଗୁପ୍-ଚୁପ୍ ରଖିବାର ଉଦ୍ଦେଶ୍ୟ କଣ ? ମନକୁ ମନ, ଏଣୁ ତେଣୁ କେତେକଥା ଭାବି ପ୍ରିୟନାଥ ଧିରେ ଧିରେ ବେଣୁଧର ପଛରେ ଯାଇ ଅଫିସ ଘରକୁ ଆସିଲା ।

ବେଶ୍ ବଡ ଘର । ଦୁଆର ମୁହଁକୁ ଖଣ୍ଡେ ଟେବଲ, ଆଉ ତା ଚାରି ପାଖେ ତିନି ଚାରିଖଣ୍ଡ ଚେୟାର । ପଶ୍ଚିମ କାନ୍ଥ ପାଖକୁ ପଡ଼ିଛି ଖଣ୍ଡେ ତକ୍ତପୋଷ । ମଶାରି ବାଡ଼ି ବି ଲାଗିଛି ।

କାଲି ସକାଳେ, ଉପରେ ଆପଣଙ୍କ ପାଇଁ ଗୋଟିଏ ଶ୍ରେଷ୍ଠ ଘର ଠିକ କରିଦେବି ବାବୁ । ଆଜି ରାତିଟା ଏଇଠି ଶୋଇ ପଡନ୍ତୁ । ମଶାରି ଅଛି ତ ? ବେଣୁଧର ଖୁବ୍ ଆସ୍ତେ ଆସ୍ତେ କଥା କେତେ ପଦ କହିଲା ।

ଅଛି ସବୁ ସୁଟ୍‌କେଶ ଭିତରେ । ଏଇ ନେ ଚାବି । ଖୋଲ ସୁଟ୍‌କେଶଟା ।

ଦରଛଣ୍ଡା ମଶାରି ଖଣ୍ଡେ ଅଛି । ଆଉ ମଇଳା ବିଛଣା ଗୁଦ୍ରିର ଖଣ୍ଡେ । କାଢ଼ି ସେ ଦଉଣ୍ଡି । ଆଉ ମୋ ଲୁଙ୍ଗି ଟା । ଗୋଡ ହାତ ଧୋଇବାକୁ ପାଣି ଅଛି ? ପ୍ରିୟନାଥ କାମିଜ ଓହ୍ଲେଇ, ପକେଟରୁ ଗୁବ କାଢ଼ି ବେଣୁଧର ହାତକୁ ବଢାଇ ଦେଲ । ଏଇ ଘଣ୍ଟାକ ଭିତରେ ବେଣୁଧର ଯେମିତି ତାର କେତେ ଆପଣାର ହେଇ ଯାଇଛି ।

ଦକ୍ଷିଣ ପଟ ଦୁଆର ଖୋଲି, ପ୍ରିୟନାଥକୁ ଡାକି ନେଇଗଲ ଟବ୍ ପାଖକୁ ବେଣୁଧର । କହିଲ ପିଇବା ପାଣି ସେଘରେ ସୋରେଇରେ ଅଛି । ଖାଲି ମୁହଁ ହାତ ଧୋଇ ଆସନ୍ତୁ । ଖାଇବେ କଣ ? କହି ଉତ୍ତରର ଅପେକ୍ଷା ନରଖି ବେଣୁଧର ଘର ଭିତରକୁ ଆସି, ସୁଟ୍‌କେଶରୁ ଲୁଙ୍ଗି କାଢ଼ି, ଖଟଉପରେ ରଖିଲ । ମଶାରି କାଢ଼ି ଖଟ ବାଡରେ ଝୁଲେଇଲ । ବିଛଣା ଗୁଦିର କାଢ଼ି ଖଟ ଉପରେ ବିଛେଇଲ ।

ଗୋଡ ହାତ ଧୋଇ ଫେରି ଆସିଲ ପ୍ରିୟନାଥ । ଏ ଭିତରେ ଏତେ ସବୁ କରି ସାରିଲଣି ?

ବେଣୁଧର ହସିଲ ।

ଆଚ୍ଛା ଖାଇବା କଣ ? ତୁମ ଭୋଜନାଳୟତ ଶୂନ୍ ଶାନ ।

ରାତି ଗୋଟାଏ ହବ ଆସି । ବେଣୁଧର ନମ୍ରେଜ ଗଳାରେ କହିଲ, ଗ କରିଦେବି ?

ହଁ, ଗ୍ରୁ'କପେ ନହାତ ଦରକାର । ଏତେ ରାତରେ ଆଉ କ ଖାଇବା ଶରୀର ଦୃଷ୍ଟିରୁ ଭଲ ନୁହେଁ ।

ନାଇଁ ବାବୁ, କହିବେ ଅଣ୍ଡା, ଟୋଷ୍ଟ, ନଇଲେ ଆମଲେଟ, ଯା କହିବେ କରିଦେବି । ସବୁ ଏଇ ପାଖଘରେ ଅଛି । ଖାଲି ଭୟ ବୁଢା ବାବୁଙ୍କୁ ।

ମାନେ ? ପ୍ରିୟନାଥ ଆଶ୍ଚର୍ଯ୍ୟରେ ପଚାରିଲେ ।

ସେ ଶୋଇ ନାହାନ୍ତି କି ନାଁ ? ତଳେ ଝଟ ଖାଟ୍ ଶୁଣିଲେ, ମେ ଉପରେ ଆସି ରାଗିବେ । ମୁଁ ଯାଇଁ ସବୁଦିନ ରାତରେ ଲେକ ଡାକ ଆଣେ

ଏକଥା ସେ ଆଜିଯାଏ ଜାଣି ନାହାନ୍ତି ।

ତୁ ଲୋକ ଡାକି ଆଣିବାଟାକୁ ସେ କଣ ପସନ୍ଦ କରନ୍ତି ନାହିଁ ?

ତାଙ୍କ ପସନ୍ଦ ଅପସନ୍ଦ କଥା କଣ କହିବ ବାବୁ, ଯେ ଟଙ୍କିକା ନୋଟରୁ ଏଗାରଣା କାଟି ରଖି ପାଞ୍ଚଣା ଫେରେଇ ଦବା ବଦଳରେ ପାଞ୍ଚଟଙ୍କିଆ ନୋଟ ଦେଇ ବସନ୍ତି, ବଡ ଲୋକ ରହିବାକୁ ଆସିଲେ ଅପମାନ ଦେଇ ଫେରାଇ ଦିଅନ୍ତି, ରାସ୍ତାରୁ ରିକସା ବାଲାକୁ ଡାକି ଯେ ପଲାଉ ମାଂସ ଖାଇବାକୁ ଦିଅନ୍ତି ମଝିରେ କ୍ଲିନରକୁ ଡାକି ଯେ ରାଜନୀତି ଚର୍ଚ୍ଚା କରନ୍ତି···

ପ୍ରିୟନାଥ ବେଣୁଧରର କଥା ମଝିରେ ବାଧା ଦେଇ ପଚାରିଲା ବୁଢାବାବୁ କମ୍ୟୁନିଷ୍ଟ ନା କଣ ?

କେଜାଣି ବାବୁ ମୁଁ କହି ପାରିବିନି । କାଚ ଆଲମିରା ଖୋଲି ଚା' କେଟଲି ନେଇ ଘର ଭିତରୁ ଚାଲିଗଲା ବେଣୁଧର ।

କ୍ଲାନ୍ତ ଶରୀର ନେଇ ଖଟ ଉପରେ ଢଳି ପଡ଼ିଲା ପ୍ରିୟନାଥ । ମୁଣ୍ଡ ଉପରେ ଝରକା ଖୋଲା ରହିଛି । ପବନର ହିଲ୍ଲୋଳରେ ସମୁଦ୍ରର ଶୀତଳ ଜଳ କଣା । ଛୁଇଁ ଛୁଇଁଆ ହୋଇ ନିଦ ଲାଗି ଆସିଲା ପ୍ରିୟନାଥକୁ ।

ହଠାତ୍ ଗୋଟାଏ କି ଶବ୍ଦ ।

ପ୍ରିୟନାଥ ଉଠି ବସିଲା ଖଟ ଉପରେ ।

ସାମନାରେ ଟୋଷ୍ଟ ଆଉ ଚା କପ୍ ନେଇ ଠିଆ ହୋଇଛି ବେଣୁଧର, କିନ୍ତୁ ଦୁଆର ମୁହଁରେ ସେ କିଏ ? ଦୀର୍ଘକାୟ, ପ୍ରଶାନ୍ତ ଲଲାଟ, ଉଜ୍ଜ୍ୱଳ ଦୃଷ୍ଟି, ଗାମ୍ଭୀର୍ଯ୍ୟର ଦୀପ୍ତିମାନ ଉଦାର ମୂର୍ତ୍ତି !! ପ୍ରିୟନାଥ ଉଠି ଠିଆହେଲା ସସମ୍ଭ୍ରମେ । ନମସ୍କାର କଲା ନିଜ ଅଜାଣତରେ ।

ବସନ୍ତୁ । ଆପଣ ଏଇ ତାଳଚେର ଗାଡ଼ିରୁ ଆସିଲେ ?

ଆଜ୍ଞା ! ପ୍ରିୟନାଥ ନମ୍ର କଣ୍ଠରେ କହିଲା ।

ଆମ ହୋଟେଲର ସନ୍ଧାନ ପାଇଲେ କିପରି ?

ପ୍ରିୟନାଥ କଣ ଗୋଟାଏ ଜବାବ ଦେବାକୁ ଯାଉଥିଲା । କିନ୍ତୁ ହଠାତ୍

ବେଣୁଧରର ଦୃଷ୍ଟିରେ ଗୋଟାଏ କି ଅକୁହା ଇଙ୍ଗିତର ଆଭାଷ ପାଇ କହିଲା ମୋର ଜଣେ ବନ୍ଧୁଙ୍କଠାରୁ ଆପଣଙ୍କ ଭୋଜନାଳୟର ସୁନାମ ଶୁଣି ଆସିଲି ।

କେତେଦିନ ରହିବ ଏଠି ?

ଠିକ୍ ନାହିଁ ।

କାହିଁକି ଆସିଛ ?

ଏମିତି, ବିଶେଷ କିଛି ଉଦ୍ଦେଶ୍ୟ ନାହିଁ ।

କଣ କର ?

କିଛି ନାଁ ।

କେତେଦୂର ପଢିଛ ?

ସାମାନ୍ୟ ।

ହଁ, ସାମାନ୍ୟ ନିଶ୍ଚୟ । ତା ନହେଲେ ହୋଟେଲ ବାଲାକୁ ଆଗେ କେହି ନମସ୍କାର କରେ ନାଁ । ଚା' ଖାଅ । ଆଉ ଚା ଅଛି ବେଣୁଧର ?

ଅଛି ବାବୁ । କେଟେଲରୁ ଚା' ଢାଳି କପେ ବଢାଇ ଦେଲା ବେଣୁଧର ।

ଝୁର୍ଚ୍ଚି ଉପରେ ବସି ଚା' କପ୍‌ରେ ଚୁମକ ଦେଇ କହିଲେ ସ୍ଥିତପ୍ରଜ୍ଞ ବୃଦ୍ଧ, ମୋ ଭୋଜନାଳୟର ସୁନାମ ଶୁଣିଛ ବନ୍ଧୁଙ୍କ ଠାରୁ, କିନ୍ତୁ ମୋ ସମ୍ବନ୍ଧରେ ଦୁର୍ନାମ ଶୁଣିନି କିଛି ? ବୃଦ୍ଧ ରାଜେନ୍ଦ୍ର ଦାସ ନାଁରେ ଦୁର୍ନାମ ?

ଶୁଣିଛି କିଛି କିଛି । ପ୍ରିୟନାଥ ଟୋଷ୍ଟ ଦୁଇ ଖଣ୍ଡିକ ଉଦରସ୍ଥ କରି, ଚା' ପିଇ ପିଇ କହିଲା, ଆମ ଭୋଳା ରାଜେନ୍ ବାବୁଙ୍କର ଦୁର୍ନାମର କଣ ଶେଷ ଅଛି ? ଖାଇବାକୁ ଦେଇ ହିସାବ ରଖନ୍ତି ନାହିଁ । ବଡ ଲୋକଙ୍କୁ ହୋଟେଲରେ ରହିବାକୁ ଦିଅନ୍ତି ନାହିଁ । ଭୋଜନାଳୟର ଅଫିସ ଘରେ କମ୍ୟୁନିଜମ୍ ସମ୍ବନ୍ଧରେ ଭାଷଣ ଦିଅନ୍ତି, ସମାଜର ଦଳିତ ନିଷ୍ପେଷିତ, ଅସହାୟ ଜୀବ ଗୁଡ଼ାଙ୍କ ପ୍ରତି ତାଙ୍କର ଅହେତୁକ ମାୟା·····

ଭୁଲ୍ ଶୁଣିଚ । ତୁମର ବନ୍ଧୁ ହୁଏତ ମୋ ପରି ଗୋଟାଏ ସୃଷ୍ଟି ଛଡା ଜୀବ ନହେଲେ ବଡ଼ ପାଗଳ । ଆଉ ବାସ୍ତବିକ୍ ଯଦି ତୁମେ ସେଇପରି ବନ୍ଧୁଙ୍କ

ଠାରୁ ମୋ ଭୋଜନାଳୟ ସମ୍ବନ୍ଧରେ ଶତମୁଖି ଦୁର୍ନାମ ଶୁଣିବା ପରେ ବି ଏଠିକି ଆସି ଥାଅ, ତାହାଲେ ତୁମେ ଯେତେ ସମ୍ଭ୍ରାନ୍ତ ରୁଚିବୋଧର ଯୁବକ ହୋଇ ଥାଅ ନା କାହିଁକି, ଯେ ତୁମର ଏଠି ଦିନେବି ରହିବା ସମ୍ଭବ ନୁହେଁ, ଏଇଟା ଜାଣିରଖ । କାଲି ଦିନରେ କେତେବେଳେ ଅନ୍ୟ ହୋଟେଲ୍‌ର ବନ୍ଦୋବସ୍ତ କରି ବିଛଣା ପତ୍ର ଉଠେଇବାର ସୁବିଧା କରନେବ, କହି କାଠଉର ଖଟ ଖଟ ଶବ୍ଦ କରି ରାଜେନ୍ ବାବୁ ଚାଲିଗଲେ ଉପରକୁ ।

ବିଛଣା ଉପରେ ଟାଳି ପଡ଼ି, ପ୍ରିୟନାଥ ସେଦିନର ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ କାଗଜଟା ଥରେ ପଢ଼ିବାକୁ ଚେଷ୍ଟା କଲା । କିନ୍ତୁ ମୁଣ୍ଡ ଭିତରେ ସବୁ ଯେପରି ଗୋଳମାଳ ହୋଇଗଲା । ଆଲୁଅ ଲିଭେଇ ଦେଇ ସେ ଶୋଇବାର ଚେଷ୍ଟା କଲା । ଅନ୍ଧାର ଘର ଭିତରେ ଦୂରାଗତ ସମୁଦ୍ରର ତରଙ୍ଗ ମର୍ମ୍ମର ଏକ ମଧୁର ଛନ୍ଦର ରାଗିଣୀ ତୋଳଥାଏ । ସେଇ ରାଗିଣୀ ତଳେ ପ୍ରିୟନାଥର ସଂସାର ବିରାଗୀ ପ୍ରାଣ କି ଅମୃତଲୋକର ସନ୍ଧାନ ପାଇଲା କେଜାଣି ?

— ଦୁଇ —

ସୁରଭି, ଚା' ଦେଇଯା ।

ଆଜିର କାଗଜଟା କାହିଁ ?

ମୋ ଚଠି ଲେଖା ପ୍ୟାଡ୍ କେଉଁଠି ଅଛି ?

ସୁରଭି ? ସୁରଭି · ·ସୁରଭି ?

ଭୋଜନାଳୟର ପ୍ରକାଣ୍ଡ ପରିବେଶ ସକାଳ ପହରରୁ ପ୍ରତିଧ୍ୱନିତ ଏଇ ସୁରଭି, ସୁରଭି ଡାକରେ ! ରାଜେନ୍ ବାବୁଙ୍କର ଗୁରୁ ଗମ୍ଭୀର ଗଳାରେ ଏଇ ସୁରଭି ନାମର ଉଚ୍ଚାରଣ · · ଭୋଜନାଳୟର ପ୍ରାଣକେନ୍ଦ୍ରକୁ ଯେପରି ସ୍ପନ୍ଦିତ କରି ରଖିଛି । ଦିନର ପ୍ରତ୍ୟେକଟି ମୁହୂର୍ତ୍ତ ଏଠି ଯେପରି ଗନ୍ଧ ମଧୁର "ସୁରଭି" ଶବ୍ଦର ମୂର୍ଚ୍ଛନାରେ !

ଦିନ ନ'ଟା ପ୍ରାୟ । ଆକାଶ ନିର୍ମଳ । ସୂର୍ଯ୍ୟର ପ୍ରଖର କିରଣ, ପୁରୀ ସହର ଉପରେ ବିଛେଇ ହୋଇ ପଡ଼ୁଛି ! ହୋଟେଲ ସାମନାରେ ନାଲି ସଡ଼କ । ଏଇ ରାସ୍ତା ବଙ୍କେଇ ବାଙ୍କେଇ ଲମ୍ବି ଯାଇଛି ସମୁଦ୍ର କୂଳକୁ । ଲହରୀର ଗର୍ଜ୍ଜନ ଆଉ ଶୁଭୁନି ! ଭୋଜନାଳୟର ବାରଣ୍ଡା ଉପରେ, ଗୋଟିଏ ଆରାମ ଚେୟାର ଉପରେ ଆଉଜି ବସି··ପ୍ରିୟନାଥ ଚା ଖାଉଛି··ଆଉ ସିଗାରେଟ ଟାଣୁଛି । ଆଉ କୁଣ୍ଡଳୀକୃତ ସିଗାରେଟ ଧୂଆଁର ଘୂର୍ଣ୍ଣି ଭିତରେ ଦେଖୁଛି ରାସ୍ତାର ଲୋକ-ମାନଙ୍କ ଯା-ଆସ, ଚଲା-ବୁଲା ! ଭୋଜନାଳୟକୁ ଆସୁଛନ୍ତି ଦଳେ ଦଳେ, ଭାତ ଖାଇବାର ବେଳ ହୋଇନି··ଚା ଜଳଖିଆ ଖାଇ ଚାଲି ଯାଉଛନ୍ତି । ବେଣୁଧରହିଁ ଏଠି ପ୍ରଧାନ କାରପଟଦାର ! ସେଇ ଲୋକଙ୍କୁ ବସାଉଛି, ଚାକରମାନଙ୍କୁ ବରଉଛି, ନିଜେ ବି ପରଶୁଛି, ଆଉ ହିସାବ କରି ଟଙ୍କା ନେଉଛି । ବାକୀ ବକେୟା ବାବଦକୁ ଜଣେ କେତେଙ୍କୁ ତାଗିଦ ବି କରୁଛି । ନେହୁରା ହୋଇ ଆଦାୟ ଦେବାକୁ ଅନୁରୋଧ ବି କରୁଛି ।

କିନ୍ତୁ ଆସୁଛନ୍ତି ଯେ କେତେଜଣ, ପ୍ରଥମେ ସେମାନଙ୍କ ମୁହଁରେ କେତୋଟା ପ୍ରଶ୍ନ··ରାଜେନ୍ ବାବୁ ଉଠିଲେଣି ? ତଳକୁ କେତେବେଳେ ଆସିବେ ? ଆଜି ଦେଖାହୋଇ ପାରିବ ?

ସମସ୍ତଙ୍କ ପ୍ରଶ୍ନର ଗୋଟିଏ ରକମର ଜବାବ ବେଣୁଧର ମୁହଁରେ ! ସୁରଭି ଦିଦିଙ୍କି ସେ ପଢ଼ଉଛନ୍ତି !

ଦଳେ କଲେଜ ଛାତ୍ର ଆସିଲେ । ହାତରେ ସେମାନଙ୍କର ମୋଟା ମୋଟା ବହି । ଏଠି ସେମାନେ ଖାଆନ୍ତି ନିଶ୍ଚୟ । ଧରାବନ୍ଧା ମାସିକ ବୋର୍ଡିର ।

ଅଫିସର ବାବୁ ଭାୟା କେତେଜଣ ଆସି ଖାଇ-ପି ଗଲେ ।

ଏତକି ବଳଟେ ପିଲା ବେଣୁଧର ! କି ଚାଲାକ୍, କି ଚଞ୍ଚଳ ଆଉ କାର୍ଯ୍ୟବ୍ୟସ୍ତ !

କାହାର ଏତେ ଟିକିଏ ଅସୁବିଧା ନାହିଁ କି ଅଭିଯୋଗ ନାହିଁ ।

ତଥାପି ଏମାନେ ପଇସା ଠିକ୍ ସମୟରେ ଦିଅନ୍ତି ନାହିଁ ? ଖାଇ

ପଲେଇ ଯାଆନ୍ତି ? ଏ ହୋଟେଲ୍‌ର ଶୋଚନୀୟ ଆର୍ଥିକ ଦୁର୍ଗତି ? ବେୟାରକୁ ଗାଡ଼ି ପାଖରୁ ଲୋକ ଡାକି ଆଣିବାକୁ ହୁଏ ? ଆଶ୍ଚର୍ଯ୍ୟ···

ପ୍ରିୟନାଥ ମନେ ମନେ ଭାବେ, ଆଉ ମଝିରେ ମଝିରେ କାନପାତେ ଶୁଣେ ଉପର ମହଲରେ, ରାଜେନ୍ ବାବୁଙ୍କର ଚକ୍କାର ।

ସୁରଭି, ବେୟାକୁ ସାହାଯ୍ୟ କର ।

ପୁଷ୍ପାଙ୍କୁ ବଡେଇ ଆସ ।

ରୂକଗଣୀ କାହିଁ ? ଡାକଦେ ।

ଗୋଟାଏ ଯାଗାରେ ବସି ବୋଧହୁଏ ସୁରଭି ପ୍ରତି ରାଜେନ୍ ବାବୁଙ୍କର ଏ ନିର୍ଦ୍ଦେଶ । ପ୍ରିୟନାଥ ଅନ୍ଦାଜ କଲା ମନେ ମନେ । କି ବିଚିତ୍ର ଭୋଜନାଳୟ ଏ । କି ଆଶ୍ଚର୍ଯ୍ୟ ଏହାର ପରିଚାଳନା !

ଏକ ସାଙ୍ଗରେ ଗୁଡ଼ାଏ କାଗଜ ଦେଇଗଲା ହକର । ବ୍ଲିଜ, ଷ୍ଟାଣ୍ଡାର୍ଡ ଷ୍ଟେଟସମ୍ୟାନ, ସମାଜ, ନ୍ୟୁ ଏଜ୍, ଆଉ କେତେଟା ଗୋଟେ ବଡ଼ କାଗଜ !

ପ୍ରିୟନାଥ ସେ ଗୁଡ଼ାକ ଏଜେଣ୍ଟ ପାଖରୁ ନେଇ ଦେଖୁଛି, ବେୟାର ଆସି ହାଜର । କାଗଜ ଗୁଡ଼ାକ ଦିଅନ୍ତୁ ବାବୁ । ସାଙ୍ଗେ ସାଙ୍ଗେ ଉପରକୁ ନ ପଠେଇ ଦେଲେ ମୋ ମୁଣ୍ଡ ଆଉ ରହିବ ନାହିଁ । ବାବୁ ପଢି ସାରିଲେ ପଛକୁ ଆଣିଦେବ ।

ପଛକୁ ମୁଁ ରହିଲେ ସିନା ? ପ୍ରିୟନାଥ ଷ୍ଟାଣ୍ଡାର୍ଡ କାଗଜଟାର ହେଡ୍‌ଲାଇନ୍ ଗୁଡ଼ାକ ଉପରେ ଆଖି ବୁଲାଇ ନେଉ୨ କହିଲା, ରହିବାରେ ବଡ଼ ଅସୁବିଧା ଏଠି । ତା ଛଡ଼ା କାଲି ରାତିରେ ତ ହୁକୁମ କରିଛନ୍ତି ତୁମ ବାବୁ ··· ସକାଳ ହେଲେ ଚାଲିଯିବା ପାଇଁ ଏଠୁ···

ବାବୁଙ୍କ କଥା, ଆପଣ ଧରୁଛନ୍ତି ନା ? ରାତିରେ କଣ କହି ଦେଇଛନ୍ତି ସକାଳକୁ କଣ ଆଉ ମନେଥିବ ?

କଣ ମୋର ମନେ ନଥିବ ? ବଜ୍ର ଗମ୍ଭୀର କଣ୍ଠରେ ପ୍ରଶ୍ନକରି,ହଠାତ୍ ବାରଣ୍ଡା ଉପରେ ଆସି ଛିଡ଼ାହେଲେ ରାଜେନ୍ ବାବୁ । ମୋ କାଗଜ ସ

ଉପରକୁ ଯିବାରେ ଆଜି ଡେରି ହେଲା କାହିଁକି ବେଣୁଧର ବାବୁ ?

ରାଜେନ୍ ବାବୁଙ୍କ ମୁହଁରୁ ବାବୁ ଶବ୍ଦ ଶୁଣିଲା ପରେ, ବେଣୁର ହୃତ-ପିଣ୍ଡରେ ଆଉ ପ୍ରାଣର ସ୍ପନ୍ଦନ ରହିଲା ପରି ଜଣାଗଲା ନାହିଁ । ତଳକୁ ମୁହଁ ପୋତି ସେ ଏକା ଦୌଡ଼କେ ଭିତରକୁ ଛୁଟି ପଳାଇଲା । ଖୁର୍ଚ୍ଚି ଉପରୁ ସମ୍ଭ୍ରମରେ ଉଠି ଠିଆହେଲା ପ୍ରିୟନାଥ । କହିଲା··ବେଣୁର ଦୋଷ ନାହିଁ । କାଗଜ ଗୁଡ଼ାକ ମୁଁ ନେଇ ଦେଖୁଥିଲି··

ଦେଖିବ ଯଦି ଉପରକୁ ନେଇ ଚାଲ ଆସ । ଏଠି ବସି ଦେଖିଲେ, ଆଉ ଟିକିଏ ପରେ କାଗଜ ଗୁଡ଼ାକ ବେମାଲୁମ କୁଆଡେ ଅନ୍ତର୍ଦ୍ଧାନ ହୋଇଯିବ କହି, କାଗଜତକ ନିଜ ହାତରେ ସାଉଁଟି-ପାଉଁଟି ଧରି, ସିଡ଼ି ଚଢ଼ି ଉପର ମହଲକୁ ଉଠୁ ଉଠୁ କହିଲେ ରାଜେନ ବାବୁ, ଆମ ଦେଶର ଲୋକେ, ପଇସା ନଦଆ ପାଠୁଆ କିନା ! କାଗଜ କିଣି ଦେଶର ଖବର ପଢ଼ି ଜାଣିବା ଅପେକ୍ଷା, ପର କାଗଜକୁ ଟେକିନେଇ ନେଇ, ବଜାରରୁ ସଡ଼ା ମାଛ ବାନ୍ଧି ଗୃହିଣୀଙ୍କ ପାଖକୁ ନେବାରେ କାଗଜର ସଦ୍‌ବ୍ୟବହାର କରନ୍ତି ବେଶୀ ! ପ୍ରତିଦିନର କାଗଜତକ ପଢ଼ିସାରି ମୁଁ ଆଗେ ତଳକୁ ପଠେଇ ଦଉଥିଲି··ଚାକିରିଆଳିଙ୍କ ପଢ଼ିବା ପାଇଁ । କିନ୍ତୁ ଦେଖିଲି, ଚାକର ହାତରେ ଉପରୁ ତଳକୁ ପଠେଇଦେଇ ଟେବୁଲ ଉପରେ ପକେଇବା ସାଙ୍ଗେ ସାଙ୍ଗେ ଅଧ ଘଣ୍ଟାକ ଭିତରେ କୁଆଡେ ଯେ ଯାଏ ସେଗୁଡ଼ାକ··ତାର ଚନ୍ଦ୍ର ବର୍ଣ୍ଣ ମିଳେ ନାହିଁ । କଥାଟା କିନ୍ତୁ ସତ । କଲେଜ ଛାତ୍ର ଜୀବନରେ, ମାସିକ ପତ୍ର, ଆଉ ଉପନ୍ୟାସ ଟେକିନେଇ ନେବାର ସାଙ୍ଗସାଥି ମାନଙ୍କର ବଦାଭ୍ୟାସ ସମ୍ବନ୍ଧରେ ଅଭିଜ୍ଞତା ପ୍ରିୟନାଥର କମ୍ ନାହିଁ । ପ୍ରତିବାଦ ନକରି ସେ ନୀରବ ରହିଲା । ସିଡ଼ିର କେତୋଟା ପାହାଚ ଅତିକ୍ରମ କରି ଅଟକି ପଛକୁ ଫେରିଚାହିଁ କହିଲେ ରାଜେନ ବାବୁ ଉପରକୁ ଆସୁଛ ତ ?

ଆଜ୍ଞା ହିଁ··

ଟିକିଏ କେମିତି ଅନ୍ୟମନସ୍କ ପରି ଜଣା ଯାଉଛ । ରାଜେନ ବାବୁ ଉପରକୁ ଉଠୁ ଉଠୁ ପଚାରିଲେ ।

ଅନ୍ୟମନସ୍କ ? କାହିଁ ? ନାଇଁତ•••

କେତେଦିନ ରହିବ ପୁରୀରେ ?

ରହିବାର ସୁବିଧା ଜାଗା ଅନେ୍ୱଷଣରେ ବାହାରିବି । ଜାଗା ସୁବିଧା ଅସୁବିଧା ଉପରେ ମୋ ରହିବା ନରହିବା ନିର୍ଭର କରେ ।

ତୁମର ଅହଙ୍କାର ଅଛି ? ରାଜେନ ବାବୁ ଉପର ମହଲା ବାରଣ୍ଡା ଉପରକୁ ଉଠି, ପାରାପେଟ ସଲଗ୍ନ ଏକ ଶ୍ଲେଟ ଘର ଭିତରକୁ ଯାଇଁ ଆରାମ ଚେୟାର ଉପରେ ବସି, ପ୍ରିୟନାଥଙ୍କୁ ଡାକି ବସିବାକୁ ସଙ୍କେତ ଦେଲେ ।

ପ୍ରିୟନାଥ ଚେୟାରରେ ବସିବା ଆଗରୁ ଶ୍ଲେଟ ଘରଟିର ଚାରିପଟ କାନ୍ଥକୁ ଲକ୍ଷ୍ୟକରି ଦେଖିଲା•••ଘରଟି ଈଷତ୍ ଗୋଲାପି ରଙ୍ଗରେ ଡିସ୍‌ଟେମ୍ପର କରା ହୋଇଛି । କାନ୍ଥ ଦେହରେ ଗୋଟାଏ ବଡ ତୈଳଚିତ୍ର, ଘରର ଗୋଟିଏ କଣକୁ କାଚ ଆଲମିରା । ତା ଭିତରେ କେତେଖଣ୍ଡ ସୁଦୃଶ୍ୟ ବନ୍ଧେଇ ବହି । ଟେବଲ ଉପରେ ନୀଳରଙ୍ଗର ଖଣ୍ଡିଏ ଟେବଲ କ୍ଲଥ ଉପରେ ଗୋଟାଏ ପଟକୁ କେତେ ଗୁଡାଏ ଦୈନିକ, ସାପ୍ତାହିକ, ଆଉ ମାସିକ ପତ୍ରର ସ୍ତୁପ । ଅନ୍ୟପଟକୁ ଦୁଇଖଣ୍ଡ ବହି । ଖଣ୍ଡିଏ ଷ୍ଟାଲିନଙ୍କର ଜୀବନୀ, ଅନ୍ୟଟି ଜବାହାର-ଲାଲଙ୍କର ଡିସ୍‌କଭରି ଅଫ ଇଣ୍ଡିଆ ।

କାନ୍ଥର ତୈଳଚିତ୍ର ଆଡେ ନିରୀକ୍ଷଣ କରି ଚାହିଁଲା ପ୍ରିୟନାଥ । କାହାର ସେ ଛବି ? ଉଦାର ସୌମ୍ୟ ମୂର୍ତ୍ତି । ଶାନ୍ତ ନିର୍ଭିକ ଦୃଷ୍ଟି । ଯେପରି ତେଜସ୍ୱୀ, ସେଇପରି ମହିମ୍ନ !! ସେ କିଏ ରାଜେନ୍ ବାବୁ ନିଜେ !!

ଅହଙ୍କାର ଅଛି ତୁମର ? ରାଜେନ୍ ବାବୁ "ବ୍ଲିଜ" ମାଗାଜିନଟାର ପୃଷ୍ଠା ଓଲଟଉ ୨ ପୁଣି ପ୍ରଶ୍ନ କଲେ••• ବଡଲୋକର ଅହମିକା ! 'ଅଛି'ର ଅହଙ୍କାର ! 'ସବୁ ଅଛି'ର ଗର୍ବିତ ଅହଙ୍କାର !

ହଁ, ଅଛି, ପ୍ରିୟନାଥ କହିଲା 'ସବୁଅଛି'ର ଅହଙ୍କାର ନୁହେଁ 'କିଛି ନାହିଁ'ର ଆତ୍ମଭରିତା । ଶସ୍ୟ ଶ୍ୟାମଳା ଧରଣୀର ପରିପୂର୍ଣ୍ଣ ସମ୍ଭାରର ଗର୍ବ ନୁହେଁ, ଆକାଶର ଶୂନ୍ୟତାର ପରିବ୍ୟାପ୍ତି ଆଉ ବିଶାଳତାର ଅହଙ୍କାର ।

ବ୍ଲକ୍‌ର ପୃଷ୍ଠା ଉପରୁ ଦୃଷ୍ଟି ଅପସାରିତ କରି···ସ୍ମିର ଚକ୍ଷୁରେ
ଚାହିଁଲେ ପ୍ରିୟନାଥର ଆନତ ମୁଖ ଆଡକୁ । ଚାହିଁ ଯେପରି କଣ ଲକ୍ଷ୍ୟକ
ଦେଖିଲେ । ଅନ୍ତର୍ଗୃତ ସେ ଦୃଷ୍ଟି ଯେପରି ତୀକ୍ଷ୍ଣ ସେହିପରି ଅତଳ ସ୍ପର୍ଶୀ !

ଉତ୍ତର ଦେଇ ସାରି ପ୍ରିୟନାଥ ଉଠି ଠିଆ ହେଲା ।

ରାଜେନ୍ ବାବୁ ବାଧା ଦେଲେ । ଏ କଣ ଉଠି ଠିଆହେଲ କାହିଁକି ?
ବସ । ଜଳଖିଆ ଖାଇଲଣି ?

ନାଁ, ତଳକୁ ଯାଇ ଖାଇବ ।

ବସ, ଜଳଖିଆ ମୁଁ ଏଇଠିକି ଅଣେଇ ଦଉଛି । କହି ରାଜେନ ବାବୁ
ମୃଦୁ କଣ୍ଠରେ ଡାକିଲେ ସୁରଭି ?

ବେଶୀ ଡେରି ନୁହେଁ । ମିନଟ୍ ପାଞ୍ଚପରେ, ଦୁଇଟି ପ୍ଲେଟରେ ପ୍ରଚୁର
ଖାଦ୍ୟ ସାମଗ୍ରୀ ନେଇ ପାଖ ଘର ଭିତରୁ ଆସିଲା ବେଣୁଧର । ଟେବଲ ଉପରେ
ରଖିଦେଇ ରାଜେନ ବାବୁଙ୍କର ଆଉ କିଛି ହୁକୁମର ଅପେକ୍ଷାରେ ଠିଆ
ହେଉଥିଲା, ଏତିକିବେଳେ, କବାଟ ଆଢୁଆଳରୁ ମୃଦୁ କଣ୍ଠସ୍ୱରର ଆଦେଶ ଆସିଲା
ବେଣୁ ଚା' ନାଁ ହର୍ଲିକସ, ପଚାର ତ ।

ତୋର ଯା' ଖୁସି ମା ସେଇଆ ନେଇ ଆ ।

ତଳେ, ବାପାଙ୍କୁ କିଏ ଡାକୁଛି ଦେଖିତ ବେଣୁ, କହି ଗୋଟିଏ ଟ୍ରେ
ଟ୍ରେ ଉପରେ ଦୁ ଗ୍ଲାସ ହର୍ଲିକସ ନେଇ ଘର ଭିତରକୁ ଆସିଲା ସୁରଭି ।
ଟେବଲ ଉପରେ ଟ୍ରେରୁ ହର୍ଲିକସ ଗ୍ଲାସ ଓହ୍ଲାଇ ରଖି, ପ୍ରିୟନାଥକୁ
ନମସ୍କାର କଲା ।

ସାଧାରଣ ଯୁବକର ବ୍ୟତିକ୍ରମ ହଉଛନ୍ତି ପ୍ରିୟନାଥ । ତାଙ୍କର ରହି
ବାର କିଛି ସୁବିଧା ଉପରେ କରି ହବ ? ରାଜେନ ବାବୁ ସୁରଭିକୁ ଉଦ୍ଦେଶି
କରି ପଚାରିଲେ ।

ନାଁ ନାଁ । ମୋ ପାଇଁ ବ୍ୟସ୍ତ ହବାର କିଛି ନାହିଁ । ମୁଁ ଅନ୍
କେଉଁଠି ରହିବାର ଯାଗା ଖୋଜି ନେବି । ମୋର ସୁଖ ପାଇଁ ଆପଣମାନଙ୍କ

ଅସୁବିଧାରେ ପକେଇ ଶାନ୍ତି ପାଇବି ନାହିଁ । ସ୍ଥିର ଗଳାରେ ଉତ୍ତର ଦେଲ ପ୍ରିୟନାଥ ।

ଆପଣ ଆମର ସୁବିଧା ଅସୁବିଧା କଥା ବିଚାରୁଛନ୍ତି... କିନ୍ତୁ ମୁଁ ଭାବୁଛି ବାପାଙ୍କ ଆଦର୍ଶ ଆଉ ଶୃଙ୍ଖଳାର କଥା । ଉପରେ ଆପଣଙ୍କ ପାଇଁ ରହିବାର ସୁବିଧା କରି ଦିଆ ଯାଇପାରେ, କିନ୍ତୁ ବାପାଙ୍କ ସୁନାମ ଆଉ ସମ୍ଭ୍ରମରେ ଯେ ଆଞ୍ଚ ଆସିବ, ତାର କ୍ଷତି ପୂରଣ ଦେବ କିଏ ?

ଏପରି ମୁହେଁ ମୁହେଁ ଅପମାନ ଦେବ ସୁରଭି, ପ୍ରିୟନାଥ ଆଶା କରି ନ ଥିଲ । କିନ୍ତୁ ସେ ରାଗିଲା ନାହିଁ, କି ବିଚଳିତ ହେଲା ନାହିଁ, ବରଂ ଏଇ ତେଜସ୍ୱିନୀ ତରୁଣୀଟିର ସ୍ପଷ୍ଟୋକ୍ତିରେ ସେ ଆଶ୍ଚର୍ଯ୍ୟ ହେଲ । ଆତ୍ମସମ୍ମାନବୋଧର କି ଦୁରନ୍ତ ଅହଙ୍କାର ନେଇ... ଏଇ ତରୁଣୀଟି ଆଦର୍ଶର ଏକ ସ୍ତିମିତ ଅଗ୍ନି-ଶିଖା ପରି ଜଳି ଉଠିଛି, ମନେ ମନେ ସେଇଆ ଭାବି ସେ ଅବାକ୍ ହେଲା । ଗ୍ଲାସଟୁ ହୁଇସ୍କିସତକ ନିଃଶେଷ କରି ପ୍ରିୟନାଥ ଉଠି ଠିଆ ହେଲ, କହିଲ; ମୁଁ ଯାଏଁ...

ସୁରଭିର କଥାରେ, ମନରେ କିଛି ଭାବିନଥ ପ୍ରିୟନାଥ ? ମୁଁ ବେଳେ ବେଳେ ନିଜର ଅବସ୍ଥା ଆଉ ପରିସର କଥା ଭୁଲି— ତୁମପରି ଜଣେ ଅଧେ ଯୁବକଙ୍କଠି ଟିକିଏ ତେଜସ୍ୱିତାର ଆଭାସ ଦେଖି ଯେତେବେଳେ ଉଚ୍ଛ୍ୱସି ଉଠେ ସୁରଭି ହିଁ ମତେ ଏଇପରି ନିଷ୍ଠୁର ଭାବରେ ଆଘାତ ଦେଇ ପ୍ରକୃତିସ୍ଥ କରାଇ ଦିଏ !

ଆପଣଙ୍କ କଥାର ତାତ୍ପର୍ଯ୍ୟ ମୁଁ ବୁଝୁଛି । ସୁରଭି ଆପଣଙ୍କୁ ଆଘାତ ଦିଅନ୍ତି ନାହିଁ... ଯେଉଁ ବଡଲୋକି ଦୁନିଆର ଯେଉଁ ନିଦାରୁଣ ଆଘାତର ଜ୍ୱାଳା ଆପଣଙ୍କ ସଂସାରକୁ ଏବେ ବି ଦହନ କରୁଛି— ସେଇ ଦହନର ଶୋଚନୀୟ ପରିଣତି ସମ୍ବନ୍ଧରେ ସେ ଆପଣଙ୍କୁ ସଚେତନ କରେଇଦିଅନ୍ତି ।

ଏତିକିବେଳେ ଘର ଭିତରକୁ ପଶିଆସିଲା ବେଣୁଧର । ରାଜେନ୍ଦ୍ର ବାବୁଙ୍କୁ ଉଦ୍ଦେଶ୍ୟ କରି କହିଲ, ପ୍ରଭାସ ବାବୁ ଆସିଛନ୍ତି ।

ଆଉ କିଏ ? ରାଜେନ୍‌ବାବୁ ପଚାରିଲେ ।

ତାଙ୍କ ସାଙ୍ଗରେ ଆଉରି ତିନିଜଣ କିଏ ।

ପ୍ରଭାସ ବାବୁଙ୍କର ଆଜି ଆସିବା କଥା ଥିଲା ? ରାଜେନ୍ ବାବୁ ସୁରଭି ଆଡେ ମୁହଁ ଫେରାଇ ପଚାରିଲେ ।

ହଁ ଆସିବାର ଥିଲା, କିନ୍ତୁ ସନ୍ଧ୍ୟାକୁ । ସୁରଭି ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲା ।

ତାହେଲେ, ସେମାନଙ୍କୁ ମନା କରିଦେ ବେଣୁ ! କହ ସନ୍ଧ୍ୟାବେଳକୁ ଆସନ୍ତୁ । ଏଇକ୍ଷଣି ଦେଖା ହେବାର ସୁବିଧା ନାହିଁ ।

ନା' ସାର୍, ଆମେ ଆସିଛୁ ଗୋଟାଏ ଜରୁରି ପରାମର୍ଶ ପାଇଁ, କହି ଘର ଭିତରକୁ ପଶି ଆସିଲେ ଚାରିଜଣ ଯୁବକ ।

ଜରୁରି ପରାମର୍ଶ ? କଣ ହେଇଛି ପ୍ରଭାସ ?

ବିନୋବାଜି ଆସିଛନ୍ତି । ତାଙ୍କପାଇଁ ସଭାର ଆୟୋଜନ ଚାଲିଛି । ଅନେକ ତାଙ୍କୁ ଦେଖାକରି ଭୂଦାନ ସମ୍ବନ୍ଧରେ ପ୍ରଶ୍ନ ପଚାରିବାକୁ ଯାଉଛନ୍ତି । ଆପଣ ସେଦିନ ଯୁ ସବୁ ସମାସ୍ୟା କଥା କହୁଥିଲେ ସେ ବିଷୟରେ ଆମେ ପଚାରିବୁ ?

ତେଚ୍ଛା ହସ ଟିକିଏ ହସିଲେ ରାଜେନ୍ ବାବୁ । କହିଲେ ଯୁକ୍ତି ତର୍କର କିଛି ଉତ୍ତର ଦେଇ ସମାସ୍ୟାର ସମାଧାନ ହୁଏନା ପ୍ରଭାସ ! ବିନୋବାଜି ପଣ୍ଡିତ ଆଉ ରାଜନୀତିଜ୍ଞ । ଭୂଦାନ ସମ୍ବନ୍ଧରେ ତାଙ୍କର ଦର୍ଶନ ଆଉ ଦୃଷ୍ଟାନ୍ତର ଅଭାବ ନାହିଁ । ତୁମମାନଙ୍କ ପ୍ରଶ୍ନର ଯଥା-ଯଥ ଉତ୍ତର ସେ ଦେବେ ନିଶ୍ଚୟ । ମୋର ଅଭିଯୋଗ କେତେଟା ଶୁଷ୍କ ପ୍ରଶ୍ନର ଉତ୍ତର ନୁହେଁ କି, କେତେ ଏକର ଜମି ପୁରୀ ଜିଲାରୁ ମିଳିଲା କି ବିନୋବାଙ୍କ ଭୂକ୍ରାନ୍ତି ଆନ୍ଦୋଳନରେ ଆମ ପ୍ରଧାନ ମନ୍ତ୍ରୀ ଝାଁପ ଦେବାକୁ·· କେବେ ମନ୍ତ୍ରୀ ଦପ୍ତରରୁ ଇସ୍ତଫା ଦେଉଛନ୍ତି ସେ ହାସ୍ୟକର ପ୍ରଶ୍ନ ନୁହେଁ ! ମୁଁ ଜାଣିବାକୁ ଚାହେଁ, ସମ୍ପୂର୍ଣ୍ଣ ଅଳି ଜନପ । ଜମିବାଲାମାନେ ଜମି ଦେଲେ·· ତାକୁ ନେଲେ ବିନୋବାଜି

ନିଧି ମାନେ । ସେମାନେ ନେଇ ତାକୁ ବାଣ୍ଟି ଦେବେ ଭୂମିହୀନ ଲୋକଙ୍କ
ଭିତରେ । କିନ୍ତୁ ସମାଜରେ ମଣିଷର ବଞ୍ଚିବାର ମାନଦଣ୍ଡ କଣ କେବଳ
ମି ? ଶ୍ରେଣୀହୀନ ସମାଜ କଣ ପ୍ରତିଷ୍ଠା ହୋଇଯିବ ଏଇ ଭୂମିଦାନ
ଜରେ ? ମୋ ମତରେ·· ଭୂମିହୀନକୁ ଭୂମି ଦେବା ପରିବର୍ତ୍ତେ·· ଦୀନ
ରିଦ୍ରକୁ ମାନବିକତାର ଆଦର୍ଶରେ ମହିମାନ୍ୱିତ ହେବାର ଅଧିକାର ଦେବା
ଜିର ସମାଜରେ ସବୁଠୁ ବଡ଼ ପ୍ରଶ୍ନ । ସେ ପ୍ରଶ୍ନର ସମାଧାନ ନହେଲେ··
ମାଜର ପ୍ରତ୍ୟେକ ମଣିଷର ହୃଦୟର ପରିବର୍ତ୍ତନ ନହେଲେ··ମଣିଷ ଭାବରେ
ଣିଷର ଦାବୀକୁ ସ୍ୱୀକାର ନକଲେ, ଥିଲାବାଲା ମଣିଷର ଦାନରେ ନଥିଲା
ଲାର ଦୈନ୍ୟ ଘୁଞ୍ଚିଲେ ବି··ମଣିଷ ହିସାବରେ ବଞ୍ଚିବାର ଆନନ୍ଦ ଆସିବନି
ହିବେହେଲେ । ମଣିଷର ଇତିହାସ ସଂଘର୍ଷର ! ଦୟା ବା ଦାକ୍ଷିଣ୍ୟର ନୁହେଁ !
ଣୀ ଭାରତର ଐତିହାସିକ ସଂସ୍କୃତି ହେଲା ଶକ୍ତି ଆଉ ସାମର୍ଥ୍ୟର ଇତିହାସ !
କୌଣସି ଦେଶର ରଜା ଭୂଦାନ ମାଗିନି··ତା ଦେଶର ପ୍ରଜା ପାଇଁ । ରାଜ୍ୟର
ଦ୍ଧି ଆଉ ପରିବ୍ୟାପ୍ତି ସେ ଆଣିଛି ତା ମାନବିକ ଶକ୍ତିର ପରାକ୍ରମରେ । ଭିକ
ଗି ପେଟ ପୂରେନା । କମେଇ ନଆଣିଲେ ଧନ ଅଣ୍ଟେ ନାହିଁ । ଦାନ ନେଇ
ଦୈନ୍ୟ ଘୁଞ୍ଚେ ନାହିଁ । ଅର୍ଜ୍ଜନ କରିବାର ସାମର୍ଥ୍ୟହିଁ ମଣିଷର ଜୀବନୀଶକ୍ତି ! ଦୀନ
ଦ୍ରିର ଯୁ ଶକ୍ତି ଆଜି ଧନୀ ଆଉ ପରାକ୍ରମୀର ଅତ୍ୟାଚାରରେ ନିପୀଡ଼ିତ, ଥିଲା
ଲାର ଶାସନ ଚକ୍ର ତଳେ, ନଥିଲା ବାଲାର ଯେଉଁ ମାନ ସମ୍ଭ୍ରମ ଆଜି
ଣ୍ଠିତ, ମଣିଷତ୍ୱର ସେଇ ସମ୍ମାନବୋଧ ଅହଙ୍କାରକୁ ସମାଜର ନିରନ୍ନ ଆଉ
ଦ୍ର ଜନସାଧାରଣଙ୍କ ଭିତରେ ଜାଗ୍ରତ କରାଇବାହିଁ ହେଲା ପ୍ରଥମ କର୍ତ୍ତବ୍ୟ ।
ଦ୍ର ନାରାୟଣ ଭିତରେ ସେଇ ଶକ୍ତି ଜାଗ୍ରତ ହେଲେହିଁ·· ସେ ତାର
ୟୋଜନ ପାଇଁ ସଂଗ୍ରହ କରି ନେବ ଭୂମି, ଆହରଣ କରି ନେବ ଫସଲର
ଶ! ଜଣଙ୍କଠୁ ଦାନ ନେଇ ଅନ୍ୟ ଜଣକୁ ଦେଇ ତ ବିନୋବାଜି ସମାଜରେ
ୀ ବିଭେଦକୁ ଆହୁରି ବେଶୀ ପ୍ରଶ୍ରୟ ଦେଉଛନ୍ତି ! ଗ୍ରହିତା-ଦାତାର ଶ୍ରେଣୀ
ଲ୍ୟ ! ଦାନୀ ଆଉ ଭିକ୍ଷୁର ଉଚ୍ଚ-ନୀଚ ବିଭେଦ ! କହୁ ରାଜେନ୍ ବାବୁ

ଟିକିଏ ରହିଯାଇଁ କହିଲେ···ତୁମେମାନେ ଯାଅ ପ୍ରଭାସ । ବିନୋବାଜୀଙ୍କ ଦେଖାକର । କିନ୍ତୁ ମୋ ପ୍ରଶ୍ନର ଉତ୍ତର ତାଙ୍କୁ ପଚାରି ବୁଝିବାର ପ୍ରୟୋଜନ ନାହିଁ । କହି ସେ ଉଠି ପାଖ ଘର ଭିତରକୁ ଚାଲିଗଲେ ଧିରେ ଧିରେ ।

ସ୍ଥା ପରେ ସେଠି ଆଉ କେହି ରହିବାର କଥା ନୁହେଁ । କଥା ମଝିରେ ସୁରଭି କେତେବେଳୁ ଚାଲିଯାଇଥିଲା ସେଠୁ । ପରେ ପରେ ଗୋଟି ୨ ହୋଇ ବିଦାୟ ନେଲେ ସମସ୍ତେ । କେବଳ ଶୂନ୍ୟ ଘରେ କିଛିକ୍ଷଣ ସ୍ତବ୍ଧ ବିମୂଢ଼ ହୋଇ ଠିଆ ହୋଇ ରହିଲା ପ୍ରିୟନାଥ । ସ୍ଥିର ଆଉ ନିଷ୍ପଲକ ଦୃଷ୍ଟିରେ ଚାହିଁଲା କାନ୍ଥର ସେଇ ତୈଳଚିତ୍ର ଆଡେ । ତାପରେ, ଶିହରଣର ଗୋଟାଏ ଉତ୍ପ୍ର ଅନୁଭୂତି ନେଇ ଓହ୍ଲାଇଗଲା ତଳକୁ !

ତରଙ୍ଗାୟିତ ସମୁଦ୍ରର ବିଶାଳ ବକ୍ଷ, ପ୍ରଭାତର ସୂର୍ଯ୍ୟାଲୋକରେ ଝଲ-ମଲ କରୁଛି । ପ୍ରାଣ ସମୁଦ୍ରରେ ମନ-ଆକାଶ ଏଇପରି ଝଲମଲ କରେ ଯେତେବେଳେ ଉଠେ ଭାବନାର ଲହରୀ । ସେ ଲହରୀ ପୁଣି ଚନ୍ଦ୍ରାର ଝଡ଼ରେ ଯେତେବେଳେ ଆଘାତ ପାଏ, ଆନ୍ଦୋଳିତ ହୁଏ, ବିକ୍ଷୁବ୍ଧ ପ୍ରାଣ ସମୁଦ୍ର··· ଫୁଲି ଫୁଲି ଉଠେ ଫିହର୍ କେଟର ପରି । ଦେଖି ଭୟ ଲାଗେ···ସମୁଦ୍ର ରୁଦ୍ର ଭୈରବ ରୂପ !!

ରହିବାର ନୂତନ ମିତ୍ର ଖୋଜିବା ପାଇଁ ହୋଟେଲରୁ ବାହାରି ପ୍ରିୟନାଥ···ଚାଲି ଚାଲି ହୋଇ ଆସିଛି ସମୁଦ୍ର କୂଳକୁ । ଆସି ଠିଆ ହୋଇ ବେଳାଭୂମି ଉପରେ । ସମୁଦ୍ର ଲହରୀରୁ ପାଣି ଛିଟିକା ଆସୁଛି ପବନ ଦେହରେ । ସେ ପାଣି ଛିଟିକା ଭିତରେ ଯେପରି ସୀମାହୀନ ମହାଶୂନ୍ୟଲୋକର ସମ୍ବା ବିଞ୍ଚାଡ଼ି ପଡୁଛି ।

ଅଳ୍ପ ଦୂରରେ, ସମୁଦ୍ର ଲହରୀର ଘାତ ପ୍ରତିଘାତ ଭିତରେ ଦୁଇ ତରୁଣ ତରୁଣୀ ସ୍ନାନ ରତ ! ତରୁଣୀର ରକ୍ତାଭ ଅଞ୍ଚଳ ତରଙ୍ଗ ଦୋଳାରେ ଦୋଳାୟିତ । ଅନ୍ୟମନସ୍କ ଭାବରେ ସେ ଆଡକୁ କିଛି ସମୟ ଲକ୍ଷ କରି··· ପ୍ରିୟନାଥ ହଠାତ୍ ପୁଣି ଆସ୍ଥସ୍ଥ ହେଲା । ବେଳାଭୂମିର ନିର୍ଜନତା ଭିତରେ

ା ଆଶ୍ରୟର ସ୍ଥାନ କାହିଁ ? ତାକୁ ଯିବାକୁ ହବ କୋଳାହଳ ମୁଖରିତ ନଗରୀର ଭ୍ୟନ୍ତରକୁ··· । ସମୁଦ୍ର କୂଳରେ ଆଉ କେତେଟା ହୋଟେଲକୁ ଯାଇଁ ରହିବା ମ୍ବନ୍ଧରେ ସେ ଅନୁସନ୍ଧାନ କଲା । ଅଧିକାଂଶ ଯାଗାରେ ସ୍ଥାନର ଅଭାବ ! ୂଠି ବା ଅଛି, ସେଠି ଏକା ଟିକିଏ ଅଲଗା ହୋଇ ଶାନ୍ତିରେ ରହିବାର ସୁବିଧା ାହିଁ । ହୋଟେଲର ହଟ୍ଟଗୋଳ ସାଙ୍ଗେ ହୋ-ହା କରି ନାଚିବାକୁ ହେବ । ାହର ଭିତରେ ହୋଟେଲ ମାନଙ୍କରେ ରହିବାର ବନ୍ଦୋବସ୍ତ ନାହିଁ । ଖାଇବା ୀଇବାରେ ମଧ୍ୟ ମଣିଷର ଅରୁଚି ଧରି ଆସିବ । ଯେମିତି ଅପରିଷ୍କାର ସେମିତି ଅଭଦ୍ର ବ୍ୟବହାର ! ଉତ୍ତର ଭାରତରୁ ହିନ୍ଦୁସ୍ଥାନ ଯାତ୍ରୀ, ଆଉ ଓଡ଼ିଶା ାଫସଲର ହଳିଆ ଲୋକଙ୍କ ପାଇଁ ତିଆରି ଏସବୁ ହୋଟେଲ ମଣିଷଙ୍କୁ ଏଠି ାକୁର ପରି ଭାବି ଖଲପତ୍ର ଉପରେ ପେଜ ଲଗା ଭାତ କୁଡ଼ିଆ ଯାଏ···

ସେଇପରି ଗୋଟାଏ ହୋଟେଲରେ କୌଣସିମତେ ମଧ୍ୟାହ୍ନ ଭୋଜନ ାରି, ପ୍ରିୟନାଥ, ସେଇ ଖରାରେ ଟୋ-ଟୋ ହୋଇ ପୁଣି ସହରଯାକ ୁଲିଲା ।

ହେଲେ, ବୁଲିବା ହିଁ କେବଳ ସାର ହେଲା । ସୁରଭି ଭୋଜନାଳୟର ଁସେଇ ରୋମାଞ୍ଚକର ପରିବେଶ ପରି ଉତ୍ତେଜନାପୂର୍ଣ୍ଣ ବାୟୁମଣ୍ଡଳ ଅନ୍ୟ କୌଣସି ହୋଟେଲରେ ନାହିଁ । ପ୍ରିୟନାଥ ଭାବିଲା, ରହିବାର ସୁବିଧା ଯଦି ନ ହେବ ସୁରଭି ଭୋଜନାଳୟରେ, ଆଜି ରାତିରେ ହିଁ ସେ ଏ ସହରରୁ ବିଦାୟ ନେବ ।

ସମସ୍ତ ଦି'ପହର, ଆଉ ସନ୍ଧ୍ୟାର କେତୋଟି ଘଣ୍ଟା ପୁରୀ ମନ୍ଦିର ବଡ଼ା ଭିତରେ ଅନ୍ୟମନସ୍କ ଭାବରେ ବୁଲି, ହୋଟେଲକୁ ସେ ଫେରିଲା ପ୍ରାୟ ାଢ଼ ଆଠଟାକୁ । ଫେରିଆସି ଯାହା ଦେଖିଲା··· ସେଥିରେ ସ୍ତବ୍ଧ ହୋଇ ାଡ଼ାହେଲା କିଛିକ୍ଷଣ ପାଇଁ ।

ହୋଟେଲର ସାମନା ରାସ୍ତା ଉପରେ ଥୁଆ ହୋଇଛି କୋଡ଼ିଏ କି ଚିଶ ରିକ୍ସା । ହଠାତ୍ ଦେଖିଲେ ମନେହେବ, ସହରଟା ଯାକର ରିକ୍ସା

ଦୃଶ୍ୟଟି ଏଇଠି ଆସି ଶୁଷ୍କ ହୋଇଛି । ଦୁ ଗୁଟିଏ ଭଙ୍ଗା ଧାଡ଼ିର ମଝିରେ ବ
ଠିଆ ହୋଇଛୁ । ସାମନା ବାରଣ୍ଡା ଉପରେ ଗୋଟିଏ ଗୋଟିଏ ଟେବଲ୍‌କୁ ଘେର
ପଡ଼ିଛୁ ଗୁରଟା କରି ଖୁରୁଚ । ଆଉ ବସିଛନ୍ତି କେତେ ଗୁଡ଼ିଏ ଅଦ୍ଭୁତ ମଣିଷ
ଜୀବ ! କୋଚଟା ମଇଲା ଦରଚ୍ଛିଣ୍ଡା ଲୁଗା, କାମିଜ ଭିତରୁ କଳା ୨ ଦେହର
ଚେନାଏ ୨ ଅଂଶ ଦେଖାଯାଉଛୁ । ମୁଣ୍ଡରେ ବାଳ ସାଲୁରୁ- ବାଲୁରୁ ହୋଇ
ଉଡୁଛୁ । ଗଦାଏ ୨ ନାଲି ଧୂଳି ଜମିଛୁ ତା ଉପରେ । ସାରା ଦିନଭରି ଖଟି-
ବାର କ୍ଲାନ୍ତିରେ ବିବର୍ଣ୍ଣ ମୁହଁର ଚେହେରା । ଧୂସର- ପାଣ୍ଡୁର ଆଖି ପତା
ଉପରେ ଘର୍ମ ବିନ୍ଦୁ । ନାକ ଉପରେ ଦାଗ ୨ ହୋଇ ଲିଟିଛୁ କଳା । ହୁଏତ
ମୁହଁ ଧୁଆ ହୋଇନ । ହାତ ପରିଷ୍କାର ହୋଇନ । କିନ୍ତୁ ହୋଇଥିରେ ବସି
ଖାଇଗ୍ଲଲିଛନ୍ତି ସେମାନେ । ଭାତ, ଡାଲି, ଆଉ ମେଞ୍ଚାଏ ମେଞ୍ଚାଏ ତରକାରି !
ପେଟପୁରା ଭୋଜନର ପରିତୃପ୍ତି ସମସ୍ତଙ୍କ କଥାରେ । ବେଣୁଧର ସାଙ୍ଗରେ
ସୁରଭି ବି ପରିଶୁଛୁ । ରାଜେନ୍ ବାବୁ ଖଣ୍ଡେ ଦୂରରେ ସେମାନଙ୍କୁ କେନ୍ଦ୍ର କରି
ଠିଆହୋଇ ହୁକୁମ କରୁଛନ୍ତି... ସୁରଭି, ସନା ମଲ୍ଲିକକୁ ଡାଲି ଦେ । ଅର୍ପିଲ
ସ୍ୱାମୀକୁ ଗୁରୁ ଦେ । ଦାମିଆ ଭୋଇ ପାଇଁ ଆଉ ଭାତ ଆଣ ।

ତିରିଶ—ଗ୍ଲଳିଶ ଜଣଙ୍କର ପଙ୍ଗତ ବସିଛୁ । ଟିକିଏ ବୋଲି ଫୁରସତ୍
ନାହିଁ । ଭୋଜନାଳୟର ପ୍ରକାଣ୍ଡ ପରିବେଶ ହୁଲ-ସ୍ଥୁଲ୍ କମ୍ପୁଛୁ । ରାସ୍ତା ଉପରେ
କିଛିକ୍ଷଣ ଠିଆ ହୋଇ ଏସବୁ ଲକ୍ଷ କରି... ଅଧେଲୋକ ପ୍ରାୟ ଖାଇ ଉଠିଲା
ପରେ ପ୍ରିୟନାଥ ଆଗେଇଗଲି ଧିରେ ଧିରେ ।

କିଏ ? ପ୍ରିୟନାଥ ? ରାଜେନ୍ ବାବୁ ବୁଲିପଡ଼ି ପଗ୍ରରିଲେ ।

ଆଜ୍ଞା ।

କୁଆଡେ ଯାଇଥିଲ ସାରାଦିନ ?

ଘର ଖୋଜିବାକୁ ।

ପାଇଲ ?

ନାଁ ।

ରାଜେନ ବାବୁ ଟିକିଏ ଗମ୍ଭୀର ହେଇ ଛିଡା ହେଲେ । କହିଲେ
କେତେଦିନ ରହିବ ପୁରୀରେ ?
ନାଁ । ଆଜି ରାତରେ ଯିବା ।
କୁଆଡିକି ?
କିଛି ଠିକ୍ ନାହିଁ ।
ଆସିଥିବ କାହିଁକି ? ରାଜେନ ବାବୁ ବିସ୍ମୟରେ ପଚାରିଲେ ।
ମୁଁ ନିରୁଦ୍ଦେଶ ପଥର ଯାତ୍ରୀ ।
ଠୋ-ଠୋ କରି ହସି ଉଠିଲେ ରାଜେନ୍ ବାବୁ । ତୁମ ମୁଣ୍ଡ କେବେଠୁ
ଖରାପ ହେଇଛି ?
ଆଜି ସକାଳଠୁ । ରାଜେନ୍ ବାବୁ କଥାର ଉତ୍ତର ଦେଲା ସୁରଭି ।
ହେଲା ମୁଁ ତାଙ୍କ କଥା ଶୁଣୁଛି ବାପା , ତୁମେ ଟିକେ ଉପରକୁ ଯାଅ । ଶୁଣ
କେତେଜଣ ରିକ୍ସାବାଲାଙ୍କ ମାଲିକ ସେମାନଙ୍କୁ ଆଜି ଅକାରଣରେ ଗାଳି ଫଜିତ୍
କରିଛନ୍ତି । କାହିଁକି କରିଛନ୍ତି ସେମାନଙ୍କ କଥା ଶୁଣ । କାଲି ସକାଳେ ତାଙ୍କୁ
ଏଠିକି ଡକେଇ ତାଙ୍କୁ କ୍ଷମା ମାଗିବାକୁ ବାଧ୍ୟ କରାଯିବ । ତା ନହେଲେ ତାଙ୍କ
ରିକ୍ସାକୁ କେହି ଯେପରି ନଟାଣିବେ ତାର ବ୍ୟବସ୍ଥା କରିବାକୁ ହେବ । ହିନ୍ଦ୍
ସାଇକଲ ଦୋକାନର ଫିଟର ରହମତ ଆଲିକୁ ମାଲିକ ପଇସା ଚୋରି କରୁଛି
ବୋଲି ମିଥ୍ୟା ଅଭିଯୋଗ କରି ବାହାର କରି ଦେଇଛି । ସେ ଆଉ ଗୋଟାଏ
ଲୋକ କମ୍ ଦରମାରେ ଠିକ୍ କରିଛି । ଦୋକାନ ଆରମ୍ଭ କଲାବେଳେ ରହ-
ମତକୁ ବିନା ପଇସାରେ ଖଟେଇ ଖଟେଇ ଦୁମାସ ମାରିଛି । ଆଜି ଦୋକାନ
ଭଲ ହେଇଗଲା ପରେ ଦରମା ବଢାଇବାକୁ ପଡ଼ିବ ବୋଲି ଏ ଫିକର ।
ରହମତକୁ ନ ରଖିଲେ ତା ଦୋକାନ ବନ୍ଦ କରେଇ ଦେବାକୁ ପଡ଼ିବ । ଆଉ
ଟାକ୍ସି ଡ୍ରାଇଭର କେତେଜଣ ଆସିଛନ୍ତି । ମଟର ହେଲ୍ପର ଆଉ କ୍ଲିନର-
ମାନେ ଡ୍ରାଇଭରଙ୍କ ସାଙ୍ଗରେ ଏକାଠି ରହି ଅନୁଷ୍ଠାନ ଗଢିବାକୁ ଚାହାନ୍ତି
ନାହିଁ । ସେମାନଙ୍କ ଭିତରେ ଗୋଟାଏ ମିଳାମିଶା କରାଦବାକୁ ପଡ଼ିବ । ଘଡ଼ି

ଦୋକାନର କାରିଗର କେତେଜଣ ଆସି ବସିଛନ୍ତି, ସେମାନେ ଗୋଟାଏ ବ
ନିଷ୍ପତ୍ତି ଚାହାନ୍ତି । ତୁମେ ଉପରକୁ ଯାଅ, କହି ସୁରଭି ତରତରରେ ଭିତର
ଚାଲିଗଲା । ପ୍ରିୟନାଥ ଭାବିଲା, ରାଜେନ୍ ବାବୁଙ୍କର ଧନକ ଯାକର ହୋଟେ
ବ୍ୟବସାୟର ଲାଭ ସମାଜର ଏଇ ତଳିଆ ଜୀବ ଗୁଡ଼ାଙ୍କ ପଛରେ ଯାଏ । ଏ
ବୋଧହୁଏ ବାପ-ଝିଅଙ୍କର ପରମ ଶାନ୍ତି । ସୁରଭି ନିଜ ହାତରେ ଏମାନ
ଖୁଆଏ । ଖାଇବାର ଖର୍ଚ୍ଚ ଅବଶ୍ୟ ଏମାନେ ଦିଅନ୍ତି । ତେବେ ଲାଭ ଏମାନଙ୍କ
ନିଆଯାଏ ନାଁ । ଚାରେଣୀ ଦି ପଇସାରେ ଗୋଟିଏ ପେଟ ପୁରା ମି
ଏମାନେ ଏଠୁ ପାଆନ୍ତି । ଏଇମାନଙ୍କ ପାଇଁ ଏ ହୋଟେଲ । ଏଇମାନ
ଖୁଆଇ ବାପ-ଝିଅ ବଞ୍ଚନ୍ତି । ଏଇମାନଙ୍କୁ ନେଇ ଏମାନେ ସ୍ୱପ୍ନ ଦେଖନ୍ତି ତ
ବିଶାଳ ସଂସାରର । ସମାଜର ପୀଡ଼ିତ, ଦଳିତ ତଳିଆ ଜୀବ ଯେତେ ! ତଷ୍ଟ
ପରି ଯୁ' ମାନଙ୍କ ଜୀବନ, ସମାଜର ଥିଲାବାଲାଙ୍କ ପାଖରେ ସ୍ତୂପୀକୃତ ଆବର୍ଜ୍
ଯୁ' ମାନଙ୍କ ମୁଖର ଗ୍ରାସ ଯୁଟେନାଁ ଦିନସାରା ଖଟି ଖଟି, ରହିବାର ସ୍ଥା
ନାହିଁ, ରାନ୍ଧିବାର ହାଣ୍ଡି ନାହିଁ, ଚୁଲି ଫୁଙ୍କି ଦିଇଟା ଫୁଟେଇବାର ଅବସ
ନାହିଁ ଯୁ ମାନଙ୍କ ଜୀବନରେ ସେଇମାନଙ୍କ ପାଇଁ ରାଜେନ୍ ବାବୁଙ୍କର ଏ
ଭୋଜନାଳୟ । ଏଇ ଉଦାର ପ୍ରତିଷ୍ଠାନ ସୁରଭି ଭୋଜନାଳୟ ।

ବାହାରର ବାବୁ ଭାୟା ବି ଏଠି ଆସି ଖାଉଛନ୍ତି । କିନ୍ତୁ ସେମାନ
ପାଇଁ ବ୍ୟବସ୍ଥା ସ୍ୱତନ୍ତ୍ର । ଉପରରେ ସେମାନଙ୍କ ପାଇଁ ଫଟୋ ସଜ୍ଜା, ଆଇ
ଖଣ୍ଡା ସୁଦୃଶ୍ୟ ଡାଇନିଂ ହଲ ଅଛି । ସେଠି ଚାରି ପଇସା ଜିନିଷ ଚାରିଅଣ
ସେଠି ବେଶଧରର ପରିଚାଳନା, ଆଇନ ପରି କଡ଼ା । ଧୋବଧାବଳ
ବାବୁ ସେମାନେ, ଧପ୍ପା ଦେଇ ଠକନ୍ତି ବେଶୀ । ଖାଇସାରି-କହନ୍ତି ମ
ବ୍ୟାଗ ଘରେ ଭୁଲି ଆସିଛନ୍ତି । କାଲି ଆସି ଦେଇଯିବେ । ସେମାନ
'କାଲି' ଆଉ କେବେ ଆସେ ନାଁ । ଅଚଳନ୍ତି ଟଙ୍କା ଦେଇ ଖୁଚୁରା ମାଗନ୍ତି
ଜାଲ୍ ନୋଟ ଦେଇ କହନ୍ତି ବ୍ୟାଙ୍କରୁ ଆଣିଛନ୍ତି । ଏଇମାନଙ୍କ ପାଇଁ
ହୋଟେଲ ଦେଉଳିଆ । ଏତେ ବନ୍ଦୀ ସତ୍ତ୍ୱେ ବି ଧାର କରିବାକୁ ପଡେ

ଆସି ହୋଟେଲ ଭାଙ୍ଗି ଦବାର କଥା ଭାବିପାରନ୍ତି ନାହିଁ ରାଜେନବାବୁ ।
ମାନର ଏଇ ଭୋକି ମଜୁରିଆ ମାନଙ୍କୁ ଖାଇବାକୁ ଦବ କିଏ ?

ଭାବାକୁଳ ମନରେ ପ୍ରିୟନାଥ ଆକାଶ ପାତାଳ କେତେ କଣ ଭାବି- ଚାଲିଛି··ହଠାତ୍ ବେଣୁଧର ଆସି କହିଲା ଦଦ ଆପଣଙ୍କୁ ଡାକୁଛନ୍ତି, ଉପରକୁ ଆସନ୍ତୁ ।

ପ୍ରିୟନାଥ ଚମକି ଉଠିଲା । ପଚାରିଲା, ରାଜେନ୍ ବାବୁ ?

ସେ ବି ଉପରେ ଅଛନ୍ତି, କିନ୍ତୁ ବୈଠକ ଘରେ । ସେଠି ମିଟିଂ ହଉଛି । ପ୍ରତି ରବିବାର ଦିନ ସନ୍ଧ୍ୟାରେ ମିଟିଂ ହୁଏ । ସେଠିକି ଆପଣ ଯିବେ ନାହିଁ । ଆପଣ ସେଇ ଘର କଡ଼ପଟେ ସରୁ ରାସ୍ତା ଦେଇ ଚାଲିଯିବେ ଭିତରକୁ । ବାବୁଙ୍କର ଶୋଇବା ଘରେ ଦଦ ଆପଣଙ୍କୁ ଡାକୁଛନ୍ତି ।

ପ୍ରିୟନାଥ ଟିକିଏ ଆଶ୍ଚର୍ଯ୍ୟ ହେଲା । ହଠାତ୍ ସୁରଭି ତାକୁ ଉପରକୁ ଡାକେଇ ପଠେଇବା ମାନେ କଣ ?

ଦିନସାରା ବୁଲି ବୁଲି ଗୋଡ ହାତରେ ତାର ଆଣ୍ଠୁଏ ବହଳରେ ଧୂଳି ଲାଗିଥିଲା । ଟବ୍ ପାଖକୁ ଯାଇ ମୁହଁ ହାତ ଧୋଇ··ପ୍ରିୟନାଥ ସିଧା ଉଠିଗଲା ଉପରକୁ ।

ସକାଳେ ଯୁଁ ଘରେ ସେ ରାଜେନ୍ ବାବୁଙ୍କ ସାଙ୍ଗରେ କଥାଭାଷା କରୁ- ଥିଲା··ସେ ଘର ଭିତରେ ଆଉ ଦୁଆର ବାହାରେ ରୁଣ୍ଡ ହେଇଛନ୍ତି ପଚାଶକ ଜଣିଏ ଲୋକ । କିଛି ଗୋଟାଏ ଆଲୋଚନା ଚାଲିଛି । ପ୍ରିୟନାଥ ଗଲା, ବେଣୁଧରର ନିର୍ଦ୍ଦେଶାନୁସାରେ ସେଇ ଘର କରପଟେ ଲମ୍ବି ଯାଇଥିବା ଗ୍ରେଟ ଗଳି ବାଟରେ ଭିତରକୁ । ଆସି ପହଞ୍ଚିଲା ଗୋଟିଏ ପ୍ରଶସ୍ତ କକ୍ଷ ସାମନାରେ । ରାଜେନ୍ ବାବୁଙ୍କ ଶୋଇବା ଘର ! ଦୁଆର ଆଗରେ ଠିଆ ହୋଇ ସେ ଭିତର ପଟକୁ ଉଙ୍କି ମାରି ଦେଖିଲା ।

ଭିତରକୁ ଆସନ୍ତୁ । ସ୍ନିଗ୍ଧ ନାରୀ କଣ୍ଠର ଆହ୍ୱାନ । ଶଙ୍କିତ ପଦକ୍ଷେପରେ ପ୍ରିୟନାଥ ଗଲା ଭିତରକୁ ।

କେତେଦିନ ହେଲା ଆପଣ ଏମିତ ପଳେଇ ୧ ଲୁଚି ବୁଲୁଛନ୍ତି ?

ଲୁଚି ବୁଲୁଛି ? ପ୍ରିୟନାଥ ମନେ ମନେ ଚମକି ଉଠି ପ୍ରଶ୍ନ କଲା ସୁରଭିକୁ । ଆପଣ ନିଶ୍ଚୟ ଜାଣନ୍ତି ମୁଁ ଚୋର ନୁହେଁ ।

ଆପଣ ନିଶ୍ଚିତ ଭାବରେ ଯେ କଣ, ସେ କଥା ଆପଣ ନିଜେ ବି ଜାଣନ୍ତି ନାହିଁ । ଗଲା ଦେଢ଼ବର୍ଷ ଧରି ଗୋଇନ୍ଦା ପୁଲିସ ଆପଣଙ୍କ ପିଚ୍ଛା ଧରିଛି । ଆପଣ କଣ··ସେଇ ରହସ୍ୟ ଉଦ୍‌ଘାଟନ କରିବାକୁ ତାଙ୍କର ଉଦ୍‌ବେଗର ଶେଷନାହିଁ ।

ମୋ ପିଚ୍ଛାରେ ଗୋଇନ୍ଦା ପୁଲିସ ଲାଗିଛି ଆପଣ ଜାଣିଲେ କିପରି ?

ଆପଣ, ଆଜି ସକାଳେ ଏଠୁ ଯିବା ପରେ ପରେ ଆପଣଙ୍କ ଅନୁସନ୍ଧାନରେ ଆସିଥିଲେ ସି:ଆଇ:ଡ଼ି: ଇନ୍‌ସପେକ୍ଟର ସୁବୋଧ ବାବୁ ।

ଆପଣ ଏ ସମ୍ବାଦ ମତେ ଦେଇ ଖୁବ୍ ଉପକାର କରିଛନ୍ତି । ଧନ୍ୟବାଦ । ପ୍ରିୟନାଥ ଫେରିବାକୁ ମୁହଁ ବୁଲାଇଲା ।

କୁଆଡେ ଚାଲିଲେ ?

ଇନ୍‌ସପେକଟର ବାବୁଙ୍କ ପାଖକୁ ।

ତାଙ୍କ ପାଖରେ କାମ କଣ ? ସୁରଭି ପଚାରିଲା ।

ତାଙ୍କର ମୋ ପାଖରେ କାମ କଣ ସେଇଆ ପଚାରିବାକୁ ବରଂ ମୁଁ ଯିବି, ପ୍ରିୟନାଥ କହିଲା ଦୃଢ଼ ଗଳାରେ ।

ସୁରଭି ହସିଲା । କହିଲା, ସେମାନଙ୍କ ସମ୍ବନ୍ଧରେ ଆପଣଙ୍କ ଧାରଣା କଣ ଏଇ ପ୍ରଥମ ?

ନାଁ, ତା ନୁହେଁ । ଯେତେ ଯୁଁଠିକି ମୁଁ ଯାଇଛି · ମୋ ସମ୍ବନ୍ଧରେ ଅନୁସନ୍ଧାନର ଉତ୍ତର ଦବାକୁ ସେମାନଙ୍କ ଦ୍ୱାରସ୍ଥ ହେଇଛି ମୁଁ ଆଗେ । ମୋ ପଛରେ ସେମାନେ ଯେତେ ଯାହା ପଚାରି ବୁଲନ୍ତି ·ମୋ ସାମନାରେ ଠିକ୍ ତାର ଓଲଟା । ସହାନୁଭୂତି ଆଉ ସମ୍ବେଦନାରେ ସେମାନେ ଶତମୁଖ ହେଇ ଉଠନ୍ତି ।

କିନ୍ତୁ ଆପଣଙ୍କ ସମ୍ବନ୍ଧରେ ପଚାରି ବୁଝିବା ଜିନିଷ ଅଛି ବା କଣ ?

ପ୍ରିୟନାଥ ଏଥର ଟିକିଏ ହସିଲା । କହିଲା ଆଜି ସକାଳଠୁ ମୋ ମୁଣ୍ଡ ଖରାପ ହୋଇଥିବା କଥା ଆପଣ ଜାଣିଥିଲେ ବି, ଆପଣଙ୍କ ପ୍ରଶ୍ନର ଉତ୍ତର ଦବାର ବୁଦ୍ଧି ମୋର ଏବେ ବି ହେଉନି । ମୁଁ ବୁଝି ପାରୁଛି, ମୋ ସମ୍ବନ୍ଧରେ ଆପଣ କିଛି ବୁଝିନେଇ ସି:ଆଇ:ଡ଼ି: ଙ୍କୁ ଯୋଗେଇ ପାରିଲେ କିଛି ପୁରସ୍କାର ପାଇବେ । କିନ୍ତୁ ସେଇଟା ଏତେ ସହଜରେ ନୁହେଁ । ସେଥିରେ ବିପଦର ଆଶଙ୍କା ବି ଅଛି । ତାଠୁ ବରଂ ମୁଁ ଏଠୁ ଚାଲିଯିବା ଆପଣଙ୍କ ପକ୍ଷରେ ନିରାପଦର କଥା ହେବ ।

ଟିକିଏ କପରି ଆଘାତ ପାଇଲା ସୁରଭି । କହିଲା— ସେଇ ଭଲ । ଆପଣଙ୍କର ଏଠୁ ଚାଲିଯିବାର ସୁବିଧା କରେଇଦେବା ଆମର ଉଚିତ। ଜନଷ-ପନ ଆପଣଙ୍କର ବନ୍ଧା ବନ୍ଧ ହୋଇ ରହିଛି । ହୋଟେଲ ସାମନାରେ ରିକ୍ସା ! ଆପଣ ଖାଇ ନେଇ ଯାଆନ୍ତୁ ।

ଖାଇନେବି ମୁଁ ପରେ, ଯୁ'ଠିକି ଯିବି । ରାତି ବେଶୀ ହେଉନି । ମତେ ବି ଏଇକ୍ଷଣି ଭୋକ ନାହିଁ ।

ଘର ଖୋଜି ବୁଲିଲେ ଭୋକ କରେନି ମୁଁ ଜାଣେ ! ଆଉ ତା ଛଡ଼ା ଆପଣଙ୍କ ଚେହେରାରୁ ଜଣାପଡ଼ୁଛି ଆପଣ ଦିନସାରା ଆଜି ଯଥେଷ୍ଟ ଖାଇଛନ୍ତି ।

ଏ ତାଚ୍ଛଲ୍ୟ କଥାରେ ପ୍ରିୟନାଥର ମୁହଁ ଫିକା ପଡ଼ିଗଲା । କିନ୍ତୁ ଆଉ କିଛି ଉତ୍ତର ନଦେଇ ସେ ଘର ଭିତରୁ ବାରଣ୍ଡାକୁ ଆସିଲା ।

ପଛେ ପଛେ ଚାଲି-ଚାଲି ହୋଇ ଆସି ପଚାରିଲା ସୁରଭି, କଣ ଆଜି ପୁଣି ଗୁଡ଼ା ଚାଲିଯିବେ ?

କିଛି ଠିକ୍ କରିନାହିଁ । ପ୍ରିୟନାଥ ନିମ୍ନ ଗଳାରେ କହିଲା ।

ଏଠି ରହିଲେ ମଝିରେ ମଝିରେ ଆସିବେ ତ ?

ଦରକାର ପଡ଼ିବନି ବୋଧହୁଏ କିଛି ।

ଖାଲି କଣ ଦରକାରରେ କେହି କୁ'ଠିକି ଯାଏ ଆସେ ?

ମନଖୁସିରେ ଚଳି-ବୁଲି କରି ବୁଲିବାର ସମୟ ମୋର ବିଶେଷ ନାହିଁ ।

ଆପଣଙ୍କର ଅସୁବିଧା ଏଠି କିଛି ହୋଇଥିଲେ, କ୍ଷମା କରିବେ । ସୁରଭି

ଧୀର ଗଳାରେ କହିଲା ।

କିଛି ହେଉନି । ସୁବିଧା ଯାଗା ଛାଡ଼ି ଅସୁବିଧା ଯାଗାକୁ ବରଂ ଯାଉଛି । ଆପଣମାନଙ୍କ ସହୃଦୟତା ପାଇଁ ଧନ୍ୟବାଦ । କହି ପ୍ରିୟନାଥ ଆଗେଇଗଲା ସୁରେନ୍ ବାବୁଙ୍କୁ ଦେଖା କରିବାକୁ । କିନ୍ତୁ, ସେଠି ସେତେବେଳଯାଏଁ ବି ଆଲୋଚନାର ଶେଷ ହୋଇ ନଥିଲା । ଦୁଆର ମୁହଁରେ କିଛିକ୍ଷଣ ଅପେକ୍ଷା କରି ତାଙ୍କ ଉଦ୍ଦେଶ୍ୟରେ ନୀରବରେ ଗୋଟିଏ ନମସ୍କାର ଜଣାଇ, ପ୍ରିୟନାଥ ଓହ୍ଲାଇଲା ତଳକୁ । ତଳକୁ ଆସି ନିଜର ବେଡ଼ିଂ ଆଉ ସୁଟ୍‌କେଶ ଖଣ୍ଡିକ ଧରି ସେ ଖୋଜିଲା ବେଣୁଧରକୁ ।

କିନ୍ତୁ ବେଣୁ କାହିଁ ?

ଚାକରମାନଙ୍କୁ ପଚରା-ପଚରି କଲା ପ୍ରିୟନାଥ । କେହି କିଛି କହି ପାରିଲେ ନାହିଁ । ବେଣୁକୁ ଦେଖା ନକରି କାହିଁକି କେଜାଣି ପ୍ରିୟନାଥର ପାଦୁଟେ ହେଲେ ଆଗେଇବାକୁ ମନ ହେଲାନାହିଁ । ମାତ୍ର କୋଡ଼ିଏ ଘଣ୍ଟା ଭିତରେ ··· କେବଳ ବେଣୁ ପ୍ରତି ନୁହେଁ, ଏ ଭୋଜନାଳୟର ପ୍ରତ୍ୟେକ ଆସବାବ୍ ପତ୍ର ସହିତ, ପ୍ରିୟନାଥର କି ନିଗୂଢ଼ ସମ୍ପର୍କ ଗଢି ଉଠିଥିଲା କେଜାଣି ଅପ୍ରତ୍ୟାଶିତ ବିଦାୟ ମୁହୂର୍ତ୍ତରେ, ତା ଦି'ଆଖି ଏକ ଅଜଣା ବ୍ୟଥାର ଦରଜରେ ଛଳ ଛଳ ହୋଇ ଆସିଲା ।

## — ତିନି —

ରାସ୍ତା କଡ଼କୁ ଧାଡ଼ି ହୋଇ ଥୁଆ ହୋଇଥିଲା ଅନେକ ଗୁଡ଼ା ରିକ୍ସା । ସୁଟ୍‌କେଶ ଆଉ ବେଡ଼ିଂ ଦିଖଣ୍ଡ ଧରି ଭୋଜନାଳୟର ବାରଣ୍ଡା ଅତିକ୍ରମ କରି ପ୍ରିୟନାଥ ଗୋଟାକ ଉପରେ ଜିନିଷପତ୍ର ରଖି ରଖି କରି ବସି, କହିଲା ଷ୍ଟେସନକୁ ଚାଲ ।

କେଉଁ ଗାଡ଼ିରେ ଯିବେ ? ରିକ୍ସାବାଲା ପଚାରିଲା ।

ଆସନ୍‌ସୋଲ । ଛାଡ଼ିବାକୁ ଅନେକ ଡେରି ଅଛି । ତେବେ ବି ସେ ଷ୍ଟେସନକୁ ଆଗରୁ ଚାଲିଯିବ ।

ଚାଲନ୍ତୁ, କହି ରିକ୍‌ସାବାଲାକୁ ଅନେଇଲା । କିନ୍ତୁ ତରୁଣ ଚାଳକ ହାତ ରିକ୍‌ସା ଯାଉଛି କି ନାହିଁ··ସାମନା ଆଡ଼ୁ ଗୋଟାଏ ଜିପ୍ ଖୁବ୍ ବେଗରେ ଆସି ହଠାତ୍ ବ୍ରେକ୍ ଦେଇ ଠିଆ ହେଇଗଲା ରିକ୍‌ସା ପାଖରେ । ଜିପ୍ ଭିତରୁ ଦୁଇଜଣ କନେଷ୍ଟବଲ ଆଉ ଜଣେ ଏସ୍. ଆଇ ଓହ୍ଲାଇ ପଡ଼ି ରିକ୍‌ସାକୁ ବନ୍ଦ କରାଇ ପଚାରିଲେ··ଆପଣ ଟିକିଏ ରିକ୍‌ସାରୁ ଓହ୍ଲାନ୍ତୁ ତ ।

ପ୍ରିୟନାଥ ଚମକି ଉଠିଲା । ତା ମନେ ମନେ କିପରି ଗୋଟାଏ ଅଜଣା ଆତଙ୍କର ଶିହରଣ ଖେଳିଗଲା ।

ଆପଣଙ୍କ ନାଁ । ପ୍ରିୟନାଥ ଦାସ ? ଏସ୍. ଆଇ ପଚାରିଲେ ।

ଆଜ୍ଞା ।

ଆପଣ ଏଇ ସୁରଭି ଭୋଜନାଳୟରେ ଥିଲେ ତ ?

ହଁ ।

କୁଆଡ଼େ ଯାଉଛନ୍ତି ଆପଣ ?

ଷ୍ଟେସନ । ଆସନସୋଲରେ ମୋର ଆଜି ଏଠୁ ଚାଲିଯିବାର କଥା । କାହିଁକି ? ପ୍ରିୟନାଥ ଟିକିଏ ଆଶ୍ଚର୍ଯ୍ୟରେ ପଚାରିଲା ।

ଆପଣଙ୍କୁ ଟିକିଏ ସଦର ଥାନା ଅଫିସକୁ ଯିବାକୁ ହେବ ।

କାହିଁକି ?

ବିଶେଷ କିଛି ନୁହେଁ । ଆପଣଙ୍କଠୁ କେତେଟା କଥା ଆମେ ପଚାରି ବୁଝିବୁ ।

ସନ୍ଦେହ ତାର ଠିକ୍ । ପ୍ରିୟନାଥ ଭାବିଲା, ଏତେଦିନେ ସେ ଧରାପଡ଼ି ଯାଇଛି । ପୁଲିସ୍ ଆଖିରେ ଧୂଳି ଦେଇ ସେ ଲୁଚିଛପି ବୁଲିଲା ଦୀର୍ଘ ତେରମାସ । ଆଉ କେତେଦିନ ? ଭଲ ହେଇଛି··ଯାହା ଗୋଟାଏ ଶେଷ ନିଷ୍ପତ୍ତି ହେଇଯିବା ଦରକାର । ଭଲ ଲାଗୁନି ଏ ବାଉଁବୁଲା ଜୀବନ ।

ବାହାରକୁ କିନ୍ତୁ ବିଶେଷ କିଛି ଉତ୍ତେଜନା ନଦେଖାଇ, ପ୍ରିୟନାଥ କହିଲା··ମୋ ବିରୁଦ୍ଧରେ ଅଭିଯୋଗ କଣ ?

ଥାନାକୁ ଚାଲନ୍ତୁ । ସେଇଠି ଆମେ କେତୁଟା କଥା ପଚାରି ବୁଝିବୁ ।

ପ୍ରିୟନାଥ ଟିକିଏ ମନେ ମନେ ହସିଲା । ତାପରେ କହିଲା ଆପଣ ଚାଲନ୍ତୁ । ମୁଁ ରିକ୍ସାରେ ଯାଉଛି ।

ନାଁ, ରିକ୍ସାର ଆଉ କଣ ଦରକାର ? ଆମ ଜିପ୍‌ରେ ଆପଣଙ୍କ ଜିନଷପତ୍ର ଦଖଣ୍ଡ ଡ୍ରାଇଭର ରଖି ଦେଉଛି ।

ବେଶ୍, ଚାଲନ୍ତୁ ତାହାଲେ । ରିକ୍ସାବାଲାକୁ ଦଅଣା ପଇସା ଦେଇ ପ୍ରିୟନାଥ ଜିପ୍ ଭିତରେ ବସିଲା । ଥାନାରେ ପହଞ୍ଚି ପୁଲିସ ସାହେବଙ୍କ ଟେବଲ୍ ସାମ୍ନାରେ କ୍ରନ୍ଦନରତ ବେଣୁଧରକୁ ଦେଖି ପ୍ରିୟନାଥର ଧୈର୍ଯ୍ୟ-ଚ୍ୟୁତ ହେଲା । ବେଣୁ ଏଠି କାହିଁକି ? କଣ ହେଇଛି ତାର ? ସେ କାନ୍ଦି କାନ୍ଦି କାହିଁକି ? ପ୍ରଶ୍ନ କେତୁଟା ଏକା ନିଶ୍ୱାସକେ ପଚାରି ପ୍ରିୟନାଥ ଆଗେଇଗଲା ଏସ୍. ପି. ଙ୍କ ସାମନାକୁ । ଅପରାଧି ମୁଁ ନାଁ ବେଣୁଧର ?

ଏ ପ୍ରଶ୍ନଟା ଦେଉ ବର୍ଷିଗଲେ, ଆପଣ ଏଲାହାବାଦର ଏସ୍. ପି.ଙ୍କ ସାମନାରେ ଖାର ପଣ ଯାଇଁ ପଚାରିଥିଲେ ବିଚାରା ବେଣୁଧରକୁ ଆଜି ଅକାରଣରେ ଏ ନିର୍ଯାତନା ସହିବାକୁ ପଡ଼ି ନଥାନ୍ତା । କହି ଏସ୍. ପି. ନିଜେ ଉଠି ଯାଇଁ, ଜିପ୍‌ରୁ କଢ଼ାହେଇ ଆସି ଥୁଆ ହେଇଥିବା ସୁଟ୍‌କେଶଟାକୁ ଟେବଲ ଉପରକୁ ଟାଣିଆଣି କହିଲେ··ଚାବି କାହିଁ ?

ପ୍ରିୟନାଥ ପକେଟରୁ ଚାବି କାଢି ଦେଲା ।

ଚାବି ଖୋଲୁ ଖୋଲୁ କହିଲେ ଏସ୍. ପି.··ତୁ ଏଥର ଯାଇପାରୁ ବେଣୁଧର ।

କଥା ଶୁଣି ନଶୁଣିଲାପରି ଛିଡ଼ାହେଇ ରହିଲା ବେଣୁଧର ।

ତୁ ଯାଇପାରୁ, ଏସ୍. ପି. ପୁଣି ଗମ୍ଭୀର ଗଳାରେ କହିଲେ ।

ବାବୁଙ୍କୁ ସାଙ୍ଗରେ ନେଇ ମୁଁ ଯିବ ସାହେବ । ବେଣୁଧର କଣ୍ଠସ୍ୱର

ମିନତଭରା ପ୍ରାର୍ଥନା ପରି କୋମଳ ଆଉ କରୁଣ ।

ସୁଟ୍‌କେଶଟା ଖୋଲି, ନଜେ ଏସ୍. ପି. ଲୁଗା-ପଟା ଘାଣ୍ଟି ଚକଟି ଦେଖିଲେ, କେତେ ଗୁଡାଏ କାଗଜର ବଣ୍ଡିଲ, ଚିଠି-ପତ୍ରର ନଥି, ସବୁ ତନ୍ନ ତନ୍ନ କରି ଖୋଲିଲେ । ଏସ. ଆଇଙ୍କୁ ଲକ୍ଷ୍ୟକରି କହିଲେ ସନାତନ ବାବୁ, ଆପଣ ବେଡିଂଟା ଫିଟେଇ ଦେଖନ୍ତୁ ତ ।

ଏସ୍. ଆଇ ବେଡିଂ ଖୋଲିବାରେ ଲାଗି ପଡ଼ିଲେ ।

ଆପଣଙ୍କର ଆଉ ସବୁ କାଗଜପତ୍ର କାହିଁ ? ପଚାରିଲେ ଏସ୍. ପି. ।

ବାସ୍ତବିକ, ମନେ ମନେ ଆଶ୍ଚର୍ଯ୍ୟ ହୋଇ ଭାବିଲା ପ୍ରିୟନାଥ, ଆଉରି ଦୁଇଟା ବଣ୍ଡିଲର ଚିଠି-ପତ୍ର କୁଆଡ଼େ ଗଲା ଏ ସୁଟକେଶ ଭିତରୁ ? କିଏ ନେଲା ତାକୁ ? ଆଜି ଦିନରେ କେବଳ କେତେଘଣ୍ଟା ପାଇଁ ସେ ସୁରଭି ଭୋଜନାଳୟରୁ ଯାଇଥିଲା ଘର ଖୋଜିବାକୁ । ସି. ଆଇ. ଡି ଡିପାର୍ଟମେଣ୍ଟର ଜଣେ କେହି ତା 'ଅନୁସନ୍ଧାନରେ ଯାଇଥିଲା ହୋଟେଲକୁ । ସେକଥା ସୁରଭି ତାକୁ ଜଣେଇଛି ଅବଶ୍ୟ । କିନ୍ତୁ ସୁଟ୍‌କେଶ ବେଡିଂ କଣ ସର୍ଚ୍ଚ ହୋଇଛି ସେତେବେଳେ ? କାହିଁ ସେ ବିଷୟରେ ତ ସୁରଭି କିଛି କହି ନାହିଁ ।

ନାଁ, ଏ ବେଡିଂ ଭିତରେ ତ କିଛି କାଗଜପତ୍ର ନାହିଁ । ଏସ. ଆଇ. କହିଲେ ।

ତାହାଲେ ସୁରଭି ଭୋଜନାଳୟର ସମସ୍ତ ଘର ଦ୍ୱାର ସର୍ଚ୍ଚ କରିବାକୁ ପଡ଼ିବ ଏଇକ୍ଷଣି ।

ସୁରଭି ଭୋଜନାଳୟରେ ମୁଁ କେବଳ କେତେ ଘଣ୍ଟାର ଅତିଥି ଥିଲି, ପ୍ରିୟନାଥ ଶାଣିତ କଣ୍ଠରେ କହିଲା, ରାଜେନ୍‌ବାବୁଙ୍କ ଘରଦ୍ୱାର ସର୍ଚ୍ଚ କରିବା ମାନେ ?

ମାନେ, କିଛି କିଛି ବୁଝିବ ଏଇ ବେଶଧର । ଭୋଜନାଳୟରେ ତୁମର ରହିବାର ଅଳ୍ପ କେତେଘଣ୍ଟା ଭିତରେ ଯେ ତୁମେ ଉପର ମହଲାକୁ ଉଠିଚ, ଆଉ ରାଜେନ୍ ବାବୁଙ୍କ ଖାସ୍ କାମରା ଭିତରକୁ ପ୍ରବେଶ କରି, ହରଲିକସ୍‌ର

ସଦ୍‌ବ୍ୟବହାର କରିଛ... ସେ ଖବର ଏ ଥାନା ପାଇଛି । କହ, ସେ ସନାତନ ବାବୁଙ୍କୁ ଗୃହ୍ନି କହିଲେ ଜିପ୍ ଅଛିତ ବାହାରେ ?

ଆଜ୍ଞା ।

ଚାଲ ତାହେଲେ । ବେଶ୍, ବସ୍ ଯାଇ ଜିପ୍‌ରେ । ଆଉ, ପ୍ରିୟନାଥ ବାବୁ କିଛି ମନେ ଭାବବେ ନାହିଁ । ଆପଣଙ୍କ ବିରୁଦ୍ଧରେ ଏଲାହାବାଦ୍ କଟନ୍ ମିଲ୍‌ସର ଲେବର ଫ୍ରଣ୍ଟ ଦେଢ଼ବର୍ଷ ତଳେ ମିଲ୍‌ରେ ଯୁ ଷ୍ଟ୍ରାଇକ କରେଇ ଥିଲେ, ସେଠ୍ ଜଗତଲାଲ ଅଗ୍ରୱାଲଙ୍କ ମିଲ୍‌ରେ, ମ୍ୟାନେଜର ହରବିନ୍ଦ ସି ମର୍ଡର ସନ୍ଦେହରେ ଆପଣଙ୍କ ବିରୁଦ୍ଧରେ ଏଲାହାବାଦ ପୁଲିସ ଯଥେଷ୍ଟ ପ୍ରମାଣ ପାଇ ଆରେଷ୍ଟ ୱାରେଣ୍ଟ ଜାରି କରିଛି । ଦିଲ୍ଲୀ, କଲିକତା, ନାଗପୁର ପରି ସହରର ସୁଦକ୍ଷ ପୁଲିସ କର୍ମଚାରୀଙ୍କୁ ଆପଣ ଶଡାକାଟି ଦେଢ଼ବର୍ଷ ପରେ ଆଜି ପୁରୀରେ ନହାତ ଅଚାନକ ଭାବରେ ଆମ ହାତରେ ଧରାପଡ଼ି ଯାଇଛନ୍ତି । ଏଲାହାବାଦ କୋର୍ଟରେ... ହରବିନ୍ଦ ସି ମର୍ଡର କେସ୍ ଆପଣଙ୍କ ଅଣହାଜର ଯୋଗୁଁ ଏପର୍ଯ୍ୟନ୍ତ ସେଇମିତି ପେଣ୍ଡିଙ୍ଗ୍ ପଡ଼ି ରହିଛି । ଆପଣଙ୍କ ସାଙ୍ଗର ଅନ୍ୟ ତିନିଜଣ କମ୍ରେଡ୍ ସେମାନେ ହାଜତରେ ଏପର୍ଯ୍ୟନ୍ତ ସଡୁଛନ୍ତି । ଆପଣଙ୍କୁ ବାଧ୍ୟ ହେଇ ଆରେଷ୍ଟ କରିବା ଛଡ଼ା ଆମର ଅନ୍ୟ ଉପାୟ ନାହିଁ । ଆପଣଙ୍କୁ ବର୍ତ୍ତମାନ ହାଜତରେ ରହିବାକୁ ପଡ଼ିବ ।

ଠିକ୍‌କଥା, ପ୍ରିୟନାଥ ହସି ହସି କହିଲା, କିନ୍ତୁ ଆରେଷ୍ଟ କରିବା ପୂର୍ବରୁ ମୁଁ ଜାଣିବାକୁ ଚାହେଁ ମୋ ବିରୁଦ୍ଧରେ ଆସଲ ଅଭିଯୋଗ କଣ ?

ବେଶ୍, ସେକଥା ଆପଣ ପାଞ୍ଚ-ଛ ଦିନ ଭିତରେ ଜାଣି ପାରିବେ । କହି, ପୁଲିସ ସାହେବ, ସନାତନ ବାବୁଙ୍କୁ ଆଖିର ଇଙ୍ଗିତରେ କଣ ଗୋଟାଏ ନିର୍ଦ୍ଦେଶ ଦେଲେ ।

ସେ ନିର୍ଦ୍ଦେଶର ଅର୍ଥ ବୁଝିପାରିଲା ପ୍ରିୟନାଥ । ସ୍ୱଇଚ୍ଛାରେ ସେ ଆଗେଇଗଲା ହାଜତ ଘର ଭିତରକୁ ।

ବେଣୁଧର ଛାଣୁ ପରି ଛିଡ଼ା ହେଇ ସବୁ ଦେଖୁଥିଲା । ପ୍ରିୟନାଥକୁ

ହାଜତ ଘରେ ରଖି ଦୁଆର ଆଉଜେଇ ଆଣି, ପହରାବାଲା ଯେତେବେଳେ ତାଲା ପକେଇଲା, ଭେ-ଭେ କରି କାନ୍ଦି ଉଠିଲା ବେଣୁଧର । ଏ ଦୃଶ୍ୟ ସେ ଦ ଆଖିରେ ଦେଖି ପାରିଲା ନାହିଁ ।

ହେ, ଚୁପ୍ କର । ଏସ୍.ପି. ଗର୍ଜ୍ଜନ କରି ଉଠି... ବେଣୁଧରର ହାତ ଝିଙ୍କି ନେଇ ଚାଲିଗଲେ ଜିପ୍ ଭିତରକୁ ।

ସୁରଭି ଭୋଜନାଳୟରେ ଜିପ୍ ପହଞ୍ଚିଲା ବେଳକୁ ମାତ୍ର ରାତି ଦଶଟା । ମିଟିଂର ଘମାଘୋଟ ଆଲୋଚନା ସରିଛି । ସମସ୍ତେ ପ୍ରାୟ ବିଦାୟ ନେଇ ସାରିଲେଣି । ରାଜେନ୍ ବାବୁଙ୍କ ସାମ୍ନାରେ ବସିଛି କେବଳ ପ୍ରଭାସ । ଖଣ୍ଡେ ଦୂରରେ ଠିଆ ହୋଇଛି ସୁରଭି । ମୁହଁ ତାର ମଳିନ । କପାଳ ଉପରେ କ୍ଳାନ୍ତିର ସ୍ୱେଦ ବିନ୍ଦୁ । ଇଲେକ୍ଟ୍ରିକ୍ ଆଲୁଅରେ ସେ ବିନ୍ଦୁ ସବୁ ଝକ୍ ଝକ୍ କରୁଛି । କିଏ ଗୋଟାଏ ଦୁଶ୍ଚିନ୍ତାର ଭାବ ଯେପରି ପାରିପାର୍ଶ୍ୱିକ ଆବହାଓ୍ୱାକୁ ଭାରି କରି ତୋଳିଛି ।

ବାହାରେ ଜିପ୍ ବନ୍ଦ ହେବାର ଆବାଜ ଶୁଣାଗଲା । ଦୁଆର ପାଖରୁ ଦୌଡ଼ିଯାଇ ସୁରଭି ଚାହିଁଲା ଝରକା ପାଖେ । ହଁ, ପୁଲିସର ଦଳ । ସନ୍ଦେହ ନାହିଁ । କହିଲା ପ୍ରଭାସ, ତୁମେ ତଳକୁ ଯାଇଁ ସେମାନଙ୍କୁ ଟିକିଏ ଅଟକାଅ ତ । ମୁଁ ତଳକୁ ଯାଇଁ ଇଶାରା ନଦେଲା ପର୍ଯ୍ୟନ୍ତ ତୁମେ ତାଙ୍କୁ ଉପରକୁ ଆସିବାକୁ ଦବନାହିଁ ।

ପ୍ରଭାସ ତରତର ହୋଇ ତଳକୁ ଚାଲିଗଲା । ରାଜେନ୍ ବାବୁଙ୍କ ପାଖକୁ ଲାଗିଆସି ସୁରଭି ପଚାରିଲା ବାପା, ପୁଲିସ ସାହେବ ଆସିଛନ୍ତି ବୋଧହୁଏ, ଘର ସର୍ଚ୍ଚ କରିବେ । ଯାହା ଖୋଜିବାକୁ ଆସିଛନ୍ତି ମୁଁ ସେସବୁ ସକାଳୁ, ପ୍ରିୟନାଥ ବାବୁଙ୍କ ସୁଟ୍‌କେଶରୁ କାଢିନେଇ ତ୍ରିବେଣୀ ଘରେ ରଖିଦେଇ ଆସିଛି ।

ସେ କଥା କଣ ପ୍ରିୟନାଥ ଜାଣେ ?

ନାଁ ।

ସେ ଯେ ପୁଣି ଛୁଟି ଚାଲିଗଲା, ରାଜେନ୍ ବାବୁ ବ୍ୟଥିତ ଗଳାରେ

କହିଲେ ।

- ନାଁ, ସେ ଯାଇନାହାନ୍ତି । ସୁରଭି ସବୁ ଜାଣିଲା ପରି କହିଲା; ପୁଷ୍ପ ଗୁଡ଼ୁ ଏତେ ଶୀଘ୍ର କୁଆଡ଼େ ସେ ଯାଇ ପାରିବେ ନାହିଁ । ଛଟି ଗୁଡ଼ା ପଢ଼ି ଯାହା ବୁଝିଛି, ମଧ୍ୟ ପ୍ରଦେଶ, ବିହାର ଆଉ ବେଙ୍ଗଲରେ ତାଙ୍କର ଚଲା-ବୁଲା ନିରାପଦ ନୁହେଁ । ବହୁତ ଭାବିଚିନ୍ତି ସେ ଏଠିକି ଲୁଚି ଛପି କିଛୁଦିନ ରହିବା ପାଇଁ ଆସିଥିଲେ । ହଠାତ୍ ସେ ଏଠୁ ଏମିତି ଯିବେ ନାହିଁ ।

ଆଚ୍ଛା ସେ କଥା ପରେ । ରାଜନ୍ ବାବୁ କହିଲେ, ଏଠି ଆମର ସେ ସବୁ ଚିଠିପତ୍ର କିଛି ନାହିଁତ ? ଆସନ୍ତୁ ନାଁ ଏସ୍.ପି: ଦେଖନ୍ତୁ, କଣ ଖାନତଲାସି କରି ଦେଖିବେ । ପ୍ରଭାସ କିଛି ଗୋଲମାଲ କଲା ନାହିଁତ ଭଲେ ! ଶୀଘ୍ର ଯାଇଁ ଦେଖ ।

ଚଞ୍ଚଳ ପଦକ୍ଷେପରେ ତଳକୁ ଓହ୍ଲେଇଗଲା ସୁରଭି ! ନମସ୍କାର, ଏସ୍.ପି:ଙ୍କୁ ଉଦ୍ଦେଶ୍ୟ କରି ପଚାରିଲା । କଣ ଚାହାନ୍ତି ଆପଣ ?

ମୁଁ ରାଜେନ୍ ବାବୁଙ୍କୁ ଚାହେଁ ।

ଆସନ୍ତୁ ସେ ଉପରେ ଅଛନ୍ତି ।

ଆଚ୍ଛା, ଆପଣ ମତେ ଆଗେ କେତୁଟା ଉତ୍ତର ଦେଇ ପାରିବେ ?

କ୍ଷମା କରିବେ, ଆପଣ ଯାହା ପଚାରିବା କଥା ବାପାଙ୍କୁ ପଚାରନ୍ତୁ କହି ସୁରଭି ଉପରକୁ ଉଠିଗଲା ।

ପଛେ ପଛେ ଚାଲିଲେ ଏସ୍.ପି: ସାହେବ ।

ରାଜେନ୍ ବାବୁ ଦୁଆର ପାଖକୁ ଆସି ଅଭ୍ୟର୍ଥନା ଜଣାଇ ଭିତରକୁ ନେଇଗଲେ ।

ନାଁ, ମୁଁ ବସିବା ଆଗରୁ ଥରେ ଆପଣଙ୍କର ହୋ'ଟେଲର ଚାରିଆଡ଼ ସର୍ଚ୍ଚ କରି ଦେଖିବାକୁ ଚାହେଁ ।

ବେଶ୍ କରି ଦେଖି ପାରନ୍ତି । କିନ୍ତୁ କାରଣ କଣ ?

କାରଣ, ପ୍ରିୟନାଥ ଇଜ୍ ସସ୍‌ପେକ୍‌ଟେଡ ଟୁ ବି ଏ ମର୍ଡରର ।

ପ୍ରିୟନାଥ ଜଣେ ଖୁଣୀ ବୋଲି ଏଲ୍‌ହାବାଦ ପୁଲିସ ସନ୍ଦେହ କରୁଛି । ଗଲା ତେର ମାସ ଧରି ସେ ଲୁଚି ଛପି ବୁଲୁଛନ୍ତି ଏଣେ ତେଣେ । ଏଲ୍‌ହାବାଦରେ ଜଗତଲାଲ ଅଗ୍ରୱାଲଙ୍କ କଟନ୍ ମିଲ୍‌ରେ ଯେଉଁ ଷ୍ଟ୍ରାଇକ୍ ହୋଇଥିଲା·· ସେଥିରେ, ତାଙ୍କର ମ୍ୟାନେଜରଙ୍କୁ ଖୁଣ୍ କରିଥିବା କେତେଜଣ ଆତତାୟୀଙ୍କ ଭିତରେ, ପ୍ରିୟନାଥ ବି ଜଣେ ଥିଲେ ବୋଲି·· ସନ୍ଦେହର ଯଥେଷ୍ଟ କାରଣ ଏଲ୍‌ହାବାଦ ପୁଲିସଙ୍କ ପାଖରେ ମହଜୁଦ୍ ଅଛି । ଏଲ୍‌ହାବାଦରେ ପଢିସାରି ପ୍ରିୟନାଥ ସେଠି ଗଲା ଦୁଇବର୍ଷ ଧରି ପଲିଟିକାଲ ଆକ୍‌ଟିଭିଟିଜ୍ କରୁଥିଲେ । ହି ଇଜ୍ ସସ୍‌ପେକ୍‌ଟେଡ୍ ଟୁ ବି ଏ କମ୍ୟୁନିଷ୍ଟ । କହି ଏସ୍.ପି. [illegible] ଆଡ଼କୁ କଣେଇକରି ଚାହିଁଲେ ।

ଇଟ୍ ଇଜ୍ ସସ୍‌ପିସନ, ନଟ୍ ସର୍ଟେନ୍ !

ନାଁ, କାଲି ସକାଳେ ଆମେ ବିଶଦ ରିପୋର୍ଟ୍ ଏଲ୍‌ହାବାଦରୁ ଅବଶ୍ୟ ମଗେଇବାର ଚେଷ୍ଟା କରିବୁ ।

ଏତିକିବେଳେ ବେଣୁଧର ସୁରଭି ପାଖକୁ ଯାଇଁ କଣ ଫୁସ୍ ଫୁସ୍ କରି କହିଲା । ଆଜ୍ଞାଟା ସୁନାପରି, ସୁରଭିର କନକ ମୁଖମଣ୍ଡଳ ଝଲି ଉଠିଲା । ଆଗେଇ ଆସିଲା ସେ ଦର୍ପିତ ଭଙ୍ଗୀରେ । କହିଲା, detailed report ନ ପାଇଲା ପର୍ଯ୍ୟନ୍ତ ଆପଣ ପ୍ରିୟନାଥ ବାବୁଙ୍କୁ ବେଲ୍‌ରେ ଛାଡ଼ିବେ ନାହିଁ କାହିଁକି ?

କିଏ କହିଲା ମୁଁ ଛାଡ଼ିବି ନାହିଁ । କିନ୍ତୁ ତାଙ୍କ ପାଇଁ ବେଲ୍‌ର ହବାକୁ ରାଜି ହେବ ଏଠି କିଏ ?

ରାଜନ୍ ବାବୁ ଆଶ୍ଚର୍ଯ୍ୟରେ କହିଲେ । ପ୍ରିୟନାଥ କଣ ହାଜତରେ ?

ହଁ, ଏସ୍.ପି. ଗମ୍ଭୀର ଗଳାରେ କହିଲେ ।

ମୁଁ ତାଙ୍କ ପାଇଁ ବେଲ୍‌ର ହବାକୁ ପ୍ରସ୍ତୁତ ଅଛି । ରାଜେନ୍ ବାବୁ କଠିନ ଗଳାରେ କହିଲେ ।

ଆଗେ ମୁଁ ଆପଣଙ୍କ ହୋଟେଲ ସର୍ଚ୍ଚ କରି ଦେଖିସାରେଁ । ତାପରେ

ବିବେଚନା କରି ଦେଖିବ । କହି ଏସ:ଆଇ: ଆଉ ଦୁଇଜଣ କନେଷ୍ଟବଲଙ୍କୁ ସାଙ୍ଗରେ ନେଇ ଏସ:ପି: ଉପରକୁ ଉଠିଲେ !

ରାଜେନ୍ ବାବୁଙ୍କ ଶୋଇବା ଘର, ଡ୍ରଇଁ ରୁମ୍, ସୁରଭିର ପଢାଘର ଆଉ ବେଡ ରୁମ୍ ସମେତ ତଳର ରୋଷେଇ ଘର, ଡାଇନିଂ ହଲ, ଆଉ ବୋର୍ଡର୍ସଙ୍କ ରହିବାପାଇଁ ଗ୍ରେଟ ୨ କ୍ୟାବିନ ଗୁଡ଼ିକ ମଧ୍ୟ ସର୍ଚ୍ଚ କରି, ତନ୍ନ ୨ କରି ଦେଖି ଏସ: ପି ହତାଶ ହେଲେ । କହିଲେ ନାଁ, ସେପରି କିଛି ମିଳିଲା ନାହିଁ । ଆପଣ ବେଲ୍‌ରେ ପ୍ରିୟନାଥ ବାବୁଙ୍କୁ ଆଣିବାକୁ ଚାହିଁଲେ କାଲି ସକାଳେ ଆସନ୍ତୁ । କୋଡ଼ିଏ ହଜାର ଟଙ୍କାର ସିକ୍ୟୁରିଟି ବଣ୍ଡ୍ ଆପଣଙ୍କୁ ସହି କରିବାକୁ ପଡ଼ିବ ।

ବେଶ୍, ମୁଁ ପ୍ରସ୍ତୁତ ଅଛି । କିନ୍ତୁ କାଲି ସକାଳେ ନୁହେଁ, ଆଜି ରାତିରେ । ସମସ୍ତ ଦିନଧରି ପ୍ରିୟନାଥ ଖାଇନାହିଁ । ସୁରଭି କଥାରେ ଅଭିମାନ କରି ସେ ଚାଲିଯାଇଛି ହଠାତ୍ ।

କେତେଦିନର ପରିଚୟ ଆପଣଙ୍କର ତାଙ୍କ ସାଙ୍ଗରେ ? ପୁଲିସ ସାହେବ କର୍କଶ ଗଳାରେ ପଚାରିଲେ ।

ପରିଚୟ ମାତ୍ର କେତେ ଘଣ୍ଟାର, କିନ୍ତୁ ଆତ୍ମୀୟତା କେତେ ଯୁଗର ଯେମିତି ! ରାଜେନ୍ ବାବୁ ହସି ୨ କହିଲେ, ପ୍ରିୟନାଥ ସେଇ ଶ୍ରେଣୀର ଯୁବକ, ଯେ ମୁହୂର୍ତ୍ତିକ ଭିତରେ, ବାଧା-ବ୍ୟବଧାନର ହିମାଳୟ ପ୍ରାଚୀରକୁ ଅତିକ୍ରମ କରି ଆନ୍ତରିକତାର ନିଗୂଢ଼ ଗ୍ରନ୍ଥି ବାନ୍ଧିଦିଏ ହାତରେ । ମୁଁ ତାଙ୍କୁ ପ୍ରଥମ ସାକ୍ଷାତରେ ହିଁ ସ୍ନେହ କରିଛି ଏସ:ପି: ସାହେବ । ସେ ମୋର ଅତ୍ୟନ୍ତ ଅନ୍ତରଙ୍ଗ ।

ଅନ୍ତରଙ୍ଗ, କି ଭାବରେ ?

କି, ଭାବରେ ? ରାଜେନ୍ ବାବୁ ଟିକିଏ ଇତସ୍ତତଃ ହୋଇ କହିଲେ· · ଅନ୍ତରଙ୍ଗ, ମାନେ, ମାନେ ମୁଁ ତାକୁ ସ୍ନେହ କରେ । ମାନେ as a young soul ଧରନ୍ତୁ ଆଜ୍ ଏ କମ୍‌ରେଡ୍ ଫ୍ରେଣ୍ଡ୍· ·····

# —ଗୁର—

ଗତ କେତେ ମାସ ଭିତରେ, ସହରର ମଧ୍ୟବିତ୍ତ ଶିକ୍ଷିତ ସମ୍ପ୍ରଦାୟ ଭିତରେ ରାଜେନ୍ ବାବୁ ଏକ ପ୍ରଧାନ ଆଲୋଚନାର ବ୍ୟକ୍ତି ହୋଇ ଉଠିଛନ୍ତି । କେବଳ ସେ ନୁହନ୍ତି··· ତାଙ୍କ ସାଙ୍ଗରେ ସୁରଭି ଭୋଜନାଳୟ ପ୍ରତିଷ୍ଠାନର କ୍ରିୟାକଳାପ ମଧ୍ୟ । ରାଜନୈତିକ ମତବାଦର ନେତୃସ୍ଥାନୀୟ ଲୋକେ ରାଜେନ୍ ବାବୁଙ୍କୁ ଦେଖୁଛନ୍ତି ସନ୍ଦେହ ଦୃଷ୍ଟିରେ । ସରକାରୀ ହାକିମ ହୁକୁମା, ଲକ୍ଷ୍ୟ କରୁଛନ୍ତି ବାହାରର ରୂପତଳେ, ଭିତର ବ୍ୟବସାୟର ନିଗୂଢ଼ ରହସ୍ୟ ! ଆଉ ସହରର ନିତିଦିନିଆ କାରବାରିଆ ସାଧାରଣ ଲୋକ ଅପେକ୍ଷା କରି ରହିଛନ୍ତି ଶୁଣିବା ପାଇଁ ଚମକପ୍ରଦ କିଛି ସମ୍ବାଦ । ଦେଖିବା ପାଇଁ ଅତି ଅପ୍ରତ୍ୟାଶିତ କିଛି ଗୋଟାଏ ଗୁରୁତର ବିପ୍ଳବ ।

ରାଜେନ୍ ବାବୁଙ୍କର ଅତୀତ ଇତିହାସ କାହାକୁ ସେପରି ଜଣାନାହିଁ । ତାଙ୍କର ବୟସ ଆଉ ମୁହଁର ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ତାଙ୍କୁ କେହି ହଠାତ୍ ପଚାରିବାକୁ ସାହସ କରେନାଁ । ତାଙ୍କ ଘର କୁଁଉଠି, ସେ ଆଗେ କଣ କରୁଥିଲେ, ଏଠିକି କାହିଁକି ଆସିଛନ୍ତି ? କଥା ସେ ଖୁବ୍ ଅଳ୍ପ କହନ୍ତି··· ଯଦିଓ ଦେଶର ରାଜନୀତି ସମ୍ବନ୍ଧରେ ଆଲୋଚନା ହେଲେ ତାଙ୍କୁ ବେଳେ ୨ ତିନି ଚାରିଘଣ୍ଟା ଧରି ଏକ ନିଶ୍ୱାସକେ ବକ୍ତୃତା ଦେବାର ଲୋକେ ଶୁଣନ୍ତି । ତାଙ୍କ ଚରିତ୍ର ଆଉ ଚଳି-ଚଳି ବାସ୍ତବିକ ସାଧାରଣ ମଣିଷ ମନରେ ଏକ ସନ୍ଦେହର କାରଣ ! ଭୋଜନାଳୟ କରି ରାଜନୀତିର ଚର୍ଚ୍ଚା, ଉପର ମହଲରେ ବସି ଚାକର ଦ୍ୱାରା ବ୍ୟବସାୟ ପରିଚାଳନା, ଖଲ୍ବାଲ ଲୋକଙ୍କୁ ଦୂରରେ ରଖି, ରାସ୍ତାର ହୀନ ଦରିଦ୍ର କୁଲି ମୂଲିଆ ଲୋକଙ୍କୁ ଡାକି ପାଖରେ ବସେଇ ଦେଶ କଥା ନେଇ ଅଭିଭାଷଣ । ଏଇପରି ସବୁ କେତେକ ପରସ୍ପର ବିରୋଧୀ ଭାବର କାର୍ଯ୍ୟକଳାପ । କଂଗ୍ରେସିଆଏ ତାଙ୍କୁ କହନ୍ତି କମ୍ୟୁନିଷ୍ଟ । ସୋସିଆଲିଷ୍ଟ ମାନେ ତାଙ୍କୁ କହନ୍ତି କମ୍ୟୁନିଷ୍ଟଙ୍କ

ଦଲାଲ, କମ୍ୟୁନିଷ୍ଟ ତାଙ୍କୁ କହନ୍ତି··· ସେ ପାର୍ଟି ଲୋକ ନୁହନ୍ତି··· ଭେଗୁ ଯେପରି ଦଳିତ, ନିଷ୍ପେଷିତଙ୍କ ପାଇଁ ଦରଦ ଦେଖାଇ ଖାଇବାକୁ ଦିଅନ୍ତି ନାଁ କାହିଁକି, ସେ ହେଉଛନ୍ତି··· ଗଡଜାତ ରାଜାଙ୍କ ଗଣତନ୍ତ୍ର ପାର୍ଟିର ଗୋଟାଏ ପବ୍‌ଲିସିଟି କ୍ୟାମ୍ପ । ପୁରୀରେ ଗଣତନ୍ତ୍ର ପାର୍ଟିର ସଂଗଠନ କାମ ସେଇଠୁ ଚାଲୁଛି । ରାଜେନ୍ ବାବୁ ବଲାଙ୍ଗିର ପାଟଣା ମହାରାଜାଙ୍କର ଗୁଇନ୍ଦା!

ଏ ପାହୁଣ୍ଡ ଆଗେଇ ଯାଇଁ, କମ୍ୟୁନିଷ୍ଟ ବନ୍ଧୁଏ ଆଉରି ବି କିଛି କହନ୍ତି ନଥି ନଜିର ଦେଖାଇ ! ରାଜେନ୍ ବାବୁଙ୍କ ଘର ବଲାଙ୍ଗିର ପାଟଣାରେ! ହରେକୃଷ୍ଣ ମହତାବଙ୍କ ଗଡଜାତ ମିଶ୍ରଣ ଆନ୍ଦୋଳନ ବେଳେ, ରାଜେନ୍ ବାବୁ, ପାଟଣା ମହାରାଜାଙ୍କର ହୋଇ ପ୍ରଜାରାଜ କାଏମରଖୁ ର ଦୁଆ ଉଠାଇ ଗଡ଼ଜାତ ଇଉନିୟନ ଗଠନ ପାଇଁ ପରପ୍ରଚାର ଚଲାଇଥିଲେ । ସେଇ ସମ୍ପର୍କରେ ସେ ଅଟକବନ୍ଦୀ ବି ହୋଇ ରହିଥିଲେ ଦେଢ଼ ବର୍ଷ । ଗଲା ଇଲେକ୍‌ସନ୍‌ରେ ଗଣତନ୍ତ୍ରୀ ଏମ୍.ଏଲ୍.ଏ.ଙ୍କ ପାଇଁ ସେ ପ୍ରଚାର ଚଲାଇଥିଲେ ଖୁବ ଜୋରରେ । ପାଟଣା ରଜା ତାଙ୍କୁ ଟଙ୍କା ପଇସା ଦେଉଛନ୍ତି ପ୍ରଚୁର ! ପୁରୀରେ ସେ ଗଣତନ୍ତ୍ର ପାର୍ଟି ପାଇଁ ଭିତରି ସଂଗଠନ କରୁଛନ୍ତି ।

କଂଗ୍ରେସିଆଙ୍କ ପାଖରେ କିନ୍ତୁ ଠିକ୍ ଓଲଟା ଅଭିଯୋଗ ! ରାଜେନ୍ ବାବୁ, ଏକ ପ୍ରଧାନ ରାଜଦ୍ରୋହୀ ଥିଲେ ଗଡଜାତ ରାଜାଙ୍କ ଅମଳରେ, ବର୍ତ୍ତମାନ ସେ ପ୍ରଧାନ ଦେଶଦ୍ରୋହୀ କଂଗ୍ରେସି ଶାସନ କାଳ ଭିତରେ ମହତାବଜି ତାଙ୍କୁ ଆସେମ୍ବ୍‌ଲିକୁ ଠିଆ ହେବା ପାଇଁ ଲଗେଇଥିଲେ, ସେ କିନ୍ତୁ ପ୍ରତ୍ୟାଖାନ କରି ଷ୍ଟାଲିନଙ୍କ ବନ୍ଧୁ ଜଣିବାରେ ଲାଗିଲେ । ସେ ଏକ ସାଂଘାତିକ ଲୋକ ! ତାଙ୍କଠୁ ବଳି ଆଉରି ସାଂଘାତିକ ତାଙ୍କର ସୁରଭି ଭୋଜନାଳୟ, ଆଉ ସର୍ବୋପରି ଦୁର୍ଦ୍ଦାନ୍ତ ସାଂଘାତିକ, ତାଙ୍କର ସେ କନ୍ୟା ରତ୍ନଟି ! ସୁରଭି କମ୍ରେଡ଼ ସୁରଭି !!

କିନ୍ତୁ ରାଜେନ୍ ବାବୁଙ୍କର ଅସଲ ସତ୍ୟ ରୂପଟି ଜାଣିବା ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ହେଲେ ବି ଗୋଟାଏ କଥା ଏ ଭିତରେ ସ୍ପଷ୍ଟ ହୋଇ ଯାଇଛି ଯେ ତାଙ୍କ ଜୀବନରେ, ଛଳନା ବା ଲୁଚ-ଛପାର କିଛି ନାହିଁ !

ସେ ଜଣେ ପଲିଟିକାଲ୍ ସଫରର (political sufferer) ଦେଶାତ୍ମବୋଧର ଅଗ୍ନିଳ ପ୍ରେରଣାରେ ଉଦ୍‌ବୁଦ୍ଧ ତାଙ୍କର ଉଦାର ପ୍ରାଣ ଦିନେ ବିଦ୍ରୋହ କରି ଉଠିଥିଲା । ଦିନେ ଗଡ଼ଜାତ ରାଜାଙ୍କର ଅନ୍ୟାୟ ମୂଳକ ଶାସନ ବିରୁଦ୍ଧରେ ପ୍ରତିବାଦ କରି । ସେଇ ପ୍ରତିବାଦର ପରିଣାମ ହେଲା, ତାଙ୍କର ଘର ସମ୍ପତ୍ତିର ବାଜ୍ୟାପ୍ତି ! ଗାଁ-ଗୁଡ଼ି ଦେଶ ଗୁଡ଼ି, ସ୍ତ୍ରୀ ଆଉ ଦେଡ଼ବର୍ଷର ଶିଶୁ କନ୍ୟାକୁ ନେଇ ସେ ଆସିଲେ ମହାନଗରୀ କଲିକତାର ଫୁଟ୍‌ପାଥ ଉପରକୁ । ଘୁରି ବୁଲିଲେ ଜୁଟ୍ ମିଲ୍‌ର ଗଳି କନ୍ଦିରେ । ନିରନ୍ନ, ବସ୍ତ୍ରହୀନ, ଆଶ୍ରୟହୀନ ବେକାର ଜୀବନ ! କର୍ଦ୍ଦମାର ଡଷ୍ଟବିନ୍‌ରୁ ହୁଏତ ସେମାନଙ୍କୁ ଅଖାଦ୍ୟ ସାଉଁଟି ଖାଇବାକୁ ପଡ଼ିଛି । ତାପରେ ଦୀର୍ଘ ଚ୍ଚରମାସର ଭିକ୍ଷାବୃତ୍ତି ପରେ ମାଟିଆ ବ୍ରୁଜରେ ଏକ ବିରାଟ କଟନ୍ ମିଲ୍‌ସରେ ମିଳେ, ଲେବର ଓ୍ୱେଲଫେୟାର ଡିପାର୍ଟମେଣ୍ଟରେ ଗୋଟାଏ ମାମୁଲି ଗୃଳଣଟଙ୍କିଆ କାମ । ସେଇଥିରେ ଦୀର୍ଘ ଦୁଇବର୍ଷ କାମକଲା ପରେ ସେ ଦେଖିଲେ ଶ୍ରମିକଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ମାଲିକଙ୍କର ଶ୍ରମିକମାନଙ୍କୁ ଶୋଷଣ କରିବାର କୁତ୍ସିତ କାରସାଦିର ମାରପେଞ୍ଚ । ପ୍ରାଣ ତାଙ୍କର ବିଦ୍ରୋହୀ ହୋଇ ଉଠିଲା । ଦିନେ ହଠାତ୍ ଶ୍ରମିକଙ୍କ ଭିତରେ ଜଳି ଉଠିଲା ବିଦ୍ରୋହର ଅଗ୍ନିଶିଖା । ଅଧିକା ଖାଟେଣୀ ବିରୁଦ୍ଧରେ ପ୍ରତିବାଦ କରି ଓଭର ଟାଇମର ପଇସା, ଅଧିକା ମଜୁରି, ଆଉ ରହିବାର ସୁଖ ସ୍ୱାଚ୍ଛନ୍ଦ୍ୟ ସମ୍ବନ୍ଧରେ ଦାବୀ କରି ଚାଲିଲା ଏକ ଗୁରୁତର ଷ୍ଟ୍ରାଇକ୍ । ସେଇ ଷ୍ଟ୍ରାଇକ୍‌ରେ ଶ୍ରମିକ ବସ୍ତି ଭିତରେ ଗୁଇନ୍ଦାଗିରି କରି ରିପୋର୍ଟ ଯୋଗେଇବାର ଭାର ପଡ଼ିଲା ରାଜେନ ବାବୁଙ୍କ ଉପରେ । ଏ ଦଲାଲି କରିବାକୁ ରାଜେନ ବାବୁ ପ୍ରତ୍ୟାଖ୍ୟାନ କଲେ । ଫଳରେ ବରଖାସ୍ତ କରି ଦିଆଗଲା ରାଜେନ ବାବୁଙ୍କୁ । ତାପରେ ଶ୍ରମିକ ନେତା ରୂପରେ, ରାଜେନ ବାବୁଙ୍କର ପ୍ରଥମ ଆବିର୍ଭାବ ହେଲା ମାଟିଆ-ବୁରୁଜର ମଇଦାନରେ, ଗୃହହରାର ଭୋକିଲା ଶ୍ରମିକଙ୍କର ନେତା ହିସାବରେ ତାଙ୍କର ପ୍ରଥମ ଭାଷଣ ଯେଉଁଦିନ ମାଟିଆବ୍ରୁଜର ଧୂମ୍ରାଭ ଆକାଶକୁ ପ୍ରକମ୍ପିତ କରି ତୋଳିଲା, ସେଇଦିନ ରାତି ଦୁଇଟାବେଳେ, ରାଜେନ ବାବୁ ତାଙ୍କର ସ୍ତ୍ରୀ

ଆଉ ଏକମାତ୍ର ଶିଶୁକନ୍ୟା ସୁରଭିକୁ ନେଇ ଶୋଇଥିବାବେଳେ, ହେଲା ମିଲ ମାଲିକର ଦଲାଲ ଗୁଣ୍ଡା ମାନଙ୍କର ଆକ୍ରମଣ !

ବିରାଟ ଶ୍ରମିକ ବସ୍ତି ହୁଲ ସ୍ଥୂଲ ହେଇ ଉଠିଲା । ଜାଗି ଉଠିଲା ବିରାଟ ଶକ୍ତି । ଲାଠି ଆଉ ଛୁରୀର ନୃଶଂସ ଆକ୍ରମଣ ! ସେଦିନ ରକ୍ତଲୋଲୁପୀ ମଣିଷ ରାକ୍ଷସର ପୈଶାଚିକ ରୂପ ଦେଖି ଜଳି ଉଠିଲେ ରାଜେନ୍ ବାବୁ ! ଥିଲାବାଲାର ବିକଟାଳ ରୂପ, ମାଲିକିଆନା ମିଜାଜର ସଇତାନି ବର୍ବରତା । ରାଜେନ ବାବୁ ଆଗେଇ ଆସିଲେ ମୁହାଁ ମୁହିଁ ଏ ଆକ୍ରମଣର ପ୍ରତ୍ୟୁତ୍ତର ଦେବା ପାଇଁ । ତାଙ୍କ ପଛରେ ବିରାଟ ଶ୍ରମିକ ବାହିନୀ । କିନ୍ତୁ ଲାଠିର ଆକ୍ରମଣରେ ତଳେ ବେହୋସ ହୋଇ ଢଳି ପଡ଼ିଲେ ରାଜେନ ବାବୁ । ମାଟିଆ ବୁର୍ଜର ମାଟି ରକ୍ତମୟ ହେଇ ଉଠିଲା । ଦୁଇଦିନ ପରେ ହସପିଟାଲରେ ଯେତେବେଳେ ତାଙ୍କର ହୋସ ଫେରିଆସିଲା ସେ ଶୁଣିଲେ ; ତାଙ୍କର ପ୍ରିୟତମା ସ୍ତ୍ରୀ ଆଉ ଇହସଂସାରରେ ନାହାନ୍ତି । ସେଇଦିନ ରାତିରେ ଗୁଣ୍ଡାଙ୍କ ଆକ୍ରମଣରେ ତାଙ୍କର ଶେଷ ନିଶ୍ୱାସ ଚାଲି ଯାଇଛି ।

ରହିଯାଇଛି ସୁରଭି । ତାଙ୍କର ପଡ଼ୋଶୀ ଶ୍ରମିକ ଭାଇ ରାମଅନୁଗ୍ରହ ସିଂ ର ସ୍ତ୍ରୀ; ସୁରଭିକୁ ବଞ୍ଚେଇ ଦେଇଛି ।

ଆଠଦିନ ପରେ ଶ୍ରମିକ ବସ୍ତିକୁ ଫେରି ଯାଇଁ ମା ଛେଉଣ୍ଡ ଶିଶୁକନ୍ୟାକୁ ବୁକୁରେ ଚାପିଧରି ; ରାଜେନ ବାବୁ ଯେତେବେଳେ ଭୋ-ଭୋ କରି କାନ୍ଦି ଉଠିଲେ ତାଙ୍କ ଆଖିର ଲୁହ ତଳେ ଭିଜିଲା ଯେଉଁ ବିଦ୍ରୋହର ଅଗ୍ନି ଶିଖା ଦାଉ ଦାଉ ହୋଇ ଜଳି ଉଠିଥିଲା, ସେ ଶିଖାର ତେଜ ଏବେବି ସେଠୁ କମିନାହିଁ । ସେଇଦିନୁ ରାଜେନ୍ ବାବୁଙ୍କ ସମ୍ବନ୍ଧରେ ଗୋଟାଏ କଥା ସ୍ପଷ୍ଟ ହେଇ ଉଠିଥିଲା, ସେ ଜଣେ କ୍ରାନ୍ତିକାରୀ ବିଦ୍ରୋହୀ ।

# — ପାଞ୍ଚ —

ଏ କଣ ? ଭାତ ସେମିତି ଥୁଆ ହୋଇଛି ଯେ ? ସୁରଭି ବ୍ୟଥା ସ୍ନିଗ୍ଧ ଗଳାରେ କହିଲି, ଡାଲି ଆଣିବି ?

ନାଁ !

ଆଉ ମାଛ ?

ଅଛି ତ

ଭଜା ?

ନା, ନା, ପ୍ରିୟନାଥ କଠିଣ ଗଳାରେ କହିଲା, ମୋର କିଛି ଦରକାର ନାହିଁ । ତାଠୁ ବରଂ ତୁମେ ଯାଇଁ ନକେ ଖାଇଆସ ।

ମୁଁ ଖାଇଛି, ସୁରଭି ନମ୍ର ଗଳାରେ ଉତ୍ତର ଦେଲି ।

ଖାଇଚ ମାନେ ? ପ୍ରିୟନାଥ ଭାତଥାଳି ଉପରୁ ମୁହଁ ଟେକି ଚାହିଁଲା ସୁରଭି ଆଡ଼େ । ହାତରେ ତାଳପତ୍ର ବିଞ୍ଚଣା ଧରି ସୁରଭି ଧିରେ ୨ ପବନ କରି ଦେଉଥିଲା । ଘର ଭିତରେ ଅସହ୍ୟ ଗରମ

ମାନେ କିଛି ନୁହେଁ । ··ମୁଁ ସନ୍ଧ୍ୟାବେଳେ ଖାଇଥିଲି । ଆଉ ଭୋକ ନାହିଁ !

ହୁଁ, ପ୍ରିୟନାଥ ଗମ୍ଭୀର ହୋଇ କହିଲା, ମୋ ଚିଠି ଗୁଡାକ କେଉଁଠି ରଖିଛ ?

ଏତେବଡ ଭୋଜନାଳୟରେ ଚିଠି ବଣ୍ଡଲଟାକୁ ରଖିବାକୁ କଣ ଜାଗା ନାହିଁ, ପଚାରୁଛ, କେଉଁଠି ରଖିଛ ? ସୁରଭି ରହସ୍ୟ ସ୍ନିଗ୍ଧ ଗଳାରେ କହିଲା, ତୁମେ କହିବାକୁ ଚାହଁ, ଚିଠି ଗୁଡାକ କାହିଁକି ରଖିଛ, ଏଇତ ?

ହଁ, ଅଳ୍ପ ଭାତ ନେଇ ଡ଼ାଲି ଗୋଳାଉ ଗୋଳାଉ କହିଲା ପ୍ରିୟନାଥ, ସୁଟ୍‌କେଶ ଭିତରୁ ମୋ ଚିଠି ଗୁଡ଼ାକ ଖୋଲି କାଢିନେବାର ଅଧିକାର ତୁମକୁ ଦେଲା କିଏ ?

ଫିକ୍ କରି ହସି ଉଠିଲି ସୁରଭି । କହିଲା, ଖାଇସାରି ସବୁ କହିବି । ଅନଧିକାର ଚର୍ଚ୍ଚା କରିଥିଲେବି ଅନ୍ୟାୟ କିଛି କରିନି । ଚିଠି ଗୁଡ଼ାକ ଭିତରେ ଅପତ୍ତିଜନକ ସମ୍ବାଦ ଅନେକ ଅଛି, ମାନୁଚି । କିନ୍ତୁ ସେ ଗୁଡ଼ାକୁ ଗୋଟାଏ ଦାଦରା ସୁଟ୍‌କେଶ ଭିତରେ କଣ ଏଇପରି ରଖାହୁଏ ?

ଲୁଚେଇ ରଖିବାର କିଛି ନାହିଁ । ଆଳୁଭଜା ଦେହରୁ ଚୋପା ଛଡ଼ାଇ ଖାଉ ୨ କହିଲା ପ୍ରିୟନାଥ, ଏପର୍ଯ୍ୟନ୍ତ ଜୀବନରେ କିଛି ଗୋପନ ରଖିବାକୁ ମୁଁ ଚେଷ୍ଟା କରିନାହିଁ । ମୁଁ କହୁଥିଲି ବ୍ୟକ୍ତିଗତ ସମ୍ମାନବୋଧ କଥା ।

ମୁଁ ତୁମରଚିଠି ଗୁଡ଼ା ଦେଖିବାଦ୍ୱାରା କଣ ତୁମର କିଛି ଅସମ୍ମାନ ହୋଇଛି ? ସୁରଭି ମୃଦୁକଣ୍ଠରେ ପଚାରିଲା ।

ତୁମେ ଦେଖିନେବା ଦ୍ୱାରା ମୋର ଅସମ୍ମାନ ହୋଇଛି ବୋଲି ମୁଁ କହୁନାହିଁ । ବରଂ ମୁଁ ତା ଦ୍ୱାରା ଲଜ୍ଜିତ । ତୁମ ପାଖରେ ମୁହଁ ଟେକି କଥା କହିବାର ଅହଙ୍କାର ହୁଏତ ହରେଇଛି । ସମ୍ପୂର୍ଣ୍ଣ ଅପରିଚିତ ମୁଁ, ତୁମ ଢେଙ୍କାନାଳୟରେ ଧନକର ଅତିଥି, କିନ୍ତୁ ଯେତେ ସମ୍ଭ୍ରାନ୍ତ ଭାବି, ନିଜର ମନେ କରି ତୁମେ ବାପାଙ୍କୁ ସାଙ୍ଗରେ ନେଇ ମୋତେ ହାଜତରୁ ମୁକୁଳାଇ ଆଣିଲ, ମୁଁ କଣ ନିଜକୁ ତୁମ ଆଖିରେ ସେଇ ବିଶ୍ୱାସବୋଧର ଉପଯୁକ୍ତ ବୋଲି ଆଉ ମନେ କରି ପାରୁଛି ?

ତୁମ ସମ୍ବନ୍ଧରେ ମୋ ମନର ଭାବନା ଆଉ ହୃଦୟର କଳ୍ପନା କଣ, ତା କଣ ତୁମେ ଜାଣି ପାରିଛ ?

ଠିକ୍ ଜାଣି ନ ପାରିଲେ ବି କିଛି ଅନୁମାନ କରିବା ଶକ୍ତି ମୋର ଅଛି, ଏହା ତୁମେ ନିଶ୍ଚେ ସ୍ୱୀକାର କରିବ ।

ତା ହୁଏତ ସ୍ୱୀକାର କଲି, କିନ୍ତୁ ବୁଝି ପାରୁନି ତୁମର ସେ ଚିଠିଗୁଡ଼ାକ ମୁଁ ଦେଖିବା ଦ୍ୱାରା ତୁମର ନିଜକୁ ଲଜ୍ଜିତ ବା ଅପମାନିତ ବୋଧ କରିବା କାରଣ ଅଛି କଣ ?

ଚିଠି ଭିତରୁ ମୋର ବୈପ୍ଳବିକ ଜୀବନର ପରିଚୟ ପାଇ ତୁମେ

ତୁଏତ ମୋତେ ସମ୍ମାନିତ ଦୃଷ୍ଟିକୋଣରୁ ବିଶ୍ବାର କରିଛ, କିନ୍ତୁ ମୁଁ ଚରିତ୍ରହୀନ, ଏହାର ଯେ ସଦ୍ୟକଣ୍ଟିତ ଆଭାସ ଚିଠିଗୁଡ଼ାକ ଭିତରୁ ପାଇ ତୁମର ନାରୀ ପ୍ରାଣ ମୋ ପ୍ରତି ସନ୍ଦେହୀ ହୋଇ ନ ଉଠିଛି, ଏହା କିଏ ଅସ୍ୱୀକାର କରିବ ?

ସୁରଭି ଟିକେ ହସିଲା, କହିଲା ହଁ, ସେଇ ଚିଠି ଗୁଡ଼ାକ ଭିତରୁ ରାମପିଆରୀଙ୍କ ଫଟୋ ମୁଁ ଦେଖିଛି । ସେଥିରେ ଥିବା ଚାରି-ପାଞ୍ଚ ଖଣ୍ଡ ବୁଢ଼ା ଚିଠି ବି ପଢ଼ିଛି । ଏସବୁ ମୋର ଅନଧିକାର ଚର୍ଚ୍ଚା । କିନ୍ତୁ ଏ ଚିଠି ପଢ଼ି ତୁମେ ଚରିତ୍ରହୀନ, ଏ କଥା ଭାବିବାର କାରଣ କଣ ଅଛି ?

ପ୍ରିୟନାଥ ସୁରଭି ମୁହଁକୁ ଅନାଇଲା, ଶୁଭ୍ର ବିଦ୍ୟୁତ ଅଲୋକରେ ଲାବଣ୍ୟର ଏକ ସମୁଜ୍ଜଳ ଶ୍ରୀ ସୁରଭିର କମନୀୟ ମୁଖମଣ୍ଡଳକୁ ଝଲସାଇ ଦେଉ-ଥିଲା । ସେଇ ଝଲସ ଭିତରେ ପ୍ରିୟନାଥର ବୈପ୍ଳବିକ ଦୃଷ୍ଟି ଧାରା ଯେପରି ପଥହରା ହୋଇ କିପରି ଏକ ଆତ୍ମସମାହିତ ଭାବରେ ସ୍ତିମିତ ହୋଇ ଆସିଲା । ସେଇ ଖାଇବସିଲାଠି ତାର ମନେ ପଡ଼ିଲା, ପିଆରୀର ସାନ୍ନିଧ୍ୟ ସ୍ମୃତି । ପିଆରୀ ଆଜି ନାହିଁ । ଗଲା ଦେଢବର୍ଷ ଧରି ଏଇ ବିଶାଳ ଭାରତରେ କେଉଁ ଅଜଣା ରାଇଜରେ ସେ ଆତ୍ମଗୋପନ କରି ରହିଛି କିଏ ଜାଣେ ? ସେ ତାକୁ ଖୋଜୁଛି ତାହାର ଅନୁସନ୍ଧାନରେ ବାଉବୁଲାର ଜୀବନ ଧରି ସେ ଘୁରି ବୁଲୁଛି ଦେଶ ଦେଶାନ୍ତର । କେତେ ସବୁଜ ପ୍ରାନ୍ତର, କେତେ ଅରଣ୍ୟ ଆଉ ପାହାଡ଼, କେତେ ନିର୍ଜନ ପଲ୍ଲୀପଥ, କେତେ କୋଳାହଳ ମୁଖରିତ ମହାନଗରୀ ସେ ଅତିକ୍ରମ କରି ଆସିଲାଣି ଏ ଦୀର୍ଘ ଦେଢବର୍ଷ ଭିତରେ । କିନ୍ତୁ ସେ ପିଆରୀ କାହିଁ ? କିଏ ସେ ଦେବ ସେ ପିଆରୀର ସନ୍ଧାନ ? ଗୋଟାଏ ଉତ୍ତେଜନାର ଏକ ଚକ୍ରାକ୍ତ ଅନୁଭୂତିରେ ଶିହରି ଉଠିଲା ପ୍ରିୟନାଥ । ଭାତ ଖାଇବା ଆଉ ତାର ହେଲା ନାହିଁ । ସୁରଭି ଆଡ଼କୁ ଅନାଇ ଗୋଟିଏ କରୁଣ ପ୍ରାର୍ଥନା ପରି କହିଲା ପ୍ରିୟନାଥ, ମୋତେ କ୍ଷମା କରିବ ସୁରଭି, ତୁମର ଏ ଆନ୍ତରିକ ଆତିଥେୟତାରେ ପେଟ ମୋର ଭରି ଯାଇଛି । ଆଉ କିଛି ଖାଇ ପାରିବି ନାହିଁ । ମୋତେ ଅନୁମତି ଦେଲେ ମୁଁ ଉଠି ହାତ ଧୋଇବି ।

ସୁରଭି ଉଠି ଠିଆ ହେଲା । କାଚ ଗ୍ଲାସରେ ପାଣି ଧରି କହିଲା, ତାହାରକୁ ଆସ ହାତ ଧୋଇବ ।

ସୁରଭି ପାଣି ଟେକିଦେଲା । ହାତ ଧୋଇସାରି ଘର ଭିତରକୁ ଫେରି ଆସିଲା ପ୍ରିୟନାଥ । ସୁରଭି ନିଜର ପଣତ କାନି ବଢ଼ାଇ ଦେଲା । କହିଲା, ହାତ ପୋଛ ।

ଟିକେ ଇତସ୍ତତଃ ହେଲା ପ୍ରିୟନାଥ । କହିଲା, ନା, ନା, ମୋର ରୁମାଲ ଅଛି ଯେ ।

ସୁରଭି କିଛି କହିଲା ନାହିଁ । ବଢ଼ାଇ ଦେଇଥିବା ପଣତ କାନିଟିକୁ ଫେରାଇ ନେଇ ସେ ନିଜର ଝାନରେ ପକାଇ ଦେଲା । କହିଲା, ପାନ ଆଣି ଦେବି ?

ନା।

ଟିକେ ବସ ।

ନା, ମୁଁ ଯାଏ ।

କୁଆଡ଼େ ଯିବ ?

ସମୁଦ୍ର କୂଳ ଆଡ଼େ ।

ଏତେ ରାତିରେ ?

ରାତିତ ବେଶୀ ହୋଇ ନାହିଁ, ହାତଘଡ଼ିକୁ ଚାହିଁ କହିଲା ପ୍ରିୟନାଥ । ବାରଟା କୋଡ଼ିଏ । ମଧ୍ୟାହ୍ନ ରାତ୍ରିର ଏ ଅନ୍ଧକାର ଭିତରେ ସମୁଦ୍ରର ରୁଦ୍ର ସୁନ୍ଦର ରୂପଟା ଦେଖିବାକୁ ଭାରି ଲୋଭ ହଉଚି ସୁରଭି । ସମୁଦ୍ରର ଏତେ ପାଖରେ ତୁମର କୋଠାଟା ! ଏ ଘର ଭିତରକୁ ତାର ଗର୍ଜନ ଶୁଣା ଯାଉଚି । ଝରକା ଭିତରୁ ବି ଅନ୍ଧକାର ଭିତରେ ନିଶ୍ଚିହ୍ନ ହୋଇ ଯାଇଥିବା ତାର ସୁଦୂର ପ୍ରସାରି ସୀମାରେଖା ଅସ୍ପଷ୍ଟ ହୋଇ ବାରିହେଉଛି । କିନ୍ତୁ ଏତେ ରାତିରେ ତା କୂଳରେ ଠିଆ ହୋଇ କାରବୁଲା ଜୀବନର ଉଦ୍‌ଭ୍ରାନ୍ତ ମନ ନେଇ କେବେ ଅନାଇଚ ତା ଆଡ଼କୁ ? ତାରକାସ୍ପନ୍ଦିତ ଆକାଶର ସଲ୍ଲଜ ଓଢ଼ଣା ତଳେ

ସାଗରିକା ବଧୂର ଅଭିମାନିନୀ ରୂପ ?

ସୁରଭିର ଆଖି ଛଳ ଛଳ ହୋଇ ଆସିଲା । କି ଗଭୀର କ୍ଷତର ଜ୍ୱାଳାରେ ଛଟପଟ ହୋଇ ପ୍ରିୟନାଥ ସାଗରିକା ବଧୂର ଶୀତଳ ସାନ୍ନିଧ୍ୟ ପାଇଁ ବ୍ୟାକୁଳ ହୋଇ ଉଠିଚ, ବୁଝିଲା ସୁରଭି । କହିଲା, ଯାଅ । ଭୟ ଲାଗିବନି ତ ? ଆକାଶଟା କିନ୍ତୁ ପରିଷ୍କାର ନୁହେଁ । ବାହାରେ ପବନଟା ଖୁବ୍ ଜୋରରେ ବହୁଛି, ଝଡ଼ ଆସିପାରେ ।

ଆସୁ । ମୁଁ ଏଇପରି ଗୋଟିଏ ଝଡ଼ର ଅପେକ୍ଷାରେ ରହିଚି ସୁରଭି । ହାଜତରୁ ମୋତେ ଆଜି ମୁକୁଳେଇ ଆଣି ତୁମେ ଭଲ କରିନ । ଦେଢବର୍ଷ ଧରି ଯେଉଁ ଝଡ଼ ଭୟରେ ମୁଁ ଲୁଚି ଲୁଚି ବୁଲୁଥିଲି, କେବଳ ଝଡ଼ର ତୋଫାନ ବାତାସ ନୁହେଁ, ମେଘର ଅକାଳ ବଜ୍ର ନେଇ ସେଇ ଝଡ ଆଜି ମୋ ଜୀବନରେ ହଠାତ୍ ଦେଖାଦେଲା ଏଇ ସମୁଦ୍ରକୂଳେ ତୁମ ଭୋଜନାଳୟର ଅବରୁଦ୍ଧ କକ୍ଷ ଭିତରେ । ଆଉ ଲୁଚି ପଳାଇବା ଉପାୟ ନାହିଁ । ସେଇଥିପାଇଁ ଝଡ଼ର ପ୍ରଖର ତୋଫାନ ଭିତରେ ନିଜକୁ କିପରି ଅଟଳ କରି ରଖିବି, ସେଇ ଶକ୍ତି ଆହରଣ କରିବାକୁ ଯାଉଚି ବାହାରକୁ, ଉର୍ମି ମୁଖର ସମୁଦ୍ରର ବେଳାଭୂମି ତଟକୁ । ଅନାଗତ ଝଡ ପାଇଁ ନିଜକୁ ପ୍ରସ୍ତୁତ କରିନେବାଟା ଉଚିତ, କହି ପ୍ରିୟନାଥ ଧିରେ ଧିରେ ସିଡ଼ି ପାଖକୁ ଆଗେଇଲା ।

କିନ୍ତୁ ସିଡ଼ିରୁ ତଳକୁ ଓହ୍ଲେଇଲା ବେଳେ ପ୍ରିୟନାଥର ଚଟିଶବ୍ଦ ଶୁଣି ବୈଠକ ଘର ଭିତରୁ ଡ଼ାକିଲେ ରାଜେନ୍‌ବାବୁ । ବାହାରେ କିଏ, ବେଣୁଧର ?

ବେଣୁ ନୁହେଁ ଆଜ୍ଞା, ମୁଁ ।

କିଏ, ପ୍ରିୟନାଥ ?

ଆଜ୍ଞା ।

ଖାଇ ସାରିଲଣି ତ ?

ହଁ ।

କୁଆଡେ ଯାଉଚ ? ଏଇ ଉପରେ ତୁମ ଶୋଇବାର ଘର । ବେଶ୍

ଦେଖେଇ ଦେଇଚ ତ ?

ହଁ ଆଜ୍ଞା । ମୁଁ ଟିକିଏ ବାହାରୁ ଆସୁଚି ।

ବର୍ଷା ଆସୁଚ ବୋଧହୁଏ, ରାଜେନ୍ଦ୍ରବାବୁ ଝରକା ଭିତରୁ ଦୃଶ୍ୟମାନ ମେଘାକ୍ରାନ୍ତ ଆକାଶ ଆଡ଼େ ଚାହିଁ କହିଲେ, ଶୀଘ୍ର ଫେରିଆସ ।

ଆଜ୍ଞା, କହି ପ୍ରିୟନାଥ ତଳକୁ ଓହ୍ଲେଇଗଲା । ଆସି ଠିଆ ହେଲା ରାସ୍ତା ଉପରେ । ମୁମୂର୍ଷ ଗ୍ୟାସ ଆଲୁଅ ଜଳୁଛି ସାମନାର ବଙ୍କା ଛକ ଉପରେ । ଅନ୍ୟମନସ୍କ ଭାବରେ ଚାଲି ଚାଲି ହୋଇ ଗଲା ପ୍ରିୟନାଥ । ବତୀଖୁମ୍ବ ପାଖରେ ଠିଆ ହୋଇ ଚାହିଁଲା ସମୁଦ୍ର ଆଡ଼େ । ସମୁଦ୍ର ଧାରେ ଧାରେ ପୂର୍ବ ପଶ୍ଚିମ ଉଭୟ ଦିଗକୁ ଲମ୍ବି ଯାଇଚି ସେଇ ସଡ଼କ । ଏପଟେ ମହଲା, ଦମହଲା କୋଠା । ରାତ୍ରିର ନିସ୍ତବ୍ଧ ଭିତରେ ସେଗୁଡ଼ିକ ଘୁମନ୍ତ । ରାସ୍ତାର ଆରପଟେ କିଛିଦୂର ବ୍ୟାପି ସମୁଦ୍ରର ବାଲୁକା ଆସ୍ତରଣ । ତା ପରେ ତରଙ୍ଗ ଉଦ୍ବେଳିତ ସମୁଦ୍ରର ଅଶାନ୍ତ ବକ୍ଷ । ଆକାଶ କଳା ଗୁମର । ପବନରେ ତୋଫାନ ବେଗ । ପ୍ରିୟନାଥର ପିନ୍ଧାଲୁଗା ଓ ପଞ୍ଜାବି ଯେପରି ସେ ଦୁରନ୍ତ ହାଓ୍ବାରେ ଉଡ଼ି ଭାସି ଯିବାକୁ ଚାହେଁ ମହାଶୂନ୍ୟରେ । ହୁଏତ ଶୀଘ୍ର ଝଡ଼ ଆସିବ । ତାର ପୂର୍ବାଭାସ । ଆଗକୁ ପାହୁଣ୍ଡେ ଯିବାପାଇଁ ଭୟ ଲାଗୁଛି । ପ୍ରିୟନାଥ କିଛିକ୍ଷଣ ନିଶ୍ଚଳ ହୋଇ ଅନାଇ ରହିଲା ସମୁଦ୍ରର ତରଙ୍ଗାକୁଳ ବକ୍ଷ ଆଡ଼କୁ । କଣ ଫେରିଯିବ ? ନା, ନା, ତାକୁ ଆଗେଇବାକୁ ହେବ । ମହାକାଳ ଝଡ଼ ଅପେକ୍ଷା କରି ରହିଛି । ପ୍ରକୃତିର ଏ ଝଡ଼ ତା ତୁଳନାରେ କି ସାମାନ୍ୟ । ଏହାକୁ ଯଦି ସେ ଡରେ, ସେ ଅଭ୍ୟସ୍ତ ହେବ କିପରି ମହାକାଳ ଝଡ଼ର ସମ୍ମୁଖୀନ ହେବାପାଇଁ ?

ଜନ ନିର୍ଜନ ବେଳାଭୂମି । କେବଳ ହାଓ୍ବାର ସନ୍ ସନ୍ ଶବ୍ଦ । ରାସ୍ତା ଉପରୁ ତଳକୁ ଓହ୍ଲେଇଲା ପ୍ରିୟନାଥ । କିଛି ଦୂରରେ ଅନ୍ଧାରରେ ଅସ୍ପଷ୍ଟ ହୋଇ ଦେଖା ଯାଉଛି ବେଳାଭୂମି ଉପରେ ସିମେଣ୍ଟ ଚେୟାର । ଆଗେଇ ଯାଇ ପ୍ରିୟନାଥ ତା ଉପରେ ବସିଲା । ବାହାରର ପ୍ରଖର ହାଓ୍ବାର ପ୍ରଭାବରେ ତା ମନ ଭିତରେ ବହି ଚାଲିଲା ଭାବନାର ଝଡ଼ । ମାତ୍ର ଚବିଶ ଘଣ୍ଟା

ଭିତରେ ତା ଜୀବନର କି ଅଦ୍ଭୁତ ପରିବର୍ତ୍ତନ ! ଦୀର୍ଘ ଦେଡ଼ବର୍ଷ ଧରି ସେ ଘୂରି ବୁଲୁଚି, ଶୂନ୍ୟ ନିଃସଙ୍ଗ ଜୀବନ । ଦୁର୍ଘଟଣା ତ ଦୂରର କଥା, ଜଣେ କାହା ସହିତ ଦେଖାଚାହାଁ କି କଥା ଭାଷା ହେବାର ରୋମାଞ୍ଚକର ପରିସ୍ଥିତି ବି ଘଟି ନଥିଲା ତା ଜୀବନରେ । କିନ୍ତୁ ଗତକାଲି ରାତି ଏତିକି ବେଳେ ତାଳଚେର ଗାଡ଼ିରୁ ଓହ୍ଲାଇ ପୁରୀରେ ଗୋଡ଼ଦେଲା ପରଠୁ ଏ ପର୍ଯ୍ୟନ୍ତ ଏଇ ଚବିଶ ଘଣ୍ଟା ଭିତରେ ରାଜେନ୍ ବାବୁଙ୍କ ପରି ଏକ ବିଚିତ୍ର ବିପ୍ଳବୀ, ସୁରଭି ପରି ଅସାମାନ୍ୟା ନାରୀ ଆଉ ସୁରଭି ଢେଙ୍କାନାଳସ୍ଥ ପରି ଏକ ଆଶ୍ଚର୍ଯ୍ୟ ପ୍ରତିଷ୍ଠାନ ସଂସ୍ପର୍ଶରେ ଆସି-ବାର ସୌଭାଗ୍ୟଠୁଁ ଆରମ୍ଭ କରି, ସି. ଆଇ. ଡି. ଇନ୍‌ସପେକ୍‌ଟରଙ୍କ ଖାନ-ତଲ୍ଲସି ଆଉ ପୁଲିସ ସାହେବଙ୍କ ଦ୍ୱାରା ଗିରଫ ହୋଇ ଆସାମୀ ଭାବରେ ହାଜତକୁ ଯିବାର ଦୁର୍ଘଟଣା ଯେତିକି ବିଚିତ୍ର, ତାଠୁ ବଳି ବିଚିତ୍ର ରାଜେନ୍ ବାବୁ ଜାମିନ୍-ଦାର ଭାବରେ ଆଗେଇ ଆସି ତାକୁ ହାଜତରୁ ମୁକୁଳେଇ ଆଣିବା, ଆଉ ପରମ ଆନ୍ତରିକତା ସହିତ ଆଦର କରି ନେଇ ନିଜ ହାତରେ ଭାତବାଢ଼ି ଖୁଆଇବାରେ ସୁରଭିର ପ୍ରୀତିମଧୁର ଆତ୍ମୀୟତା !

ଏ ସବୁ କଣ ହେଲା ? କାହିଁକି ବା ହେଲା ? ସେ କଣ ଏଇଆ ଚାହିଁ ଥିଲା ? ଜନ୍ମଭୂମିକୁ ଫେରି ଆସି ସେ କଣ ଏଇପରି ଭାବରେ ତା ଦେଶର ଲୋକଙ୍କ ସ୍ନେହ ସୌହାର୍ଦ୍ଦ୍ୟ ଭିତରେ ବନ୍ଧା ପଡ଼ିବାକୁ ଲେଖାଥିଲା ? କିଏ ସେ ରାଜେନ୍‌ବାବୁ ? କିଏ ଏ ସୁରଭି ? ଓଡ଼ିଶା ମାଟିରେ ତା ଜନ୍ମ । ଏଇ ପୁରୀର ଏକ ଅଖ୍ୟାତ ପଲ୍ଲୀରୁ ଯାଇ ସୁସମୃଦ୍ଧ କଟକ ସହରର ଶିକ୍ଷା ସଭ୍ୟତା ଭିତରେ ସେ ଜୀବନର କୋଡ଼ିଏଟି ବର୍ଷ ଅତିବାହିତ କରି ସୁଦ୍ଧା, ଯେତେବେଳେ ଦାଦା ଖୁଡ଼ିଙ୍କର ନିର୍ମମ ହତାଦର ଯୋଗୁଁ, ତାର ଭାଗ୍ୟ-ଉନ୍ନତିର କୌଣସି ବ୍ୟବସ୍ଥା କରି ନପାରି ଦେଶ ଛାଡ଼ି ଚାଲି ଯାଇଥିଲା ସୁଦୂର ଏଲାହାବାଦକୁ, ସେତେବେଳେ ଅପ୍ରତ୍ୟାଶିତ ଭାବରେ ପୁଣି ଫେରି ଆସି, ସେ ଯେ ସମ୍ପୂର୍ଣ୍ଣ ଅପରିଚିତ ରାଜେନ୍-ବାବୁଙ୍କ ପରି ଜଣେ ସ୍ଥିତପ୍ରଜ୍ଞ ବିପ୍ଳବୀଙ୍କର ସ୍ନେହ ଆଉ ସୁରଭି ପରି ବିଚକ୍ଷଣା ବାଳିକାର ଶ୍ରଦ୍ଧା ଓ ମମତା ପାଇବ, ଏହା ବିଶ୍ୱାସ କରି ପାରିଲା ନାହିଁ ।

ହଠାତ୍, ଗୋଟାଏ ଟର୍ଚ୍ଚ ଆଲୁଅର ରେଖାଟି ଦେଖି, ପ୍ରିୟନାଥ ପଛକୁ ଫେରି ଚାହିଁଲା, ଏତେ ରାତିରେ ସମୁଦ୍ରକୂଳରେ ପୁଣି କିଏ ? ସିମେଣ୍ଟ ଚେୟାର ଉପରୁ ସେ ଉଠି ଠିଆହେଲା ।

ଅନ୍ଧାର ଭିତରେ ସ୍ପଷ୍ଟ ହୋଇ ଦିଶୁନାହିଁ କିଛି । କିନ୍ତୁ ଜଣେ କେହି ତାର ଆଡ଼କୁ ଯେ ଆସୁଛି ଏଥିରେ ସନ୍ଦେହ ନାହିଁ । ପ୍ରିୟନାଥ ସ୍ଥିର ନିଶ୍ଚଳ ହୋଇ ଅପେକ୍ଷା କଲା ।

ଆପଣଙ୍କର ଚିନ୍ତା କଣ ସରିନାହିଁ ? ଆଗେଇ ଆସି କହିଲା ସୁରଭି, ଆପଣଙ୍କୁ ଏ ଅନ୍ଧାରରେ ମୁଁ ଯେ କେତେ ଖୋଜିଲିଣି· ·

ତୁମେ ମତେ କାହିଁକି ଖୋଜି ବାହାରିଲ ସୁରଭି, ମୋ ପିଛୁ ନବାକୁ ତୁମକୁ କିଏ କହିଲା ?

ବାପା ।

ରାଜେନ୍‌ବାବୁଙ୍କୁ ତ ମୁଁ କହି ଆସିଛି ।

କହି ଆସି ତ ଭୁଲ୍ କରିଛ, ସୁରଭି କହିଲା, ତୁମେ ଆସିବାର କିଛି ସମୟ ପରେ ସେ ମତେ ଯାଇଁ ପଚାରିଲେ, କୁଆଡ଼େ ଗଲା ପ୍ରିୟନାଥ ? ମୁଁ କହିଲି ସମୁଦ୍ରକୂଳକୁ । ଏତେ ରାତିରେ ? ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ । କହିଲେ ଶୀଘ୍ର ଯା ତୁ ଟର୍ଚ୍ଚଟା ନେଇ, ବର୍ଷା ଆସୁଛି, ଡାକ ଆଣ ତାକୁ ।

ତୁମେ ବି ଏକା ଆସିଲ କେମିତି ? ପ୍ରିୟନାଥ ପଚାରିଲା ।

ନାଁ ଏକା ନୁହେଁ । ରାସ୍ତା ପାଖରେ ବେଣୁଧର ଠିଆ ହୋଇଛି । ଆସ, ଯିବା ଆସ ।

ବେଣୁ ଯଦି ଆସିଛି, ତାକୁ ରହିବାକୁ ଦିଅ, ମୁଁ ସାଙ୍ଗରେ ନେଇ ଚାଲିଯିବି । ତୁମେ ଫେରି ଯାଅ ।

ନାଁ, ତୁମକୁ ବି ଫେରି ଯିବାକୁ ହବ ସାଙ୍ଗରେ । ତୁମେ ଫେରି ନଗଲା ପର୍ଯ୍ୟନ୍ତ ବାପା ଶୋଇପାରିବେନି ।

ମୋ ପାଇଁ ହଠାତ୍ ଏତେ ବ୍ୟସ୍ତତା କାହିଁକି ତୁମ ବାପାଙ୍କର କହି

ଯାଉଛ ?

ଯେତେବେଳେ, ସହରର ରିକ୍ସାବାଲା ଆଉ ମଟର କ୍ଲିନର ପାଇଁ ବ୍ୟସ୍ତ, ସେତେବେଳେ ତୁମପାଇଁ ତାଙ୍କ ବ୍ୟସ୍ତତା ମୂଳରେ ବିଶେଷ କାରଣ କିଛି ଅଛି ବୋଲି ଭାବୁଛ କାହିଁକି ? ସେଇଟା ତାଙ୍କର ଖିଆଲ··

ମୋ ଚିଠି ଗୁଡ଼ାକ ବାପାଙ୍କୁ ଦେଖେଇଛ ? ପ୍ରିୟନାଥ ଲଜ୍ଜିତ ପଚାରିଲା ଗଳାରେ ।

ଚିଠି ଗୁଡ଼ାକ ଦେଖେଇ ନାହିଁ, କହିଛି ସବୁ ।

ରାମପିଆରୀର ଚିଠି ଆଉ ଫଟୋ କଥା ମଧ୍ୟ ?

ଯଦି କହେ ହଁ ? ସୁରଭି ରହସ୍ୟ ସ୍ନିଗ୍ଧ କଣ୍ଠରେ ପଚାରିଲା ।

ନାଁ, କିଛି ନୁହେଁ, କେବଳ ପଚାରି ବୁଝୁଥିଲି ।

ମୋ ଉପରେ ତୁମେ ବିରକ୍ତ ନାଁ ?

କାହିଁକି ? ପ୍ରିୟନାଥ ଅନ୍ୟମନସ୍କ ଭାବରେ ଚାହିଁ ୨ କହିଲା ।

ତୁମ ଚିଠି ଗୁଡ଼ାକ, ସୁଟ୍‌କେଶ ଭିତରୁ କାଢି ନେଇ ଦେଖିଲି ବୋଲି ।

ନାଁ, ବିରକ୍ତ ହେବି କାହିଁକି ? ଚିଠି ଗୁଡ଼ାକ କାଢି ନେଇ ତ ତୁମେ ମତେ ବଞ୍ଚେଇ ଦେଇଛ । ସେ ଗୁଡ଼ାକ ଯଦି ଏସ: ପି:ଙ୍କ ହାତରେ ପଡ଼ି ଥାଆନ୍ତା, ତାହେଲେ କଣ ଆଜି ଆଉ ହାଜତରୁ ଜାମିନ୍‌ରେ ଖଲାସ ପାଇଥାନ୍ତି ? କିନ୍ତୁ ମୁଁ ଜାଣିବାକୁ ଚାହେଁ, ତୁମ ମାନଙ୍କୁ ସକାଳେ ସି. ଆଇ. ଡ଼ି ଇନ୍‌ସପେକଟର ଆସି ସବୁ କଣ କହିଲେ ?

ସବୁ କିଛି, ସୁରଭି ପ୍ରିୟନାଥ ସଙ୍ଗେ ସଙ୍ଗେ ଧୀର ମନ୍ଥର ଗତିରେ ଚାହିଁ ୨ କହିଲା, ତୁମେ ଜଣେ ଟେରେରିଷ୍ଟ, ଏଲହାବାଦରେ ଏକ ବୈପ୍ଳବିକ ଅନୁଷ୍ଠାନର ତୁମେ ଅଗ୍ରଣୀ, ତୁମ ବିରୁଦ୍ଧରେ ଅନେକ ଦେଶଦ୍ରୋହୀ ଅଭିଯୋଗ, ଗଲା ଦେଢବର୍ଷ ଧରି ତୁମେ ଆତ୍ମଗୋପନ କରି ବୁଲୁଚ, ଆଉ ଏଲହାବାଦର ଜଣେ ବରିଷ୍ଟ ପୁଞ୍ଜିପତି, ଲୁଗା ମିଲ୍‌ର ମାଲିକ ଶିବଶରନ୍ ତେୱାରୀଙ୍କର ଅବିଅହି କନ୍ୟା କୁମାରୀ ରାମପିଆରୀ ମଧ୍ୟ ତୁମର ସେଇ ଅନୁଷ୍ଠାନ ସହିତ ସମ୍ପୃକ୍ତ।

ଥିଲେ, ଆଉ ତୁମେ ତାଙ୍କୁ କୁଆଡ଼େ ନେଇ ପଳେଇ ଆସିଚ, ଏଇ ସନ୍ଦେହ କରି ସେ ତୁମକୁ ଆରେଷ୍ଟ କରାଇବା ପାଇଁ ଦୁଇଲକ୍ଷ ଟଙ୍କା ଖର୍ଚ୍ଚ କରି ସାରଲେଣି, କହି କଥା ମଝିରେ ହଠାତ୍ ଟିକଏ ରହିଯାଇଁ ପଚାରିଲା ସୁରଭି, ରାମପିଆରୀ କଣ ବାସ୍ତବିକ ତୁମ ବୈପ୍ଳବିକ ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ ।

ସେ କଥା କଣ ମୁଁ ତୁମକୁ ଏତେ ସହଜରେ କହି ଦେବ ବୋଲି ଆଶା କରୁଚ ?

କାହିଁକି ନକହିବ ? ବିଶ୍ୱାସ କରି ପାରୁନ ? ଅନ୍ଧାର ଭିତରେ ସୁରଭିର କଣ୍ଠସ୍ୱର ଯେପରି ଦୀପ୍ତ ହୋଇ ଉଠିଲା ।

ବିଶ୍ୱାସ-ଅବିଶ୍ୱାସର ପ୍ରଶ୍ନ ନୁହେଁ । ରାମପିଆରୀର ନାରୀପଣ ଦୃଷ୍ଟିରୁ ମୁଁ ତା ସମ୍ବନ୍ଧରେ ଯାହା ଜାଣେ, ତାକୁ ପୃଥିବୀର କାହାପାଖରେ ବି ଖୋଲି କହିବା ଉଚିତ୍ ନୁହେଁ ସୁରଭି । ଜୀବନରେ, ଅନେକ ବାଳିକାର ସଂସ୍ପର୍ଶରେ ଆସିଛି, କିନ୍ତୁ ପିଆରୀ ପରି ଦୁଃସାହସିକା ତରୁଣୀ ମୁଁ ଦେଖିନାହିଁ ଏ ପର୍ଯ୍ୟନ୍ତ । ତ୍ୟାଗ ଆଉ ମହିମାର ଐଶ୍ୱର୍ଯ୍ୟରେ ଦୀପ୍ତମୟୀ ସେଇ ତରୁଣୀ... ଅନୁଷ୍ଠାନର ଆଦର୍ଶ ପାଇଁ ଶେଷଙ୍କୁ କୋଟିପତି ପିତାର ସର୍ବନାଶ କରିବାକୁ ବି ପଛେଇ ନାହିଁ । ଅନୁଷ୍ଠାନର କର୍ତ୍ତବ୍ୟ ପାଳନ ଦୃଷ୍ଟିରୁ, ମୁଁ ତା ପାଖରେ ଯେ କେତେ ଶ୍ରେଷ୍ଠ ଆଜି ସେଇକଥା ଭାବିଲେ ମୁଣ୍ଡ ମୋର ତଳକୁ ନଇଁଆସେ । ସେ ଜୀବନରେ ବଞ୍ଚିକରି ଅଛି, ଯଦି ଏଇ ଟିକିକ ସମ୍ବାଦ ମୁଁ ପାଆନ୍ତି, କାଲି ପୁଲିସ ପାଖରେ, ମୁଁ ଖୁନି, ମୁଁ ମିଲ୍ ମ୍ୟାନେଜରଙ୍କୁ ଗୁଳି କରି ମାରିଛି ବୋଲି ସ୍ୱୀକାର କରି ଆଜୀବନ ଜେଲ୍ ବରଣ କରିବାରେ ପଶ୍ଚାତ୍ପଦ ନାହିଁ । ପିଆରୀ, ଏହ୍ଲାବାଦର ଷାଠିଏ ହଜାର ଶ୍ରମିକଙ୍କ ସଂଗଠନ ପାଇଁ ଯାହା କରିଛି, ସେ ଭୁଲିନାରେ, ତାକୁ ବଞ୍ଚେଇବା ପାଇଁ ମୋର ଫାଶିକାଠରେ ଝୁଲିବା ପାଇଁ କୌଣସି ଦୁଃଖ ନାହିଁ । କିନ୍ତୁ ସେ ପୃଥିବୀର କୌଣସି ଅଂଶରେ ଏବେ ବି ବଞ୍ଚିରହିଛି, ଏତକ ନଜାଣିଲା ପର୍ଯ୍ୟନ୍ତ ମୁଁ ମରି ପାରିବି ନାହିଁ ସୁରଭି, ପିଆରୀର ସନ୍ଧାନ ମତେ କରିବାକୁଇ ହେବ ?

ପିଆଲି ଜଣ ତୁମର ସହପାଠିନୀ ଥିଲା ।

ହଁ, ଏଲହାବାଦ୍ କଲେଜରେ ସେ ପଢୁଥିଲା ମୋର ସାଙ୍ଗରେ । ମୋର ଇଙ୍ଗିତରେ ହିଁ ସେ ଯୋଗ ଦେଇଥିଲା, ଶ୍ରମିକ୍ ସଂଗଠନରେ, ଆଉ ହଜାର ହଜାର ଟଙ୍କା ଦେଇ ସେ ଗଢି ତୋଲିଥିଲା ସେଇ ସଂଗଠନର ମନୁମେଣ୍ଟ । ଆଉ ଶେଷକୁ ସେଇ ସଂଗଠନର କ୍ରାନ୍ତିକାରୀ ବିପ୍ଲବ ପାଇଁ ସେ ଆଗେଇ ବାହାରିଲା ରିଭଲଭର ଧରି । ଖୁଣ୍ କଲା ମିଲ୍ ମାନେଜରଙ୍କୁ...

ମିଲ୍ ମ୍ୟାନେଜରଙ୍କୁ ଖୁଣ୍ କରିଛନ୍ତି ପିଆଲି ?

ହଁ ଖୁଣ୍ କରି ସେଇ ରାତରେ ହିଁ ସେ ହେଇଛି ଫେରାର । କି ଅସୀମ ସାହସ ତାର, ସୁରଭି, ତାକୁ ନଦେଖିଲେ ତମେ ବୁଝିପାରିବନି, ଅଗ୍ନିଶିଖା ପରି କି ଦୀପ୍ତିମୟୀ ସେଇ ନାରୀ !!

କିନ୍ତୁ, ପିଆଲି ଭିତରେ ସେଇ ଅଗ୍ନିଶିଖା ବୋଧହୁଏ ଜାଳି ଦେଇ ଥିଲ ତମେ ? ସୁରଭି ସହାନୁଭୂତିଶୀଳ କଣ୍ଠରେ କହିଲା, ପିଆଲି ହୁଏତ ଫେରି ଆସିବ, ପ୍ରିୟନାଥ ବାବୁ, କିନ୍ତୁ ଯୁ' ପିଆଲିକୁ ତୁମେ ହରେଇଚ ସେ ପିଆଲିକୁ ତୁମେ ଫେରି ପାଇବନି ।

ମାନେ, ଅନ୍ଧାର ଭିତରେ ଚମକି ଉଠିଲା ପ୍ରିୟନାଥ ।

ମାନେ, ସୁରଭି ଟିକିଏ ରହି ରହି ହେଇ କହିଲା, କୋଟିପତି ଝିଅର ଶ୍ରମିକ ସଂଗଠନରେ ଯୋଗଦେବା, ଲକ୍ଷ ଲକ୍ଷ ଟଙ୍କା ଦେଇ ସଂଗଠନର ପ୍ରତିଷ୍ଠା ଆଣିବା, ଆଉ ହାତରେ ରିଭଲଭର୍ ନେଇ, ମିଲ୍ ମାନେଜରକୁ ଖୁଣ୍ କରିବା... ଏ ସବୁ କ୍ଷଣିକ ଉତ୍ତେଜନା । ରକ୍ତରେ ଯାହାର ବୁନିଆଦି ମନୋବୃତ୍ତିର ଜୀବାଣୁ, ମନ ଭିତରେ ଯା'ର ଐଶ୍ୱର୍ଯ୍ୟର ଅହଙ୍କାର, ଅମିର ଆବହାଓ୍ୱାର ପାରିପାର୍ଶ୍ୱିକ ପରିସ୍ଥିତି ଭିତରେ ଯେ ବଢି ଆସିଛି ଅଲିଅଲି ରାଜ ଦୁଲାଳି ପରି, ସହପାଠୀ ତରୁଣର ମନ ଜୟପାଇଁ, ଶ୍ରମିକ ସଂଗଠନରେ ଯୋଗ ଦେଇ କିଛି ଟଙ୍କା ଦାନ କରି, ରିଭଲଭର ନେଇ ବିପ୍ଳବୀ ସାଜିବାର ଅଭିପ୍ରାୟ ତା ପକ୍ଷରେ ଏକ ଉଦ୍ଦେଶ୍ୟମୂଳକ ଉତ୍ତେଜନା ଛଡ଼ା କିଛି ନୁହେଁ ।

ନାଁ, ନାଁ, ଏ ସବୁ ତୁମେ କଣ କହୁଚ ସୁରଭି ! ତୁମ ମୁହଁରେ ପିଆଲୀ ଚରିତ୍ରର ଏ ସମାଲୋଚନା ମୁଁ ସହ୍ୟ କରି ,ପାରେ ନାଁ ।

ସହ୍ୟ ତୁମେ କରି ପାରିବନି ମୁଁ ଜାଣେ ? ମୁଁ ଜାଣେ, ତୁମେ ତାଙ୍କୁ ଭଲପାଅ । ସେଇଥି ପାଇଁ... ତୁମ ଅନୁଷ୍ଠାନରେ ତାଙ୍କର ଯୋଗ ଦେବାଟାକୁ ତୁମେ ଦେଶାତ୍ମବୋଧର ,ବୈପ୍ଳବିକ ଦୃଷ୍ଟି କୋଣରୁ ବିଚାର କରି ଦେଖୁଚ । କିନ୍ତୁ ମୁଁ କହିବି ପିଆଲୀଙ୍କ ସମ୍ବନ୍ଧରେ ତୁମର ଏ ବିଚାର ଧାରା ସଂପୂର୍ଣ୍ଣ ଭୁଲ୍ ।

ଭୁଲ୍! ଅଳ୍ପ ଟିକିଏ ହସି ଉଠିଲା ପ୍ରିୟନାଥ । ମୋ ମୁହଁରେ ପିଆଲୀଙ୍କ ପ୍ରଶଂସା ତୁମେ ସହ୍ୟ କରି ପାରୁନ, ନା ?

ପ୍ରଶଂସା ତ ନୁହେଁ, ପିଆଲୀଙ୍କ ପ୍ରତି ଅବମାନନା କରିଚ ତୁମେ । ଜଣେ ଯାହା ନୁହେଁ, ତାକୁ ସେଇଆ ବୋଲି ଜବରଦସ୍ତ ଭାବିନେବା, ଜଣେ ଯାହା କରି ପାରେନା, ତାକୁ ସେଇଆ କରିବାକୁ ବାଧ କରାଇବା, ମଣିଷତ୍ୱ ବିଚାର ବୋଧର ବାହାରେ । ରୀମ ପିଆଲୀ ହୁଏତ ସୁନ୍ଦରୀ ! ତାଙ୍କ ରୂପର ସୌନ୍ଦର୍ଯ୍ୟରେ ତୁମେ ପାଗଳ ହୋଇ, ତାଙ୍କୁ ନିଜ ଆଡ଼କୁ ଟାଣିଛ·· ଆଉ ପ୍ରଲୁବ୍ଧ କରେଇଛ·· ତୁମର ଦେଶାତ୍ମବୋଧର କେରୁଟା ବଡ ବଡ଼ କଥାର ଭାବାର୍ଥ ବୁଝେଇ । ରୀମ ପିଆଲୀ କୋଟିପତିଙ୍କ ଅଲିଅଳି କନ୍ୟା । ତୁମେ ଦରିଦ୍ର । ତୁମେ ଦେଖିଚ ରୀମ ପିଆଲୀର ଚିତ୍ତ ଜୟ କରିବାକୁ ହେଲେ କିଛି ଐଶ୍ୱର୍ଯ୍ୟର ଅହଙ୍କାର ବି ଦରକାର । କିନ୍ତୁ ସେ ଐଶ୍ୱର୍ଯ୍ୟ ତୁମର ନାହିଁ । ସେଇଥି ପାଇଁ ଐଶ୍ୱର୍ଯ୍ୟକୁ ଘୃଣା କରି ତୁମେ ଝାଡ଼ୁଛ କିଛି ଲେଲିନ୍ ଆଉ ମାର୍କସିଜିମ୍ର ଦାମୀ ଦାମୀ ଭାଷଣ । ପୁଞ୍ଜିବାଦ ବିରୁଦ୍ଧରେ ତୁମ ଜ୍ଞାନ ଐଶ୍ୱର୍ଯ୍ୟର ସ୍ଥିତି ଦେଖାଇ, ପିଆଲୀଙ୍କ ବାପାଙ୍କୁ ସମାଜର ଏକ ଘୃଣ୍ୟ ଜୀବ ବୋଲି ,ପ୍ରମାଣ କରି ତୁମେ ଦାରିଦ୍ର୍ୟର ଅହଙ୍କାରକୁ ଟେକି ଧରିଛ ବଡକରି ରୀମପିଆଲୀଙ୍କ ସମ୍ମୁଖରେ । ଆଉ ତାଙ୍କୁ ଭୁଲେଇଛ କଥାର ଉପମାରେ, ବହୁର ଭାଷାରେ । ନାରୀ ଚିରଦିନ ଦୁର୍ବଳ । ରୀମପିଆଲୀ ଭୁଲିଛି ତୁମ କଥାରେ, ଆଉ ସେ ଯାହା ନୁହେଁ, ସେଇଆ ହବାକୁ ଚେଷ୍ଟା କରିଛି ତୁମକୁ ଜୟକରିବା ପାଇଁ । କିନ୍ତୁ ସବୁ

ଶ୍ରମିକ ପାଇଁ । ତାର ଭ୍ରମ ଭାଙ୍ଗି ଯାଇଛି, ତାର ଭୁଲ ସେ ବୁଝିପାରିଛି । ସେଇଥିପାଇଁ ମାନେଜରଙ୍କୁ ଖୁନ୍ କରି ସାରି, ସେ ସାହସ କରି ପାରିନ, ତା ଖୋରଣ୍ଡର ବାହାଦୁରୀ ରାଜପଥରେ ଆସି ପ୍ରଚାର କରିବା ପାଇଁ । ସାହସ କରି ପାରିନ, ସ୍ୱୀକାର କରିବାକୁ··· ସେଇ ଖୁନି, ସେଇ ଅପରାଧୀ । ଅନ୍ୟାୟ ତ ସେ କରି ନଥିଲା କିଛି । ଷାଠିଏ ହଜାର ଶ୍ରମିକଙ୍କ ଦାବୀ ହାସଲ କରିବାପାଇଁ ସେ ଖୁନ୍ କରିଥିଲା ମିଲ୍ ମାନେଜରଙ୍କୁ । ଶାସ୍ତି ଗ୍ରହଣ କରି ରାଜଦଣ୍ଡ ପାଇ ମରିଥିଲେ ତ ସେ ଶହୀଦ୍ ହୋଇଥାନ୍ତା । ଭୀରୁ ପରି ଆତ୍ମଗୋପନ କଲା କାହିଁକି ? କହୁ କହୁ ଉତ୍ତେଜିତ ହୋଇ ଉଠିଲା ସୁରଭି··· ଆଉ ଶାଣିତ ଗଳାରେ କହିଲା, ତୁମ ମୁହଁରେ ପିଆରୀଙ୍କ ପ୍ରଶଂସା ସହ୍ୟ କରିପାରିବ ନାହିଁ ବୋଲି କାହିଁକି କହିଲି, ବୁଝି ପାରୁନ । ରାମ ପିଆରୀଙ୍କ ପରି ମୁଁ ତ ତୁମର ପ୍ରେମିକା ନୁହେଁ, ଯେ ତୁମ ମୁହଁରେ ପିଆରୀଙ୍କ ପ୍ରଶଂସା ଶୁଣି ! ହିଂସା ହେବ ।

ଚାବୁକ ପାହାର ବାଜିଲା ପରି ଚମକି ଉଠିଲା ପ୍ରିୟନାଥ । କହିଲା·· ମତେ ତୁମେ ଭୁଲ ବୁଝିଲ ସୁରଭି, ରାମପିଆରୀ ମୋର ପ୍ରେମିକା ନୁହେଁ ! ଆମ ଦୁହିଁଙ୍କ ଭିତରେ ଶସ୍ତା ପ୍ରେମର ସୁଯୋଗ ଆସିନି କେବେହେଲେ ! ତା ଛଡ଼ା, ପିଆରୀ କି ତୁମେ ଜାଣିନ । ସାଧାରଣ ନାରୀର ବ୍ୟତିକ୍ରମ ସେ ! କୋଠିପତିର ଝିଅ ହୋଇ ଜନ୍ମଗ୍ରହଣ କରିବା ଦୋଷ ତାର ନୁହେଁ ! ସେଇ ଦୃଷ୍ଟିରୁ ତାର ବିପ୍ଳବିନୀ ରୂପକୁ ତୁମେ ଅସ୍ୱୀକାର କରିବା ଆଦୌ ଉଚିତ ନୁହେଁ । ଯେ ଶୋଷିତ ନୁହେଁ, ସେ କଣ ଶୋଷିତ ଶ୍ରେଣୀ ପାଇଁ ଲଢ଼ିପାରେ ନାଁ ?

ନାଁ, ପାରେ ନାଁ । ଧନୀ ଯଦି ଦରିଦ୍ରପାଇଁ ଲଢ଼ୁ ଥାନ୍ତା, ସମାଜରେ ତାହେଲେ ଶ୍ରେଣୀ ସଂଘର୍ଷ ଦେଖା ଦିଅନ୍ତା କାହିଁକି ? କାହିଁକି ତାହେଲେ ଜନ୍ମ ନେଇଥାନ୍ତା ଲେନିନଜିମ୍ ! ବୁଲଗାନିନ୍‌ଙ୍କ ରୁଷିଆ ଆଉ ଆଇଜେନ୍ ହାୱାରଙ୍କ ଅମେରିକା ଭିତରେ ଏତେ ବିରାଟ ବିଭେଦ କାହିଁକି ଦେଖା ଦେଇଥାନ୍ତା ! ପୃଥିବୀ ଆଜି ଶୀତଳ ଯୁଦ୍ଧର ଆତଙ୍କରେ ଥରି ଥରି ହେଉଥାନ୍ତା କାହିଁକି ? କହି ସୁରଭି ଟଳୁ ଟଳୁ ହଠାତ୍ ଠିଆ ହେଲା । ଠିଆ

ହୋଇ ଅନେଇଲା ତରଙ୍ଗ ବିକ୍ଷୁବ୍ଧ ସମୁଦ୍ର ଆଡେ । ପ୍ରବଳ ଉତ୍ତେଜନାରେ ସେ କଣ ସବୁ କହିଗଲା, ତାକୁଇ ଯେପରି ଆଉଥରେ ଅରେଖାର ଦେଖିବାକୁ ଚେଷ୍ଟା କଲା ।

ଆକାଶରେ ହଠାତ୍ ଚମକ ଉଠିଲା ବିଦ୍ୟୁତ । ମେଘ ଘୋଟି ଆସିଛୁ ଦିଗନ୍ତ ଘେରି । ପବନରେ ପ୍ରଖର ବେଗ ! ସେଇ ବେଗର ହିଲ୍ଲୋଳରେ ଖୁବ୍ ଦୂରରୁ ଭାସି ଆସିଲା ବେଣୁର କଣ୍ଠସ୍ୱର ଦାଦା... ଦାଦା··

ବର୍ଷାର ଝିର ଝିର ଶବ୍ଦ । ତୋଫାନି ହାଓ୍ୱାର ଧକ୍କାରେ··ସୁରଭିର ଶାଢ଼ୀ ଯେପରି ତାକୁ ସମୁଦ୍ର ବକ୍ଷକୁ ଉଡେଇ ନେଇ ଯିବାକୁ ଚାହେଁ । ଫେରି ଚାଲ, କହିଲା ସୁରଭି··

ଅନ୍ଧାର ଭିତରେ କରୁଣ କୋମଳ ପ୍ରାର୍ଥନା ପରି ସୁରଭିର କଣ୍ଠସ୍ୱର !

ହଁ, ଯିବ, ପ୍ରିୟନାଥ ନମ୍ର ସ୍ୱରରେ କହିଲା, କିନ୍ତୁ ହୋଟେଲକୁ ନୁହେଁ ହାଜତକୁ ।

ମାନେ ?

ମାନେ, ତୁମକୁ ଅପମାନିତ କଲାପରେ, ତୁମ ଆଶ୍ରୟରେ ଆଉ ରହିବାର ମୁହଁ ଆଉ ନାହିଁ । ଥାନାକୁ ଯାଇଁ, ରାଜେନ୍ ବାବୁଙ୍କ "ଜାମିନ୍"କୁ ପ୍ରତ୍ୟାଖ୍ୟାନ କରିବି ।

ବେଶ୍, ସେ କଥାର ମିମାଂସା ଆଗେ ବାପାଙ୍କ ପାଖରେ ହେବ । ଚାଲ । କହି ସୁରଭି ଟିକିଏ ରହିଯାଇଁ ପୁଣି କହିଲା, ତା ଛଡା, ପିଆରୀଙ୍କ ଚିଠି ବିଡାଟା ଯେ ମୋ ପାଖରେ ଅଛି । ତାକୁ ନନେଇ ଯିବ କେମିତି ।

ବିଦ୍ୟୁତ ଆଲୋକର ଝଲକ ଭିତରେ ପ୍ରିୟନାଥ ଥରେ ସୁରଭି ମୁହଁକୁ ଚାହିଁଲା । ତାପରେ ଧିରେ ଧିରେ ରାସ୍ତା ଆଡେ ଚାଲୁ ଚାଲୁ କହିଲା··ସେ ଚିଠି ଗୁଡାକ ଆଉ ଫେରାଇ ନେବା ଦରକାର ନାହିଁ ମୋର ସୁରଭି । ସେ ଗୁଡାକ ତୁମରି ଆଶ୍ରୟରେ ହିଁ ବେଶୀ ନିରାପଦରେ ରହିବେ ।

ଏ ବିଶ୍ୱାସ ତୁମର ହଠାତ୍ ମୋ ଉପରେ ଆସିଲା କେମିତି ? ପୁଣି ରାମ ପିଆରୀଙ୍କ ପରି ଅସାଧାରଣ ତରୁଣୀର ଚିଠି ଗୁଡାକର ନିରାପତ୍ତା ନେଇ

ମୋ ଉପରେ ବିଶ୍ୱାସ ?

ହଁ, ସେ ବିଶ୍ୱାସ ମୋର ତୁମେ ଆଣି ଦେଇଛ ସୁରଭି । ପିଆସୀଙ୍କ ମୁଁ ଭଲ ପାଇଚି, କିନ୍ତୁ ପିଆରୀଙ୍କ ଆଖିରେ ନଦେଖି ବି ମୋର କଥାରୁ ଚିହ୍ନି ପାରିଚ ତୁମେ । କହି ଅତି ସନ୍ତର୍ପଣରେ ସେ ଧରିଲା ସୁରଭିର ଗୋଟିଏ ହାତ ପ୍ରଗାଢ ସ୍ନେହରେ ।

ସୁରଭିର ସମସ୍ତ ଦେହ ମୃଦୁ ଶିହରଣରେ କଣ୍ଟକିତ ହୋଇ ଉଠିଲା ତା ଅଲକ୍ଷ୍ୟରେ ବାହାରି ଆସିଲା ଏକ କରୁଣ ଦୀର୍ଘଶ୍ୱାସ ।

## —ଛଅ—

ତୁମେ କବିତା ଲେଖ ପ୍ରିୟନାଥ ? ରାଜେନ୍ ବାବୁ ହାତରେ ଗୋଟାଏ ସୁନେଲି ବନ୍ଧେଇ ଖାତା ଧରି ପଶିଗଲେ ପ୍ରିୟନାଥର ଘର ଭିତରକୁ । କବିତା ଭଲପାଅ ତୁମେ ?

ଆଜ୍ଞା, ସନ୍ତର୍ପଣରେ ଉଠି ଠିଆ ହେଲା ପ୍ରିୟନାଥ, କହିଲା ସ୍କୁଲର ଛାତ୍ରଥିଲା ବେଳେ କବିତା ଲେଖିବାର ବଦଭ୍ୟାସ ମୋର ଥିଲା ।

ବଦାଭ୍ୟାସ ? ଠୋ-ଠୋ କରି ହସି ଉଠିଲେ ରାଜେନ୍‌ବାବୁ, କହିଲେ ଠିକ୍ କହିଛ, ତୁମ- ମୋ ପକ୍ଷରେ କବିତ୍ୱଟା ଗୋଟାଏ ଅଭିଶାପ ! ତେବେ ମୋ କବିତାଟା କିଛି ସ୍ୱତନ୍ତ୍ର । ଏ ଜହ୍ନ ଆଉ ସୁରାର କବିତା ନୁହେଁ‥ ଏ ଶୋଷିତ ଆଉ ସଂଘର୍ଷର କବିତା, କହି ରାଜେନ ବାବୁ ଚେୟାର ଉପରେ ବସି କହିଲେ ହ୍ୱିଟ୍‌ମ୍ୟାନଙ୍କୁ ତୁମେ ପଢିଥିବ‥ କିନ୍ତୁ ତାଙ୍କୁ କେବେ ଅନୁଭବ କରିଛ ନିଜ ଭିତରେ ?

ପ୍ରିୟନାଥ ଟିକିଏ ଗମ୍ଭୀର ହୋଇ ଚୁପ୍ କରି ବସିଲା ।

କହିଚାଲିଲେ ରାଜେନ୍ ବାବୁ, ସୁରଭି କହୁଥିଲା ତୁମେ କୁଆଡ଼େ ଜଣେ ବଡ଼ କବି । ତୁମ ସୁଟ୍‌କେଶ ଭିତରୁ କାଢି ନେଇଥିବା ଚିଠି ବଣ୍ଡଲ ଭିତରୁ ସେ ତୁମ କବିତ୍ୱକୁ ଆବିଷ୍କାର କରିଛି ।

ଚଠି ବଣ୍ଡଲ ଭିତରୁ ମୋ କବିତ୍ୱ ? ପ୍ରିୟନାଥ ଆଶ୍ଚର୍ଯ୍ୟରେ ପଚାରିଲା।

ହଁ, ମୁଁ ପଚାରିଲି, କଣ ଅଛି ସେ ଚଠି ଭିତରେ ଅଣ ଦେଖିବା। ସୁରଭି କହିଲା, କେତେ ଗୁଡ଼ାଏ ବୈପ୍ଳବିକ କବିତାର ସମଷ୍ଟି। ତା ଛଡ଼ା ଆଉ କିଛି ନାହିଁ।

ପ୍ରିୟନାଥ ଟିକିଏ ଆଶ୍ୱସ୍ତିର ନିଶ୍ୱାସ ମାରିଲା। ସୁରଭି ତାହେଲେ ପିଆର୍ ର ଚଠି ସମ୍ବନ୍ଧରେ କିଛି କହିନ ରାଜେନ୍ ବାବୁଙ୍କୁ। ରକ୍ଷା ହେଇଛି।

ସେ କବିତା ଗୁଡ଼ା ମୋ ପାଖରେ ଥରେ ପଢ଼ି ଶୁଣାଇବ ? ମତେ କବିତା ଖୁବ୍ ଭଲ ଲାଗେ। ଉମେଶ ବୋଲି ଗୋଟିଏ ପିଲା ଏଠିକି ଆସେ। ସେ ଜଣେ କବି। ତା ସହିତ ପରିଚୟ କରେଇ ଦେବି ତୁମକୁ।

ଆପଣଙ୍କର ସେ ଖାତା କଣ ସାର୍ ?

ଏ ବି ମୋର କିଛି କବିତା ସଂଗ୍ରହ। ଶୁଣିବ ? ସୁରଭି କି ଡାକେ। ସେ ପଢ଼ି ଶୁଣାଇବ। କହି ରାଜେନ୍ ବାବୁ ବଢ଼ ପାଟିରେ ବେଣୁଧର, ବେଣୁଧର ବୋଲି ତିନି ଥର ଡ଼ାକ ଡ଼ାକିଲେ।

ତଳୁ ଧଇଁ ସଇଁ ହେଇ ଧାଇଁ ଆସିଲା ବେଣୁଧର, କହିଲା ଆଜ୍ଞା, ଦାଦାଙ୍କୁ ଗୁଣ୍ଡାମାନେ ମାରିଛନ୍ତି, ଲୋକ ଆସିଛି ଆପଣଙ୍କୁ ଡାକିବା ପାଇଁ, ଦାଦାଙ୍କ ମୁଣ୍ଡ ଫାଟି ରକ୍ତ ବହୁଛି...

କଏ ଆସିଛି ? ରାଜେନ୍ ବାବୁ ବ୍ୟତିବ୍ୟସ୍ତ ହେଇ ଉଠି ତଳକୁ ଓହ୍ଲେଇଗଲେ, ଆଉ ସଙ୍ଗେ ୨ ପ୍ରିୟନାଥ। ଟାକ୍ସି ଗୋଟାଏ ଠିଆ ହେଇଛି ରାସ୍ତା ଉପରେ। ଡ୍ରାଇଭର ଅପେକ୍ଷା କରିଛି ହୋଟେଲ୍ର ସାମ୍ନାରେ। ଟାକ୍ସିରେ ବସେଇ ନେଇଯିବା ପାଇଁ ରାଜେନ୍ ବାବୁଙ୍କୁ।

ଗାଡ଼ି ଭିତରେ ଉଠି ବସି, ପଚାରିଲେ ରାଜେନ୍ ବାବୁ, କଣ ହେଇଛି ବଳଆର ସିଂ, ସୁରଭି ଅଛି କେଉଁଠି ?

ମାର୍କେଟ ପାଖରେ। କହି ବଳଆର ସିଂ ତୋଫାନ୍ ବେଗରେ ଗାଡ଼ି ଛୁଟେଇ ଦେଲା।

ସନ୍ଧ୍ୟା ଅନେକ ବେଳ ହୋଇ ଯାଇଛି, ବିଦ୍ୟୁତ୍ ଆଲୋକରେ ପୁରୀ ବଡ଼ଦାଣ୍ଡ ଉଦ୍ଭାସିତ । ମାର୍କେଟ ପାଖ ଗୋଟିଏ ହୋଟେଲ ସାମନାରେ ରୁଣ୍ଡ ହୋଇଛନ୍ତି ହଜାର ହଜାର ଲୋକ । ପାଟି ଗୋଳ, ହଲ୍ଲା-ଚିତ୍କାରରେ ରାସ୍ତା କମ୍ପୁଛି । ଖଣ୍ଡେ ଦୂରରେ ମଟରରୁ ଓହ୍ଲାଇ, ରାଜେନ୍ ବାବୁଙ୍କୁ ଅପେକ୍ଷା ନକରି ପ୍ରିୟନାଥ ଧାଇଁ ଧାଇଁ ଭିଡ଼ ଭିତରେ ପଶିଗଲେ । ଏ କଣ ? ସୁରଭିର ଏ କି ରୂପ ! କପାଳ ଫାଟି ରକ୍ତ ବହୁଛି । ଧଳା ଶାଢ଼ୀଟା ରକ୍ତରେ ଭିଜି ଜୁଡୁବୁଡୁ । ଆତଙ୍କରେ ଚିତ୍କାର କରି ଉଠିଲେ ପ୍ରିୟନାଥ । ଏ ତୁମର କଣ ହୋଇଛି ସୁରଭି ! କିଏ କରିଛି ତୁମର ଏ ସର୍ବନାଶ ? କହୁ କହୁ ପ୍ରିୟନାଥ ରାଗରେ ଥରି ଉଠିଲେ ।

ବାପା ଆସି ନାହାନ୍ତି ? ସୁରଭି ସ୍ପଷ୍ଟ ଗଳାରେ ପଚାରିଲା ।

ହଁ, ଆସିଛନ୍ତି ରାଜେନ୍ ବାବୁ ।

ଛି, ଛି, ତାଙ୍କୁ ଏଠିକି କିଏ ଡାକିଲା ? କହି, ସୁରଭି ତା ଆଗରେ ଛିଡ଼ା ହୋଇଥିବା ଲୋକମାନଙ୍କୁ ଉଦ୍ଦେଶ୍ୟ କରି କହିଲା, ତୁମେମାନେ କୌଣସି ଗୋଳମାଳ କରିବ ନାହିଁ । ମତେ ନର୍ଭର ଜବାବ ଦେଲେ ମୁଁ ହସ୍ପିଟାଲ ଯିବି । ଗୁଣ୍ଡା ମାନଙ୍କର ଦୋଷ କିଛି ନାହିଁ । ତାଙ୍କ ଉପରେ ଆକ୍ରମଣ କରିବା ଅର୍ଥ ପଶୁଠାରୁ ବଳି ଆଉରି ବର୍ବର ହବାପାଇଁ ପ୍ରେରଣା ଦେବା । ଦୋଷ, ହୋଟେଲ ମାଲିକଙ୍କର ! ନାଥିଆ ଚାକର ଟୋକାକୁ ପଇସା ନଦେଇ ରାତି ଦିନ ଗଧ ପରି ଖଟାଉଛନ୍ତି ସେଇ ! ପଇସା ମାଗିଲା ବୋଲି ତାକୁ ପାଞ୍ଚଣରେ ପିଟି ଦେହରେ ନୋଳା ଫଟେଇ ଦେଇଛନ୍ତି ସେଇମାନେ । ତଳିଆଙ୍କାବଙ୍କ ସଙ୍ଗରେ ସେ ଯାଇଁ ଫେରାଦ ହେବାରୁ, ଆଉ ମୁଁ ସେକଥା ବୁଝିବାକୁ ଆସିବାରୁ ଗୁଣ୍ଡାମାନଙ୍କୁ ଟଙ୍କା ଦେଇ, ତାଙ୍କୁ ହୋଟେଲରେ ମଦ ଆଉ ମାଂସ ଖାଇବାକୁ ଦେଇ ମତେ ମାଡ ମରେଇଛନ୍ତି ! ଗୁଣ୍ଡାମାନଙ୍କୁ ମଦ ଆଉ ଶହ ୨ ଟଙ୍କା ଦେଇ ସେ ପଛେ ମାଲି ମକଦ୍ଦମାରେ ହଜାର ୨ ଖର୍ଚ୍ଚ କରିବେ, କିନ୍ତୁ ନାଥିଆ ପରି ଚାକର ଟୋକାକୁ ତାର ମିହନତର ହକ ପାଉଣା ଚଉଦଟା ଟଙ୍କା ଦେବେ ନାହିଁ । ଏ ଅନ୍ୟାୟ

ବିରୁଦ୍ଧରେ ବଳିଷ୍ଠ ପ୍ରତିବାଦ ଦରକାର। ସମାଜରେ ଆଜି ପ୍ରତ୍ୟେକ ଶ୍ରେଣୀବାଲାଙ୍କ ଏଇ ଶୋଷଣ ମନୋବୃତ୍ତି ! ନାଥିଆ ପରି ହଜାର୨ ଡଲିଆ ଜୀବ, ଆଜି ମେହନତ କରି ମୂଲ ପାଉନାହାନ୍ତି, ଖଟି ପେଟପୂରି ଖାଇବାକୁ ପାଉ ନାହାନ୍ତି। ଆମକୁ ଏହାର ପ୍ରତିକାର କରିବାକୁ ହେବ। କାଲିଠାରୁ ପୁରୀ ସହରରେ ଯେତେ ହୋଟେଲ ଅଛି, ପୁରୀର ରିକ୍ସ ଯେ ଯୁଉଠି ରିକ୍ସା କରୁଛନ୍ତି ସମସ୍ତେ ଧର୍ମଘଟ କରନ୍ତୁ ! ମୁଁ ଜାଣେ, ଆଜିର ଦୁର୍ଘଟଣା ପଛରେ ପୁରୀ ସହରର ସବୁ ପୁଞ୍ଜିପତି ବ୍ୟବସାୟୀଙ୍କର ହାତ ଅଛି।

ଏତିକିବେଳେ ଆସି ପହଞ୍ଚିଗଲେ ପୁଲିସର ଫଉଜ।

ରାଜେନ୍ ବାବୁ ବି ଆସି ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଲେ।

ପୁଲିସ ଇନ୍‌ସପେକ୍ଟର ସବୁ ଶୁଣି ସାରି, ଗିରଫ କଲେ ରିକ୍ସାକଣ ଗୁଣ୍ଡା, ଆଉ ହୋଟେଲ ମାଲିକ ନରସିଂହ ତିଆଡ଼ିଙ୍କୁ। ଥାନାକୁ ଯାଇ ସମସ୍ତଙ୍କର ବୟାନ ନିଆଗଲା। ଗୁଣ୍ଡାମାନେ ସ୍ୱୀକାର କଲେ·· ସେମାନଙ୍କୁ ଦେଢ଼ଶ ଟଙ୍କା ଦିଆଯାଇଛି ବ୍ୟବସାୟୀ ସଙ୍ଘ ତରଫରୁ, ନରସିଂ ତିଆଡ଼ିଙ୍କ ମାରଫତରେ।

ପୁଲିସ ଇନ୍‌ସପେକ୍ଟର ଚାହିଁଲେ ସୁରଭିକୁ। କହିଲେ ଆପଣ ଏ ସବୁ ମାମଲା ଭିତରେ କାହିଁକି ?

ନାଥିଆ ମୋ ପାଖରେ ଯାଇଁ ସାହାଯ୍ୟ ଚାହିଁଲା।

ନାଥିଆ ଆପଣଙ୍କର କିଏ ?

ମୋର ସାନଭାଇ।

ପୁଲିସ ଇନ୍‌ସପେକ୍ଟର ଟିକିଏ ଆଶ୍ଚର୍ଯ୍ୟ ହୋଇ ସୁରଭି ମୁହଁକୁ ଚାହିଁଲେ।

ତାଙ୍କର ଏ ପ୍ରଶ୍ନବାଚକ ଦୃଷ୍ଟିର ଉତ୍ତର ଦେଲେ ରାଜେନ୍ ବାବୁ। କହିଲେ, ନାଥିଆ ସୁରଭିର ଭାଇ ନୁହେଁ ବୋଲି ସନ୍ଦେହ କରିବାର କିଛି କାରଣ ଅଛି ?

ଲାଞ୍ଚନେଇ କେସ୍‌କୁ ଉଡ଼େଇଦେବା ମତଲବରେ ଅଛନ୍ତି ଆପଣ ନା ?

ଗର୍ଜିଉଠିଲା ଥାନା ବାହାରେ ଅଗଣିତ କଣ୍ଠସ୍ୱର ।

କିଏସେ ସେମାନେ ? ପାଟିକରି ଉଠିଲେ ଇନ୍‌ସପେକ୍‌ଟର ।

ସହରଯାକର ରିକ୍‌ସା ବାଲା, ମଟର କ୍ଲିନର, ହୋଟେଲ ଗ୍ୱକର, ବୋଟ ଗୁହାଳ, ଆଉ ସାଇକେଲ-ମଟର ମରାମତି ଦୋକାନର ମଇଳାମୁଣ୍ଡିଆ ତଳିଆ ଜୀବ ଯେତେ, ହସି ହସି କହିଲେ ରାଜେନ୍ ବାବୁ । ଆପଣ ଏମାନଙ୍କୁ ଚିହ୍ନି ନଥିବେ । ଏମାନଙ୍କର କୌଣସି ପରିଚୟ ନାହିଁ ସମାଜରେ ।

ଏମାନଙ୍କୁ ନେଇ ଆପଣ ଗୋଟାଏ ଅନୁଷ୍ଠାନ ଗଢିଛନ୍ତି ନା କଣ ?

ଅନୁଷ୍ଠାନ ଗଢିବା ଦରକାର ହେଇନି । ସେମାନେ ପ୍ରତ୍ୟେକ ଏକ ଜୀବନ୍ତ ଅନୁଷ୍ଠାନ ।

ଏହା ପରେ ଇନ୍‌ସପେକ୍‌ଟର ବାବୁ ଆଉ କିଛି ପଚାରିବାକୁ ସାହସ କଲେ ନାହିଁ ।

ସୁରଭିର ରିପୋର୍ଟ ଲେଖା ସରିଲା ପରେ ପ୍ରିୟନାଥ କହିଲା, ଚାଲ, ହସପିଟାଲ ଯିବାକୁ ପଡ଼ିବ । ମୁଣ୍ଡ ଫାଟି ରକ୍ତର ଧାର ଛୁଟିଛି ।

ବିଶେଷ କିଛି ନୁହେଁ,ଛୁରିରେ ସାମାନ୍ୟ ଆଘାତ କପାଳରେ । ପୋଡ଼ା-କନା ଟିକେ ଦେଇଦେଲେ ଭଲ ହୋଇଯିବ ।

ନା, ନା ପ୍ରିୟନାଥଙ୍କ ସଙ୍ଗରେ ତୁ ହସପିଟାଲ ଯାଇ ଭଲକରି ବ୍ୟାଣ୍ଡେଜ୍ କରି ଆସ, ମୁଁ ହୋଟେଲକୁ ଫେରିଯାଉଛି,କହି ରାଜେନ୍‌ବାବୁ ଗୋଟାଏ ରିକ୍‌ସା ଡାକି ବସି ଚାଲିଗଲେ । ପ୍ରିୟନାଥ ରାସ୍ତା ଉପରୁ ଆଉ ଗୋଟେ ରିକ୍‌ସା ଡାକିବାକୁ ଯାଉଥିଲା, ସୁରଭି କହିଲା, ନା, ହସପିଟାଲଟା ପାଖରେ, ବେଶ ଚାଲିଯାଇ ହେବ । ମୋ ପରି ଦେଶର ହଜାର ହଜାର ଝିଅ ଖାଇବାକୁ, ପିନ୍ଧିବାକୁ ନ ପାଉଥିବା ବେଳେ, ମୁଁ ଏଇ ସାମାନ୍ୟ ଆଘାତ ପାଇଁ ରିକ୍‌ସାରେ ଚଢି ପଇସା ନଷ୍ଟ କରିବା ସୁନ୍ଦର ନୁହେଁ ।

ତୁମେ ଆଘାତ ପାଇ ଦୁର୍ବଳ ହେଇଚ ବୋଲି ମୁଁ ରିକ୍‌ସା କଥା କହିଲି ସୁରଭି, ପଇସା ଖର୍ଚ୍ଚ କରି ରିକ୍‌ସାରେ ଚଢି ବୁଲିବାର ବଡ଼ଲୋକ

ମନୋବୃତ୍ତି ମୋର ବି ନୁହେଁ ।

ହସ୍‌ପିଟାଲ ଉଦ୍ଦେଶ୍ୟରେ ଧୀର ମନ୍ଥର ଗତିରେ ରାସ୍ତା ଉପରେ ଚାଲୁ ଚାଲୁ ସୁରଭି ଥରେ ପ୍ରିୟନାଥ ଆଡ଼େ ଈଷତ୍ ବକ୍ରଦୃଷ୍ଟି ହାଣି ରହସ୍ୟ ସ୍ନିଗ୍ଧ ଗଳାରେ କହିଲା, ବଡଲୋକ ମନୋବୃତ୍ତିଟା ନ ରହିବା ତୁମର ଗୋଟିଏ ଆଦର୍ଶବାଦ ହୋଇପାରେ । ଅସଲରେ କିନ୍ତୁ ତୁମେ ବଡଲୋକ । ତୁମର ଚାଲି ଚଳନ, ହାବଭାବ, ବେଶଭୂଷା ଆଉ ରୂପର ଉଜ୍ଜ୍ୱଳତା ଭିତରେ ସେଇଟା ଖୁବ୍ ସୁସ୍ପଷ୍ଟ ।

ମାନେ, ପ୍ରିୟନାଥ ଆହତ ଗଳାରେ କହିଲା, ତୁମେ କହିବାକୁ ଚାହଁ, ସମାଜର ସର୍ବହରାଙ୍କ ପାଇଁ ମୋର ସହାନୁଭୂତି ଗୋଟାଏ ଲୋକ ଦେଖାଣିଆ ଆଦର୍ଶବାଦର ପ୍ରଚାର ?

କଥାଟା ଆଉରି ଟିକିଏ ସରଳ କରି ବୁଝେଇ କହିବି ମୁଁ, ସୁରଭି କହିଲା, ଯଦି ମନେ କିଛି ନଭାବ ତୁମର ସେ ଆଦର୍ଶବାଦର ପ୍ରଚାର ପୁଣି ଉଦ୍ଦେଶ୍ୟ ମୂଳକ । ସମାଜରେ ବଡ ହବାର କିଛି ସୁବିଧା ହାସଲ କରିବା ପାଇଁ ତୁମେ ଏ ସର୍ବହରା ଗୋଷ୍ଠିଙ୍କ ପାଇଁ ଥରେ ଅଧେ ଭାଷଣ ଦିଅ । କହି ପାରିବ, ନିଜକୁ ବଡ଼ କରିବାର, ବଡ଼କରି ଦେଖେଇ ହବାର ମନୋବୃତ୍ତି ତୁମ ଭିତରେ ପ୍ରଚ୍ଛନ୍ନ ନାହିଁ ।

କି ସାଙ୍ଘାତିକ ଅପମାନ । ଏଇ ସାଧାରଣ ବାଉଣୀ କଣି ପରି ଯାତିଲା ନିକନିକ ଝିଅଟାର କି ଶାଣିତ ବୁଦ୍ଧି ! ଇସ୍ତା କଥାରେ କି ତେଜ, ଇସ୍ତା ଯୁକ୍ତିରେ କି ଦୃଢ଼ତା । କିଛିକ୍ଷଣ ଚୁପ୍ ହୋଇ ମନେ ମନେ ଭାବିଲା ପ୍ରିୟନାଥ । ତା ପରେ କହିଲା, ନିଜକୁ ବଡ଼କରି ଫୁଟେଇବାର ଆକାଂକ୍ଷା ତ ମଣିଷର ଜନ୍ମଗତ । ଯାହାର ବଡ଼ ହବାର ଅଭିଳାଷ ନାହିଁ, ତା ପାଖରେ ବିପ୍ଳବର ସ୍ଫୁଲିଙ୍ଗ ଆସିବ କାହୁଁ ?

ପୁଣିଥରେ ପ୍ରିୟନାଥ ଆଡ଼କୁ ସ୍ପଷ୍ଟ ଭାବରେ ଅନେଇ କହିଲା ସୁରଭି, ବିପ୍ଳବର ସ୍ଫୁଲିଙ୍ଗଟା କଣ ବଡ଼ ହବାର ଅଭିଳାଷ ଭିତରେ ଆତ୍ମଗୋପନ କରି

ରହିଚ ? ମୋତେ ହସେଇଲ ପ୍ରିୟନାଥ ବାବୁ । ଏଲାହାବାଦରେ ଲୁଟାମିଲ୍‌ର ଷାଠିଏ ହଜାର ଶ୍ରମିକଙ୍କୁ ନେଇ ତୁମେ ଯେ ବିପ୍ଳବର ଶ୍ଳୋଗାନ ଦେଇଥିଲ, ସେ କଣ ତାହାଲେ ରାମପିଆରୀଙ୍କ ପାଖରେ ବଡ ହେବାର ଅଭିଳାଷ ଭିତରୁ ଜନ୍ମ ନେଇଥିଲା ? ଅପ୍ରିୟ ସତ୍ୟ କହୁଚି ବୋଲି କିଛି ମନେ ଭାବିବନି ପ୍ରିୟନାଥ ବାବୁ । ବାପାଙ୍କ ମୁହଁରୁ ଶୁଣିଚି, ସମାଜର ନିରନ୍ନ, ଦରିଦ୍ର, ବୁଭୁକ୍ଷୁଙ୍କ ପାଇଁ ଭାବିବା, ଆଉ ସେମାନଙ୍କ ଭିତରେ ବଡ ହେବାର ଅଭିଳାଷ ରଖି ନେତୃତ୍ୱ ଦେବା, ବଞ୍ଚିବା ପାଇଁ ସଂଘର୍ଷ କରି ମରୁଥିବା ଲୋକ ସହିତ ଏକ ପର୍ଯ୍ୟାୟଭୁକ୍ତ ନୁହେଁ । ମାନେ, ସେ ଦୁହେଁ ଏକ୍ ଲୋକ ନୁହନ୍ତି । ସେମାନେ ଏକ ଶ୍ରେଣୀର ବି ନୁହଁନ୍ତି । ଜଣେ ଜୀବନ୍ତ ବିପ୍ଳବ, ଆଉ ଜଣେ ଜୀବନ୍ତ ବିପ୍ଳବର ଆଲୋକରେ ଅନୁପ୍ରାଣିତ, ବିପ୍ଳବୀ । ବିପ୍ଳବୀ ହୁଏତ ଦିନେ ମରି ଯାଇ ପାରେ, କିନ୍ତୁ ବିପ୍ଳବ ବଞ୍ଚି ରହିବ ଯୁଗ ଯୁଗ ଧରି, ତାର ମୃତ୍ୟୁ ନାହିଁ ।

ତୁମେ କହିବାକୁ ଚାହଁ, ପ୍ରିୟନାଥ ଅଙ୍ଗେଇ ? କହିଲା, ହୋଟେଲର ସେଇ ଚାକର ନାଥିଆ ଜୀବନ୍ତ ବିପ୍ଳବ । ଆଉ ତୁମେ ବା ମୁଁ ଆମେ ଯୁ' ମାନେ ସମାଜର ଏଇ ଦଳିତ ନିଷ୍ପେସିତଙ୍କୁ ନେଇ ବିଦ୍ରୋହର ଅଗ୍ନିମନ୍ତ୍ର ପ୍ରଚାର କରୁଚୁ, ସେମାନେ ବିପ୍ଳବୀ । ଆମେ ଦିନେ ମରି ଯାଇପାରୁ, ମାନେ ସେମାନଙ୍କୁ ଏକ୍ସପ୍ଲଏଟ୍ କରି ଆମେ ବଡ ହୋଇ ସାରିଲା ପରେ ସେମାନଙ୍କ କଥା ଭୁଲି ଯାଇପାରୁ, କିନ୍ତୁ ମୂର୍ତ୍ତିମନ୍ତ ଜୀବନ୍ତ ବିପ୍ଳବ ନାଥିଆ ପରି ସର୍ବହରା ଯଦି ନିଜର ହକ୍ ପାଇଁ ଦାବୀ କରି ସମାଜରେ ବିପ୍ଳବ ଆଣେ, ଆଉ ବିପ୍ଳବୀ ଭାବରେ କେବେ ବଡ ହୁଏ ସେ କିନ୍ତୁ ମରିବ ନାହିଁ । ମାନେ ତାର ରକ୍ତକଣ ଭିତରୁ ବିପ୍ଳବର ଅଗ୍ନିଦାହ କମିବନି । ବଡ ହେଇବି ସେ ତଳିଆ ଜୀବଙ୍କ କଥାକୁ ଭାବିବ ଆଉ ତାଙ୍କରି ପାଇଁ ଗଢିବ ଶ୍ରେଣୀହୀନ ସମାଜର ରାଷ୍ଟ୍ର ।

ଏତେବେଳକୁ କିଛି ବୁଝିଚ ମୋ କଥା । କିନ୍ତୁ ଏଇ ମୋର ଶେଷ କଥା ନୁହେଁ । ସୁରଭି ସପ୍ରତିଭ ଗଳାରେ କଥା କେତେପଦ କହି ହସପିଟାଲ ଫାଟକ ଭିତରକୁ ପଶିଗଲା । ସୁରଭିକୁ ହସପିଟାଲ ଭିତରେ ଦେଖି ଧାଇଁ ଆସି

ଗୃହପାଖେ ଘେରଗଲେ କମ୍ପାଉଣ୍ଡର, ନର୍ସର ଦଳ । ଏଇ ଅଳ୍ପ ଦିନ ଭିତରେ ପୁରୀ ସହରରେ ସୁରଭି ଭୋଜନାଳୟର ପ୍ରତିଷ୍ଠା କଥା କେହି ନ ଶୁଣିଛି ଏମିତି ନୁହେଁ । ଆଉ ସୁରଭି ତାର ଅଲକ୍ଷରେ ହୋଇ ଉଠିଛି ପ୍ରତ୍ୟେକ ସହରବାସୀଙ୍କର ଏକ ଆଲୋଚନାର ସମ୍ବାଦ । ସୁରଭି ହୁଏତ ଅନେକଙ୍କୁ ଚହ୍ନିନି, କିନ୍ତୁ ତା କାର୍ଯ୍ୟକଳାପ, କୀର୍ତ୍ତିକାହାଣୀ ସମସ୍ତଙ୍କ ମୁହଁରେ ।

ଆପଣଙ୍କର କଣ ହୋଇଛି, ସୁରଭି ଦେଈ ? ଜଣେ ନର୍ସ ଆଗେଇ ଆସି ନମସ୍କାର କରି ପଚାରିଲା, ସାରା ଲୁଗାଟା ଯେ ରକ୍ତ ।

ବିଶେଷ କିଛି ନୁହେଁ । ଡିଉଟିରେ ଡାକ୍ତର କିଏ ? ମୋର ଟିକିଏ ସାମାନ୍ୟ ଡ୍ରେସିଂ ଦରକାର ।

ଏଠି ସିଭିଲ ସର୍ଜନ କିଏ ? ପ୍ରିୟନାଥ ପଚାରିଲା ଜଣେ କମ୍ପାଉଣ୍ଡରକୁ ଉଦ୍ଦେଶ୍ୟ କରି ।

ଦଶ ପନ୍ଦର ଦିନ ହେଲା ଯୁକ୍ତ ପ୍ରଦେଶରୁ ଆସିଛନ୍ତି ଜଣେ ନୂଆ ସିଭିଲ ସର୍ଜନ, ମେଜର ଦେବେଶ୍ୱର ପ୍ରସାଦ । ଆପଣଙ୍କର କଣ ଦରକାର ?

ବିଶେଷ କିଛି ନା, ସୁରଭିଙ୍କର ଏ ଇନ୍‌ଜୁରି ର ଆମକୁ ଗୋଟିଏ ମେଡିକେଲ୍ ରିପୋର୍ଟ ନେବାକୁ ପଡ଼ିବ ।

ଅଳ୍ପ ଟିକିକ ପରେ ଆସିବେ ସିଭିଲ ସର୍ଜନ । ଲୋକ ଜଣେ ଡାକିବାକୁ ଯାଇଛି । ଆପଣ ଟିକିଏ ଅପେକ୍ଷା କରନ୍ତୁ, କହି କମ୍ପାଉଣ୍ଡର ଭିତରକୁ ଚାଲିଗଲା ।

ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ବାହାରେ ମଟର ଶବ୍ଦ ଶୁଣାଗଲା । ପ୍ରିୟନାଥ ଆଗେଇ ଯାଇଁ ଦେଖିଲା·· ହସପିଟାଲ୍ ୱାର୍ଡ ଭିତରକୁ ପଶି ଆସୁଛି ଜଣେ ପ୍ରଶାନ୍ତ ଚେହେରାର ଦୀର୍ଘକାୟ ସୁଦର୍ଶନ ତରୁଣ । ମେଜର ଦେବେଶ୍ୱର । ନାଁ ଟି କିପରି ଶୁଣିଲା ପରି ମନେ ହେଉଛି କିନ୍ତୁ କୁଉଠି ? ପ୍ରିୟନାଥ ମନେ ମନେ ଭାବିବାକୁ ଲାଗିଲା ।

ହେଲେ ବେଶୀ ସମୟ ଭାବିବାକୁ ପଡିଲା ନାହିଁ । ଦେବେଶ୍ୱର ନିଜେ

ଆଗେଇ ଯାଇଁ ପ୍ରିୟନାଥଙ୍କୁ ଉଦ୍ଦେଶ୍ୟ କରି କହିଲେ ମୋର ଯେପରି ମନେ ହେଉଛି ମୁଁ ଆପଣଙ୍କୁ କେଉଁଠି ଦେଖିଛି ।

ବୋଧହୁଏ ଏଲ୍‌ହାବାଦରେ ? ପ୍ରିୟନାଥ ଟିକିଏ ରହିରହି ହେଇକହିଲା ।

ହଁ, ଠିକ୍ କହୁଛନ୍ତି । କହି ସେ ହଠାତ୍ କିପରି ଗମ୍ଭୀର ହେଇ କହିଲେ ମୋ ଭଙ୍ଗା ଭଙ୍ଗା ଓଡ଼ିଆ ଆପଣ ବୁଝି ପାରୁଛନ୍ତି ?

ହଁ, ବେଶ୍ ବୁଝି ପାରୁଚି । ଆପଣ ଏତେ ଅଳ୍ପ ଦିନରେ ଓଡ଼ିଆ କହି ଶିଖିଲେ କିପରି ?

ସେଥିପାଇଁ ଧନ୍ୟବାଦର ପାତ୍ର ଆପଣ । କାରଣ ଆପଣ ମୋ ସ୍ତ୍ରୀକୁ ଆଗରୁ ଓଡ଼ିଆ କଥାରେ ଅଭ୍ୟସ୍ତ ନକରେଇଥିଲେ ମୁଁ ଏତେଶୀଘ୍ର ଓଡ଼ିଆ ଶିଖିପାରି ନଥାନ୍ତି ।

ପ୍ରିୟନାଥ ଆଶ୍ଚର୍ଯ୍ୟରେ ଚମକି ଉଠିଲା । ଆପଣଙ୍କ ସ୍ତ୍ରୀ ? ଅବାକ୍ ହେଇ ସେ ଚାହିଁଲା ଦଗେଶ୍ୱରଙ୍କ ମୁହଁକୁ ।

ଆଶ୍ଚର୍ଯ୍ୟ ହେଉଛନ୍ତି ନାଁ । ବେଶ୍ କାଲି ସକାଳେ ଆପଣ ଦୟାକରି ମୋ ଘରକୁ ଆସିବେ । ଆପଣଙ୍କୁ ନିମନ୍ତ୍ରଣ ରହିଲା·· ସେଇଠି ଖାଇବେ, କହି ଦଗେଶ୍ୱର ବାବୁ କଣେଇ କରି ଚାହିଁଲେ ବାଁ ପଟକୁ । ସୁରଭି ସେଠି ଠିଆ ହେଇଥିଲା । ଏ ଆପଣଙ୍କର କଣ ହେଉଛି··· କ୍ଲିନିଙ୍ଗ୍ ଯେ ଏପର୍ଯ୍ୟନ୍ତ ବି ବନ୍ଦ ହେଇ ନାହିଁ ।

ହଁ, ଆପଣଙ୍କଠୁ ଗୋଟାଏ ରିପୋର୍ଟ ନେବା ପାଇଁ ସୁରଭି ଦେଖି ଅପେକ୍ଷା କରି ରହିଛନ୍ତି । ଡ୍ରେସିଂ ହେଇ ପାରିନାହିଁ, କହି ପ୍ରିୟନାଥ ଆଘାତର କାରଣ କହିଲା ।

ଆବଶ୍ୟକୀୟ କେତଟା ପ୍ରଶ୍ନର ଉତ୍ତର ବୁଝି ଦଗେଶ୍ୱର ବାବୁ ଲେଖି ଦେଲେ ଇନ୍‌ଜୁରି ରିପୋର୍ଟ । ତାପରେ ଡ୍ରେସିଂ ସାରି ସୁରଭି ଆସିଲା ହସ୍‌ପିଟାଲ୍ ବାହାରକୁ ।

ଏବେ ବି ଚାଲ ? ଫେରିବ ହୋଟଲକୁ । ପ୍ରିୟନାଥ ପଚାରିଲା

ଆଗ୍ରହ[illegible]ଶୁରେ ।

କ୍ଷତି କଣ ? କହିଲା ସୁରଭି ।

ନାଁ, କ୍ଷତି କଥା ନୁହେଁ । ଏତେ ରାତି ହେଇଛି ।

ହଉ ରାତି, ତମେତ ଅଛ ସାଙ୍ଗରେ, ସୁରଭି ରାସ୍ତା ଚାଲୁ ଚାଲୁ କହିଲା ।

ମୁଁ ଥିଲେ କଣ ହେବ ? ମୁଁ ତ ଆଉ ତୁମର ନିଜର ନୁହେଁ । ମୋ ଉପରେ ତୁମେ ଏ ଅନ୍ଧାର ରାତିରେ ବିଶ୍ୱାସ କରି ଚାଲିପାର ? ପ୍ରିୟନାଥ କଥା କେତେପଦ ଭିତରଭିତରେ କହି ଗୋଟାଏ ଲମ୍ବା ଡାକିଲା···

ତୁମେ ମୋର ନିଜର ନୁହଁ, ମୁଁ ତୁମକୁ ବିଶ୍ୱାସ କରି ଚାଲିପାରେ ନାଁ ଏସବୁ କହିବାର ଅର୍ଥ କଣ ପ୍ରିୟନାଥ ବାବୁ ? ତୁମେ ଯେ ଉପନ୍ୟାସର ନାୟକ ହେଲାପରି କଥାବାର୍ତ୍ତା କରୁଚ ମୋ ସାଙ୍ଗରେ, କହି ସୁରଭି ଠୋ-ଠୋ କରି ହସି ଉଠିଲା ।

ନାୟକ ପରି ମାନେ, କାହିଁକି ମୁଁ କଣ ନାୟକ ହେଇ ପାରେନାଁ !

ହେଇ ପାରିଥାନ୍ତ ଯଦି ପ୍ରଥମରୁ ଜଗି ରଖି ଚାଲିଥାନ୍ତ ! ତୁମ ସହିତ ମୋର ପ୍ରଥମ ଦେଖାରେ ନମସ୍କାର ବିନିମୟ ହେଇଥାନ୍ତା କଳା ନୈପୁଣ୍ୟ ଭିତରେ, ତାପରେ··· ଆପଣ, ଆପଣ ସମ୍ବୋଧନଟା 'ତୁମେ'କୁ ରୂପାନ୍ତରିତ ହେଲାବେଳେ··· ଗୋଟାଏ କିଛି କୈଫିୟତ ଦିଆ-ନିଆ ହେଇଥାନ୍ତା । ଆଳାପ ଆଲୋଚନା ବେଳେ ଟିକିଏ କବିତ୍ୱ କରି ପ୍ରାରମ୍ଭିକ ସଙ୍କୋଚ ଭାବଟା କାଟିବାକୁ ହେଇଥାନ୍ତା ... ଜହ୍ନ ରାତିର ଜୋସ୍ନା, ବା ରେଡ଼ିଓ ପ୍ରଚାରିତ ଶସ୍ତା ସିନେମା ଗୀତର ଦି-ଚାରିପଦ ଗୀତର ଲଳିତ ଝଙ୍କାର ଭିତରେ ଦେଇ । କିନ୍ତୁ କାହିଁ, ଏ ସବୁ ଯେ କିଛି ହେଇନି ଆମ ଭିତରେ । ପ୍ରଥମରୁଇ ସହଜ-ସ୍ୱଚ୍ଛନ୍ଦ କଥା ବାର୍ତ୍ତା ଆମର 'ତୁମେ'ର ସମ୍ବୋଧନ ଭିତରେ ଦେଇ ଆନ୍ତରିକ ହେଇ ଉଠିଛି । ତୁମକୁ ଆମର ପରି ଜଣେ ପ୍ରବଞ୍ଚିତ ଆଉ ନିପୀଡ଼ିତ ବୋଲି ଜାଣି, ବାପ-ଝିଅ ଦୁହେଁ ଆମେ ଲୌକିକତାର ସମସ୍ତ ବାଧା ବନ୍ଧନକୁ ଉପେକ୍ଷା କରି ତୁମକୁ

ନିଜର ପରି ମନେକରି ନେଇଛନ୍ତି । ଏ ଅବସ୍ଥାରେ ମୁଁ ତୁମକୁ ବିଶ୍ୱାସ କରିବି କି ନକରିବି ଏକଥା ମନକୁ ନବା ମାନେ, ତୁମେ ନିଜ ଦୁର୍ବଳତା ସମ୍ବନ୍ଧରେ ମତେ ସଚେତନ କରି ଦେଉଛ କହି ସୁରଭି ରିକ୍‌ସାବାଲାକୁ ପୁଣି କହିଲା ପଇସା ମୋଠୁ ନବୁ ବୋଲି ରାଜିହେଲେ ମୁଁ ରିକ୍‌ସାରେ ବସିବି, ନଇଲେ ଏମିତି ଚାଲି ଚାଲି ଯିବି ।

ନାଁ, ମା, ପଇସା ମୁଁ ନେବି, ବସ । ରିକ୍‌ସାବାଲା କୃତଜ୍ଞ କଣ୍ଠରେ କହିଲା ।

ଏତେବେଳକୁ ବୁଝିଲା ପ୍ରିୟନାଥ । ସୁରଭି କାହିଁକି ରିକ୍‌ସାରେ ବସିବାକୁ ଅରାଜି ହୁଏ । କହିଲା ତୁମ ପ୍ରତି ସମ୍ମାନ ଦେଖାଇ ସେମାନେ ପଇସା ନଅନ୍ତି ନାହିଁ ବୋଧହୁଏ ।

ସୁରଭି ଟିକିଏ ହସିଲା, କହିଲା ତୁମେ ବି ଉଠିଆସ ଉପରକୁ । କହି ସେ ପ୍ରିୟନାଥର ବସିବା ପାଇଁ ଟିକିଏ ଯାଗା କରି ଦେବାପାଇଁ ରିକସାର ଗୋଟାଏ କଡ଼କୁ ଘୁଞ୍ଚି ବସିଲା ।

ସୁରଭିର ନିବିଡ଼ ସାନିଧ୍ୟ ପାଇ ପ୍ରିୟନାଥର ସମସ୍ତ ଦେହ କଣ୍ଟକିତ ହୋଇ ଉଠିଲା ।

ଭୋଜନାଳୟକୁ ଫେରିଆସି, ତାର କକ୍ଷ ଭିତରେ ତୃପ୍ତି କରି ଶୋଇ ପ୍ରିୟନାଥ ଭାବିଲା ଦୁଇଟି କଥା । ପ୍ରଥମଟି ସର୍ଜନ ଦଗେଶ୍ୱରଙ୍କର ପଦିଏ କଥା··· ଆପଣ ମୋ ସ୍ତ୍ରୀଙ୍କୁ ଆଗରୁ ଅଭ୍ୟସ୍ତ ନକରେଇଥିଲେ ମୁଁ ଏତେଶୀଘ୍ର ଓଡ଼ିଆ ଶିଖିପାରି ନଥାନ୍ତି । ଦ୍ୱିତୀୟଟି ସୁରଭିର ପଦିଏ କଥା··· ମୁଁ ତୁମକୁ ବିଶ୍ୱାସ କରିବି କି ନକରିବି ଏକଥା ମନକୁ ନବା ମାନେ ତୁମେ ନିଜ ଦୁର୍ବଳତା ସମ୍ବନ୍ଧରେ ମତେ ସଚେତନ କରାଇ ଦେଉଛ······

ଏ ଦୁଇଟିଯାକ କଥାର ନିଗୂଢ଼ ରହସ୍ୟ ଖୋଜିବାକୁ ଯାଇଁ, ସାରା ରାତିଯାକ ଖଟ ଉପରେ ଶୋଇ ସେ କେବଳ ଛଟ ପଟ ହେଲା ।

---

ବାଙ୍ଗଲୋର ଫାଟକ ପାଖରୁ, ପ୍ରିୟନାଥଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇ ପାଖ୍ରେଷ୍ଟି ନେଇଗଲେ ଦାଗେଶ୍ୱର ବାବୁ । କହିଲେ ଏତେବେଳଯାଏଁ ଆପଣଙ୍କୁ ମୁଁ ଅପେକ୍ଷା କରି ରହିଥିଲି । ଭିତରକୁ ଆସନ୍ତୁ ।

ସୁସଜ୍ଜିତ ଏକ ବିରାଟ କକ୍ଷ ଭିତରକୁ ପ୍ରିୟନାଥ ପ୍ରବେଶ କରି ଥରେ ଚାରିପାଖ କାନ୍ଥକୁ ଅନେଇ ଦେଖିଲା । ତାପରେ ଦାଗେଶ୍ୱରଙ୍କ ନିର୍ଦ୍ଦେଶରେ ଗୋଟିଏ ସୋଫା ଉପରେ ବସି କହିଲା, ଆପଣଙ୍କ ସାଙ୍ଗରେ ମୋର ବିଶେଷ କିଛି ଆଳାପ ତ ନଥିଲା, ଆପଣ ମତେ ଚିହ୍ନିଲେ କିପରି ?

ଆପଣ ମୋତେ ଚିହ୍ନି ପାରିଲେ ? ଦାଗେଶ୍ୱର ପଚାରିଲେ ।

ହଁ, ମୁହଁ ଯଦିଓ ପରିଚିତ ବୋଲି ମନେ ହେଉଛି, ଠିକ୍ ଖବରରେ, କେଉଁ ଉପଲକ୍ଷରେ, କେଉଁଠି ଆପଣଙ୍କ ସହିତ ଦେଖା, ତା ଭାବି ପାରୁନାହିଁ ।

ଆଉ ଟିକିକ ପରେ ସବୁ ଭାବି ନେଇ ପାରିବେ, କହି ଦାଗେଶ୍ୱର ଉଠି କକ୍ଷାନ୍ତରକୁ ଚାଲିଗଲେ, ତାପରେ କିଛିକ୍ଷଣ ପରେ ଯେଉଁ ଅପୂର୍ବ ସୁନ୍ଦରୀ ବଧୂଟି ହାତରେ ଚା ନେଇ ସାମ୍ନାରେ ଆସି ଠିଆ ହେଲା··· ତାକୁ ଦେଖି ପ୍ରିୟନାଥ କେବଳ ଅବାକ୍ ହେଲା ନାହିଁ ବରଂ ଅଜଣା ଭୟର ଆତଙ୍କରେ ଶିହରି ଉଠିଲା । ତୁମେ ? ପ୍ରିୟନାଥ ଆଶ୍ଚର୍ଯ୍ୟ ସ୍ତବ୍ଧ ଗଳାରେ କହିଲା, ଏ ବେଶରେ ତୁମେ ଏଠି କିଆଁ ?

କୌଣସି ଉତ୍ତର ନାହିଁ ।

ପ୍ରିୟନାଥ ଦାଗେଶ୍ୱରଙ୍କୁ ଚାହିଁ କହିଲା, ଆପଣ ବୁଝିବାରେ ଟିକିଏ ଭୁଲ କରିଛନ୍ତି ଡାକ୍ତର ବାବୁ ।

ଦାଗେଶ୍ୱର ଟିକିଏ ବିସ୍ମିତ ହୋଇ ନିଜର ପ୍ରାଣପ୍ରିୟା ପତ୍ନୀଙ୍କ ଆଡ଼କୁ ଚାହିଁଲେ, ତୁମ ମୁହଁରେ ମୁଁ ଅନେକ ଥର ପ୍ରିୟନାଥଙ୍କ ନାଁ ଶୁଣିଛି । ତୁମ ଘରେ ମଧ୍ୟ ଯାଙ୍କୁ ବି ଚାରିଥର ଦେଖିଛି । ସେ ଦେଖାରେ ଏଇ ଯେ ପ୍ରିୟନାଥ

ବାବୁ ସେକଥା ଜାଣିବାରେ ମୁଁ ନିଶ୍ଚୟ ଭୁଲ କରିନାହିଁ, ତୁମେ କଥା କହୁନ କାହିଁକି ପ୍ରିୟନାଥଙ୍କୁ ।

ତେବେ ବି ଉତ୍ତର ନାହିଁ ।

ଏଥର ଉଠି ଠିଆ ହେଲା ପ୍ରିୟନାଥ । କହିଲା, ମୁଁ ଆସେ ଡ଼ାକ୍ତରବାବୁ, ଆପଣ ଭୁଲ କରିଛନ୍ତି । ମିସେସ୍ ପ୍ରସାଦ ମତେ ଚହ୍ନନ୍ତି ନାହିଁ··· କହି, ପ୍ରିୟନାଥ ଝଡ଼ ବେଗରେ ବାହାରିଗଲା ଘର ଭିତରୁ···

ଘର ଭିତରୁ ବାହାରି ଗୋଟାଏ ଦୁର୍ଦ୍ଦାନ୍ତ ପାଗଳ ପରି ସେ ସିଧା ଆସି ଥାନା ଏସ୍:ଆଇ:ଙ୍କ ପାଖକୁ କହିଲା, ମୋ ସମ୍ବନ୍ଧରେ ବିଶେଷ କିଛି ସମ୍ବାଦ ସଂଗ୍ରହ କଲେ ଆପଣ ସନାତନ ବାବୁ ?

ସନାତନ ବାବୁ ପ୍ରିୟନାଥର ଏ ଉଦ୍‌ଭ୍ରାନ୍ତ ମୂର୍ତ୍ତି ଦେଖି ତଟସ୍ଥ ହୋଇଗଲେ । କଣ ହୋଇଛି ଆପଣଙ୍କର ପ୍ରିୟନାଥ ବାବୁ, ଆପଣ କିପରି ଟିକିଏ ବ୍ୟତିବ୍ୟସ୍ତ ଦେଖା ଯାଉଛନ୍ତି ।

ନାଁ ବ୍ୟତିବ୍ୟସ୍ତ କିଛି ନୁହେଁ । ମୁଁ ଗୋଟାଏ ଶେଷ ନିଷ୍ପତ୍ତି ଜାଣିବାକୁ ଚାହେଁ । ପୁରୀରେ ମୋର ଆଉ ଏକ ମୁହୂର୍ତ୍ତି ବି ରହିବା ସମ୍ଭବ ନୁହେଁ । କିନ୍ତୁ ରାଜେନ୍ ବାବୁ ମୋ ପାଇଁ ଜାମିନ ରହିଛନ୍ତି । ତାଙ୍କୁ ବିପଦରେ ପକେଇ ମୁଁ ଏଠୁ ପଳେଇ ବାକୁ ଚାହେଁ ନାହିଁ । ମୋ ସମ୍ବନ୍ଧରେ ଏଲହାବାଦ ଏସ୍:ପି:ଙ୍କ ଠାରୁ ଯାହା ଜାଣିବା କଥା କିଛି ଜାଣିଲେ ?

ହିଁ, କିଛି ଜାଣିଛୁ, କିନ୍ତୁ ଆଉରି କିଛି ରିପୋର୍ଟର ଆମେ ଅପେକ୍ଷା କରୁଛୁ ସେଣ୍ଟ୍ରାଲ ସି: ଆଇ: ଡ଼ି ଡ଼ିପାର୍ଟମେଣ୍ଟରୁ । ଆପଣଙ୍କୁ ଆଉ ଦୁଇଦିନ ଅପେକ୍ଷା କରିବାକୁ ହେବ ।

ଟିକିଏ ଶୁଖିଲା ହସ ହସିଲା ପ୍ରିୟନାଥ । କହିଲା ଆଚ୍ଛା, ମୋ ନିଜ ସମ୍ବନ୍ଧରେ ମୁଁ ଯଦି, ଆପଣଙ୍କୁ ସବୁକିଛି ଗୁପ୍ତ ସମ୍ବାଦ ଖୋଲି କହିଦେଇ ଦିଏ ଆପଣ ମତେ ଏଠୁ ଆଜି ଚଲାଣ କରିଦେଇ ପାରିବେ ? ସେଥିପାଇଁ ମୁଁ ଆପଣଙ୍କୁ କିଛି ପୁରସ୍କାର ଦେବାକୁ ବି ପ୍ରସ୍ତୁତ ଅଛି ।

ସନାତନ ବାବୁ ଆକାଶରୁ ପଡ଼ିଲା ପରି ଆଶ୍ଚର୍ଯ୍ୟ ହୋଇଗଲେ ! ତୀକ୍ଷ୍ଣ ଉତ୍ତେଜନାରେ ପ୍ରିୟନାଥର ମୁଣ୍ଡ ନିଶ୍ଚୟ ଖରାପ ହୋଇ ଯାଇଛି ! ସନାତନ ବାବୁଙ୍କ କଠିନ ହୃଦୟ ଏଇ ବାଉଳା, ବିପନ୍ନଟି ପାଇଁ ଦୟାରେ କୋମଳ ହୋଇଗଲା । ସ୍ଥିର ଚକ୍ଷୁରେ ପ୍ରିୟନାଥ ମୁହଁକୁ ଅନାଇଁ କହିଲେ ସନାତନ ବାବୁ, ଦେଖନ୍ତୁ କାଲି ସନ୍ଧ୍ୟା ସୁଦ୍ଧା ଆମ ପାଖକୁ ଆପଣଙ୍କ କେସ୍ ସମ୍ବନ୍ଧରେ ଯୁ' ସବୁ ରିପୋର୍ଟ ଆସି ପହଞ୍ଚିଛି ତାର ରୂପ ରେଖା ଏଇ ।

ଏ ଭିତରେ ମିଲ୍ ମାଲିକ ଶେଠ୍ ଜଗତଲାଲ୍ଙ୍କର ମଜ୍‌ଦୁରଙ୍କ ସହିତ ଯେଉଁ ଗଣ୍ଡଗୋଳ ଚାଲିଥିଲା, ତାର ଏକ ଆପୋଷ ରାଜିନାମା ହୋଇ ଯାଇଛି । ଟ୍ରିବ୍ୟୁନାଲ ବସି ମଜ୍‌ଦୁରଙ୍କର ଅଧିକାଂଶ ଦାବୀକୁ ସ୍ୱୀକାର କରି ନେଇଛି । ଫଳରେ ମଜ୍‌ଦୁରଙ୍କ ପକ୍ଷରୁ ଅନ୍ୟତମ ଦାବୀ, ମିଲ୍ ମାନେଜର ହରିବନ୍ତ ସିଙ୍କ ହତ୍ୟାକାରୀ ବିରୁଦ୍ଧରେ ଆରମ୍ଭ ହୋଇଥିବା କେସ୍‌କୁ ଶେଠ୍ ଜଗତଲାଲ ଉଠେଇ ନେଇଛନ୍ତି । ଫଳରେ ଆପଣଙ୍କୁ ଖୋଜି ବାହାର କରିବା ପାଇଁ ଶେଠ୍ ଜଗତଲାଲ୍ ଯୁ' ଓ୍ୱାରେଣ୍ଟ ଜାରି କରିଥିଲେ ତା ସେ ଉଠେଇ ନେଇଛନ୍ତି । ଏ କେସର ମିମାଂସାରେ ପ୍ରାଣପଣେ ଚେଷ୍ଟା କରିଛନ୍ତି ରାମପିଆରୀଙ୍କ ବାପା । କାରଣ ସେଇ ଦିନଠୁ ରାମ ପିଆରୀଙ୍କର କୌଣସି ସମ୍ବାଦ ମିଳୁ ନଥିଲା । କେସର ମିମାଂସା ପରେ ପରେ ରାମ ପିଆରୀ ଫେରି ଆସି ତାଙ୍କ ବାପାଙ୍କ ପାଖରେ କ୍ଷମା ମାଗି, ଶ୍ରମିକ ସଙ୍ଘରୁ ଇସ୍ତଫା ଦେଇ, ସୁନା ଝିଅଟି ପରି ବିବାହ କରି ନେଇଛନ୍ତି ଜଣେ ବିଲାତ ଫେରନ୍ତା ଡାକ୍ତରଙ୍କୁ । ଫଳରେ, ରାମ ପିଆରୀଙ୍କ ବାପାଙ୍କର ଆପଣଙ୍କ ପ୍ରତି ଯୁ' ସନ୍ଦେହ ଥିଲା ତା କଟି ଯାଇଛି । ଆଉ ତାଙ୍କ ଝିଅଙ୍କୁ ଆପଣ ଭୁଲେଇ ନେଇ ଫେରାର ହୋଇଛନ୍ତି ଭାବି, ସେ ଆପଣଙ୍କୁ ଆରେଷ୍ଟ କରାଇବା ପାଇଁ ଯୁ' ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ତାର ଅବସାନ ହୋଇଛି । କଚେରୀରୁ, କମ୍ପ୍ରୋମାଇଜ ଦରଖାସ୍ତ ଦିଆହୋଇ ଆପଣ ଓ ଆପଣଙ୍କ ସଙ୍ଘର ସଭ୍ୟ ମାନଙ୍କ ବିରୁଦ୍ଧରେ ଚାଲିଥିବା ସମସ୍ତ କେସକୁ ଉଠାଇ ନିଆ ହୋଇଛି । ଆପଣ ଏଥର ମୁକ୍ତ··କେବଳ ଗୋଟିଏ ସରତରେ

ଏଲାହାବାଦର ସେଇ ଶ୍ରମିକ ସଙ୍ଘରେ ଆପଣ ଆଉ ନେତୃତ୍ୱ ଦେବେ ନାହିଁ, ଏକଥା ଆମକୁ ଲେଖିଦେବାକୁ ହେବ...

ପ୍ରିୟନାଥ ଅଜକ୍ଷା ହୋଇ କିଛିକ୍ଷଣ ବସି ରହିଲା । ସେ ବୁଝିପାରିଲା, ପ୍ରାଣର ଅଲଅଲ କନ୍ୟାକୁ ଫେରି ପାଇବା ପାଇଁ ରାମ ପିଆରୀର ବାପା ଏ ସବୁର ମିମାଂସା କରାଇଛନ୍ତି ଆଉ ନିଜେ ହୁଏତ ହଜାର ୨ ଟଙ୍କା ଖର୍ଚ୍ଚ କରିଛନ୍ତି ଶ୍ରମିକ ଅନୁଷ୍ଠାନର ପ୍ରତ୍ୟେକ କର୍ମୀଙ୍କୁ ହୁଏତ ଗିରଫ କରି ନିଆ ହୋଇଛି— ଆଉ ଅନୁଷ୍ଠାନର ମୂଳଦୁଆକୁ ହଲେଇ ଦିଆ ହୋଇଛି ତା ଭିତରେ ଦଲାଲ ଭର୍ତ୍ତିକରି । ତାର ସମସ୍ତ ଆଦର୍ଶବାଦ ପୁଞ୍ଜିପତିର କୂଟ ଚକ୍ରାନ୍ତରେ ଖିଳି ଟଲି ପଡ଼ିଛି । ତାର ଶୋଚନୀୟ ପରାଜୟ ହୋଇଛି । ସେ ପରାଜୟ ମୂଳରେ ହୁଏତ ପ୍ରଧାନ କାରଣ ରାମପିଆରୀର ଭୀରୁତା ଆଉ ପ୍ରବଞ୍ଚନା ! ପ୍ରତିଶୋଧ ନେବାକୁ ହେଲେ, ରାମପିଆରୀ ଠାରୁ ହିଁ ନେବାକୁ ହେବ, କିନ୍ତୁ କିପରି ?

ପାଗଳଙ୍କ ପରି ସେ ଉଠି ଠିଆ ହେଲା । କହିଲା ବେଶ୍, ମୁଁ ଦୁଇଟା ଦିନ ନେଉଛି ଭାବିବା ପାଇଁ । ମତେ ଦୁଇଟା ଦିନ ପାଇଁ ସମୟ ଦେଇ ପାରିବେ ତ ଇନ୍‌ସପେକ୍‌ଟର ବାବୁ ?

ମୁଁ ତ ସେଇଆ ଆପଣଙ୍କୁ ଟିକିଏ ଆଗରୁ କହୁଥିଲି । ଆପଣ ଯାଆନ୍ତୁ । ଏ ଭିତରେ ଆପଣଙ୍କୁ ଦରକାର ହେଲେ ମୁଁ ସେଇ ସୁରଭି ଭୋଜନାଳୟକୁ ଲୋକ ପଠାଇଲେ ପାଇବି ତ ?

ହୁଏତ ପାଇବେ, କହି ଝଡ ବେଗରେ ଘର ଭିତରୁ ବାହାରି ଆସିଲା ପ୍ରିୟନାଥ ।

ବାହାରି ଆସି ସହରରେ ଏଣେ ତେଣେ ପାଗଳଙ୍କ ପରି ସାରା ଦିନ ଘୂରି ବୁଲିଲା ସେ । ସୁରଭି ଭୋଜନାଳୟକୁ ଫେରିବା କଥା ଆଉ ତାର ମନେ ହେଲା ନାହିଁ । ଶିରସ୍ନାୟୁର ରକ୍ତକୋଷ, ଦୁର୍ବିନୀତ ପ୍ରବଳ ଉତ୍ତେଜନାରେ ଫାଟି ଛିଣ୍ଡି ପଡ଼ିଲା ପରି ଲାଗିଲା ତାକୁ । ତା ରକ୍ତ ଭିତରେ ଯେମିତି ଖୁଣ୍ କରିବାର ମାତଲାମି ଜାଗି ଉଠିଲା । ସେଇ ମାତଲାମିର

ନିଶାରେ ସେ ବୁଝିପାରିଲା ନାହିଁ, କେତେବେଳେ ଦିନ ଯାଇ ରାତ ହୋଇଛି, ଘରକୁ ନଫେରି ନରେନ୍ଦ୍ର ପୋଖରୀ ପାହାଚ ଉପରେ ବସି, ନିର୍ନିମେଷ ନୟନରେ ତାରକାସ୍ପିତ ଆକାଶ ଆଡ଼େ ଚାହିଁ ସେ ଆକାଶ-ପାତାଳ କେତେ କଣ ଭାବି ଯାଉଛି ।

ହଠାତ୍ କାନ୍ଧ ଉପରେ କାହା ଉଷ୍ଣ କରର ସ୍ପର୍ଶପାଇ ସେ ଯେପରି ଚମକି ଉଠିଲା ! କିଏ ? ପଛକୁ ଫେରି ଚାହିଁ ଆତ୍ମସ୍ଥ ହୋଇ କହିଲା, ସୁରଭି ତୁମେ ?

ସାରା ସହରଟା ଯାକ ଖୋଜି ହଇରାଣ ହେଲଣି ମୁଁ ତୁମକୁ । ଶାନ୍ତ ଗଳାରେ କହିଲା ସୁରଭି, ରାତ କେତେ ହେଲଣି ଜାଣ ?

ଉଠି ଠିଆ ହେଲା ପ୍ରିୟନାଥ, କହିଲା, ଚାଲ, ବାପାଙ୍କ ଠାରୁ କ୍ଷମା ଭିକ୍ଷା କରି ମତେ ଆଜି ରାତିରେ ଏଠୁ ଏଲ୍‌ହାବାଦ ଚାଲି ଯିବାକୁ ହେବ ସୁରଭି•• ମତେ ତୁମେ କିଛି ଟଙ୍କା ସାହାଯ୍ୟ କରି ପାରିବ ?

ଟଙ୍କା ପାଇଲେଇ ତୁମେ ଏଲ୍‌ହାବାଦ ଯାଇ ପାରିବ ?

ତା ହୁଏତ ପାରିବ । ପ୍ରିୟନାଥ ରାସ୍ତା ଉପରକୁ ଯାଇ ଗୋଟାଏ ରିକ୍‌ସାରେ ବସି କହିଲା•• ମୋର ସନ୍ଧାନ ପାଇଲ ତୁମେ କେମିତି ? ଥାନାରୁ ଫେରୁଛି ।

ଥାନା କେଉଁଠିକି ଯାଇଥିଲ ?

ହଁ, ଦୁର୍ଗେଶ୍ୱର ପ୍ରସାଦଙ୍କୁ ମଧ୍ୟ ଦେଖାକରି ଆସିଲି, ସୁରଭି ଈଷତ୍ ଗମ୍ଭୀର ହୋଇ କହିଲା, କିଛି ଭୁଲ୍ କରିଛ ?

ନାଁ, ମୋର ଭୁଲ୍ ଭାଙ୍ଗି ଦେବାରେ ସାହାଯ୍ୟ କରିଛି ।

ହଠାତ୍ ଏଲ୍‌ହାବାଦ ଫେରିଯିବାର ଝୁଙ୍କ ଉଠିଲା କାହିଁକି ? ସୁରଭି ନମ୍ର ଗଳାରେ ପଚାରିଲା ।

ପ୍ରତିଶୋଧ ନେବାର କିଛି ବାଟ ଅଛି କି ନାହିଁ ଥରେ ଚେଷ୍ଟା କରି ଦେଖିବାକୁ ।

କାହାଠୁ ପ୍ରତିଶୋଧ ନେବ ? ଦୋଷୀ କିଏ ?

ସୁରଭିର ଏ ପ୍ରଶ୍ନରେ ମନେ ମନେ ଚମକି ଉଠିଲା ପ୍ରିୟନାଥ। ବାସ୍ତବିକ ଦୋଷୀ କିଏ ? ସେ ନା, ରମ୍ପିଆଣି ?

ପ୍ରିୟନାଥଙ୍କୁ ନୀରବ ଦେଖି, କହିଲା ସୁରଭି, ପ୍ରତିଶୋଧ ନେବାର କିଛିନାହିଁ ପ୍ରିୟନାଥ ବାବୁ, କାହା ଉପରେ ଅଭିମାନ କରି ବି ଲାଭ ନାହିଁ କିଛି।

ଠିକ୍ କହୁଛ ତୁମେ, କହିଲା ପ୍ରିୟନାଥ। ଯେ ଯାହା ନୁହେଁ, ତାକୁ ସେଇଆ ହବାକୁ ବାଧ୍ୟ କରିବା ଗୋଟାଏ ଶସ୍ତା ଆଦର୍ଶବାଦ ଛଡ଼ା ଆଉ କିଛି ନୁହେଁ। ଆଘାତ ପଡ଼ିଲେ ସେ ଆଦର୍ଶ ମୁଣ୍ଡ ଟେକି ଶକ୍ତ ହୋଇ ଛିଡ଼ା ରହିପାରେ ନା। ରମ୍ପିଆଣି ଶେଷ ପର୍ଯ୍ୟନ୍ତ ଯାହା ହବାର କଥା ସେଇଆ ହୋଇଛି। ସେ ତୁମକୁ ପ୍ରତାରିତ କରିନାହିଁ କି ତୁମ ଅନୁଷ୍ଠାନ ପ୍ରତି ବିଶ୍ୱାସ-ଘାତକତା କରିନାହିଁ। ରମ୍ପିଆଣି କୋଟିପତିର ଝିଅ। ସେ ଫେରିଯାଇଛି ରାଜପ୍ରାସାଦର ଆରାମ ନୀଡ଼କୁ ! ତୁମେ ଝଡ଼ର ବିହଙ୍ଗ, ଘୂରି ବୁଲୁଚ- ପଥେ-ପଥେ। ତୁମ ଦୁହିଁଙ୍କର ପଥ ଅଲଗା—

ନୀରବ ହୋଇ ଶୁଣିଗଲା ସବୁ ପ୍ରିୟନାଥ। ଏ ଭିତରେ ସେମାନେ ସମୁଦ୍ର କୂଳ ପାଖକୁ ପ୍ରାୟ ଆସି ଯାଇଥିଲେ ଆଉ ଖଣ୍ଡେ ଦୂର ଗଲେ ଭୋଜନାଳୟର କୋଠାଟା ଦେଖାଯିବ। କିନ୍ତୁ ସେଇ ଦୂରରୁ ହଠାତ୍ ଗୋଟାଏ କି ଗଣ୍ଡଗୋଳର ଆବାଜ ଆସିଲା ତାଙ୍କ କାନକୁ !

କଣ ହୋଇଛି, ତ୍ରସ୍ତ କଣ୍ଠରେ ପଚାରିଲା ସୁରଭି। ଗୋଲମାଲର ଶବ୍ଦ ଆମର ଭୋଜନାଳୟ ଆଡ଼ୁ ଆସୁଛି ନା।

ସେଇମିତି ତ ମନେ ହେଉଛି। ପ୍ରିୟନାଥ ଗୋଟାଏ ଲମ୍ଫରେ ତଳକୁ ଡେଇଁ ପଡ଼ି, ଧାଇଁଗଲା ଭୋଜନାଳୟ ଆଡ଼େ। କହିଲା, ତୁମେ ରିକ୍ସାରେ ଆସ ସୁରଭି ମୁଁ ଯାଇ ଦେଖେ କାହିଁକି ଏ ଗୋଲମାଲ, କହି ତୀର ବେଗରେ ଛୁଟିଲା ପ୍ରିୟନାଥ।

ଆସି ଯାହା ଦେଖିଲା, ସେଥିରେ କ୍ଷଣିକ ପାଇଁ ସ୍ତମ୍ଭୀଭୂତ ହୋଇଗଲା ସେ ! କିନ୍ତୁ କେବଳ ମୁହୂର୍ତ୍ତିକ ପାଇଁ ! ତାପରେ ସେ ତାର କର୍ତ୍ତବ୍ୟ ପଥ ଠିକ୍ କରିନେଲା ଝଡ଼ ପରି ଏକ ପ୍ରବଳ ଉତ୍ତେଜନାରେ ସେ ଛୁଟିଗଲା ଭୋଜନାଳୟ ସାମନାରେ ସମବେତ ଜନତା ଭିତରକୁ ! ରାଜେନ୍ ବାବୁଙ୍କୁ ଘେରାଉ କରି କେତେଜଣ ଦୁର୍ଦ୍ଧର୍ଷ ଗୁଣ୍ଡା ଠିଆ ହୋଇଛନ୍ତି । ରାତ ଦଶଟା ଉପରେ । ଏପରି ଏକ ଦୁଃସମୟରେ ସେମାନେ ଆକ୍ରମଣ କରିଛନ୍ତି··· ଯେତେବେଳେ ବୃଦ୍ଧ ରାଜେନ୍ ବାବୁଙ୍କ ସାହାଯ୍ୟ ପାଇଁ କେହି ଆସିବାର ଉପାୟ ନାହିଁ ! କିନ୍ତୁ କାରଣ କଣ ? ବିକ୍ରମ ମନରେ ଗହଳି ଭିତରକୁ ପଶିଗଲା ପ୍ରିୟନାଥ, କହିଲା, କଣ ଚାହଁ ତୁମେମାନେ

ଆମେ ଚାହୁଁ ଏ ଭୋଜନାଳୟର କବର !

କାହିଁକି ?

କାହିଁକି ? ସହରର ଯେତେ ବ୍ୟବସାୟୀ ଆମେ ହାତ ବାନ୍ଧି ବସିଲୁ । ଯେତେ ଯାହାର ଚାକର-ବାକର ସମସ୍ତଙ୍କୁ ମତେଇ··· ଏ ଏଠି ଦଳ ଗଢି ନେତା ହେବେ··· ଆଉ ଆମେ ସବୁ ବୋକାଙ୍କ ପରି ଦେଖୁଥିବୁ ? ଆଜି ଏ ଭୋଜନାଳୟରେ ନିଆଁ ଲଗେଇ ଧ୍ୱଂସ ନକରି ଆମେ ଯିବୁ ନାହିଁ ।

ଗର୍ଜି ଉଠିଲେ ରାଜେନ୍ ବାବୁ, ମୁଁ ବଞ୍ଚିଥିବା ଯାଏଁ ଏ ଭୋଜନାଳୟର ପିଣ୍ଡା ଉପରକୁ ଯଦି ଉଠ ତୁମେମାନେ, ତାହାଲେ ଖୁନ୍ ନକରି ମୁଁ ଛାଡ଼ିବି ନାହିଁ । କହି ରାଜେନ୍ ବାବୁ ପିନ୍ଧିଥିବା ଓଭରକୋଟର ପକେଟ ଭିତରେ ହାତ ଭର୍ତ୍ତି କରି କାଢି ଆଣିଲେ ରିଭଲଭର ।

ସାମ୍ନାରେ ବାଘ ଦେଖିଲା ପରି ଚମକି ଉଠିଲେ ଥରେ ସମସ୍ତେ, କିନ୍ତୁ ପର ମୁହୂର୍ତ୍ତରେ ଏକଯୁଟ୍ ହୋଇ ଲାଠି ଉଠାଇ ଆକ୍ରମଣ କଲେ ସେମାନେ ଏକ ସଙ୍ଗରେ । ରାଜେନ୍ ବାବୁଙ୍କୁ ଲକ୍ଷ୍ୟ କରି ।

ଜଣକ ହାତରୁ ଲାଠି ଛଡ଼େଇ ନେଇ ପ୍ରିୟନାଥ ପ୍ରତିହତ କଲା ସେ ଆଘାତ । ବଞ୍ଚିଗଲେ ରାଜେନ୍ ବାବୁ କିନ୍ତୁ ପ୍ରିୟନାଥର ତାଳୁ ଉପରେ ବାଜିଲା

ମୁଣ୍ଡ ଘୂରିଗଲା । କିଛି ସମୟ ପାଇଁ ଚ୍ଚାରିଆଡ଼ ଅନ୍ଧାର । ହଠାତ୍ ରାଜେନ୍ ବାବୁଙ୍କର ଏକ କରୁଣ ଚିତ୍କାର । ଧାଇଁ ଆସିଲା ସୁରଭି । ନିଜକୁ ସୁଦୃଢ଼ କରି ଛିଡ଼ା ହୋଇ ଆଖି ଖୋଲି ଚାହିଁଲା ପ୍ରିୟନାଥ, ରାଜେନ୍ ବାବୁଙ୍କ ହାତରୁ ଉଭାଲଭର ଛଡାଇ ନେଇ ପ୍ରୁତରେ ନିର୍ମମ ଭାବେ ଆଘାତ କଲେ ସେମାନେ । ରାଜେନ୍ ବାବୁ ଗଛ କାଟିଲା ପରି ତଳେ ପଡ଼ିଲେ ତଳେ । ସୁରଭିକୁ ଆକ୍ରମଣ କରିବା ପାଇଁ ଆଉ ଦଳେ ଛୁଟି ଆସିଲେ । ସମ୍ଭାଳି ପାରିଲା ନାହିଁ ପ୍ରିୟନାଥ । ଝାମ୍ପି ପଡ଼ିଲା ସେମାନଙ୍କ ଉପରକୁ । ଏତିକିବେଳେ କେଶୁଧର ଧାଇଁ ଆସି ପ୍ରିୟନାଥକୁ ଖଣ୍ଡେ ଲାଠି ବଢ଼ାଇ ଦେଲା । ଆଉ ନିଜେ ଖଣ୍ଡେ ଧରି ପଶିଗଲା ଗହଳି ଭିତରକୁ । ଏ ଆକ୍ରମଣର ସମ୍ମୁଖିନ ହେବାକୁ ଆଉ ସାହସ ନାହିଁ ଦୁର୍ବୃତ୍ତମାନଙ୍କର; ଛତ୍ରଭଙ୍ଗ ଦେଇ ପ୍ରାଣ ଆତଙ୍କରେ ଗୁଛିପିଟି ହୋଇ ପଳାଇଲେ ଯେ ଯୁଆଡ଼େ ।

—ସେମାନଙ୍କୁ ପ୍ରାଣ ନେଇ ପଳେଇବାକୁ ଦିଅ ପ୍ରିୟନାଥ, ସେମାନେ ବଞ୍ଚି ରୁହନ୍ତୁ, କ୍ଷୀଣ କଣ୍ଠରେ କହିଲେ ରାଜେନ୍ ବାବୁ । ପ୍ରିୟନାଥ ଫେରି ଚାହିଁଲା ରକ୍ତର ବନ୍ୟା ଛୁଟିଛି ଯେପରି । ରାଜେନ୍ ବାବୁଙ୍କ ମୁଣ୍ଡ ଆଉ ତଳି ପେଟରେ ବହିଛି ଛୁରୀ । ଖାଲୁର ଗୋଟାଏ ଅଂଶ ଲାଠି ମାଡରେ ଫାଟି ଚୌଚିର ହୋଇ ଯାଇଛି । ଉଃ ! କି ମର୍ମବିଦାରକ ଦୃଶ୍ୟ । ସୁରଭି ଭୋ••• ଭୋ ହୋଇ କାନ୍ଦି ଉଠିଲା ।

ଜୀବନର ଶେଷ ପ୍ରଦୀପ ଲିଭିବା ଉପରେ । ତଥାପି ହସି ହସି କହିଲେ ରାଜେନ୍ ବାବୁ—ସଂଗ୍ରାମ ପଥରେ ରକ୍ତ ପିଶାଚଙ୍କ ପାଖରେ ମୁଇଁ ପ୍ରଥମ ବଳି ନୁହେଁ ପ୍ରିୟନାଥ, ବିପ୍ଳବର ଇତିହାସ ମୋ ପରି କେତେ ଲକ୍ଷ କୋଟିଙ୍କ ଆତ୍ମ ଦାନରେ ସଂଜୀବିତ ହୋଇଛି । ଦୁଃଖ କରିବାର କିଛି ନାହିଁ । ତୁମେ ତ ବିପ୍ଳବୀ । ମୋର ଆଜି ବଡ଼ ଆନନ୍ଦ, ସମାଜର ଶୋଷିତ, ନିକ୍ଷେପିତର ଆତ୍ମ ପ୍ରତିଷ୍ଠା ଲାଗି ମୁଁ ଯେଉଁ ଶ୍ରେଷ୍ଠ ବିପ୍ଳବ ଆରମ୍ଭ କରିଛି ତାକୁ ଆଗେଇ ନେଇଯିବାରେ ତୁମେ ସୁରଭିକୁ ସାହାଯ୍ୟ କରିବ । କହି, ମର୍ମାନ୍ତିକ ବେଦନାରେ ସୁରଭି ଓ ପ୍ରିୟନାଥର ହାତ ଦୁଇଟିକୁ ମୁଣ୍ଡ ଉପରେ ଶେଷ-ଥର ପାଇଁ ଚାପି ଧରିଲେ । ତାପରେ ସବୁ ଶେଷ ।

ସମାଜର ବଞ୍ଚିତ ନିଷ୍ପେଷିତ ଗୋଷ୍ଠୀର ଜୀବମାନଙ୍କର ମଙ୍ଗଳ କଲ୍ୟାଣ ପାଇଁ ଜୀବନ ବ୍ୟାପି ଅବିରାମ ସଂଗ୍ରାମ ଓ ସଂଘର୍ଷ ଭିତରେ ଯେ ଏକ ଅନାଗତ ସମାଜବାଦର ସ୍ୱପ୍ନ ଦେଖୁଥିଲେ ତାର ଅବସାନ ହେଲା ଚିରଦିନ ପାଇଁ ।

ସେଇ ସଞ୍ଜରେ ରାଜେନ୍ ବାବୁଙ୍କର ଶବକୁ ଫୁଲମାଳାରେ ବିଭୂଷିତ କରି ସମସ୍ତ ସହରବ୍ୟାପୀ ପରିକ୍ରମା କରି ଏକ ବିରାଟ ପଟୁଆର ନାନା ସ୍ଲୋଗାନ ଭିତର ଦେଇ ଅମର ଶହୀଦଙ୍କର ଶେଷ ସଂସ୍କାର ପାଇଁ ଆସିଲେ ସ୍ୱର୍ଗଦ୍ୱାରକୁ ।

ସମୁଦ୍ରର ବାଲୁକା ଶଯ୍ୟା ଉପରେ କେତେଖଣ୍ଡ କାଠ ଉପରେ ଶବକୁ ରଖି ପ୍ରିୟନାଥ ଯେତେବେଳେ ଶେଷ ନିର୍ବାଣର ଅଗ୍ନି ସଂଯୋଗ କଲା, ତା ମୁହଁ ଏକ ରକ୍ତାକ୍ତ ପ୍ରତିଜ୍ଞାରେ କଠିନ ହୋଇ ଉଠିଲା । ଆକାଶ ଚୁମ୍ବି ଲେଲିହାନ ଶିଖାର ଆଲୋକରେ ବେଳାଭୂମିର ନିରନ୍ଧ୍ର ଅନ୍ଧକାର ଯେପରି ଆହୁରି ଭୟଙ୍କର ଦେଖାଗଲା । ଆଉ ସେହି ଭୟଙ୍କରତା ଭିତରେ ପ୍ରିୟନାଥ ଲକ୍ଷ କଲା···କିଛି ଦୂରରେ ଠିଆ ହୋଇଛି ସୁରଭି । ତା ଦୃଷ୍ଟି ସ୍ଥିର ଆଉ ଏକ ଅଗ୍ନି-ଶପଥର ଉଜ୍ଜ୍ୱଳ ଦୀପ୍ତିରେ ଚଞ୍ଚଳ !

ମଝିରେ ମଝିରେ ବେଳାଭୂମିର ନିସ୍ତବ୍ଧତାକୁ ପ୍ରକମ୍ପିତ କରି ସମବେତ କଣ୍ଠରେ ଶୁଭୁଥାଏ ଏକ ଅଗ୍ନି-ଶପଥର ସ୍ଲୋଗାନ ।



—ଲେ ଖ କ—



ଧାରାବାହିକ ଲେଖୁଛନ୍ତି ୧୯୩୨ ଠାରୁ । ୧୯୩୪ ରେ ସର୍ବ ପ୍ରଥମ ଉପନ୍ୟାସ ପ୍ରକାଶ ପାଏ 'ଉଦ୍‌ଭ୍ରାନ୍ତ' । ଗଞ୍ଜାମରେ ଅନୁଷ୍ଠିତ ନିଖିଳ ଉତ୍କଳ କବି ସମ୍ମିଳନୀରେ 'ବିରହିଣୀ' କବିତା ସର୍ବ ଶ୍ରେଷ୍ଠ ବିବେଚିତ ହୋଇ ସ୍ୱର୍ଣ୍ଣ-ପଦକ ପାଏ ସେଇ ୧୯୩୪ରେ । ପ୍ରଥମ ନାଟ୍ୟକାର, ଯେ 'ଧର୍ମପତ୍ନୀ' ସାମାଜିକ ନାଟକ ଲେଖି ବ୍ୟବସାୟୀ ରଙ୍ଗମଞ୍ଚ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପ୍ ଠାରୁ ପାରିଶ୍ରମିକ ପାଇଥିଲେ ଓଡ଼ିଆ କାବ୍ୟ ଜଗତରେ ସର୍ବପ୍ରଥମ ଗ ଦ୍ୟ କ ବି ତା 'ସେ' ଆତ୍ମ ପ୍ରକାଶ କଲା ୧୯୩୮ ରେ । ଏ ପର୍ଯ୍ୟନ୍ତ ପ୍ରକାଶ ପାଇଥିବା କବିତା, ନାଟକ, ଗଳ୍ପ, ଉପନ୍ୟାସର ସଂଖ୍ୟା ୩୨ ।

'ଲି ଲି' ପ୍ରକାଶନୀ
ରାଉରକେଲା—୧